୬ ଟି-୨୦ ବିଶ୍ୱକପ୍‌ର ବ୍ରାଣ୍ଡ ଆମ୍ବାସଡର ହେଲେ ଯୁବରାଜ ସିଂହ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

• ବର୍ଷ-୩୧ • ସଂଖ୍ୟା-୯୦ • ୨୭ ଅପ୍ରେଲ ୨୦୨୪, ଶନିବାର • ଭୁବନେଶ୍ୱର • Vol -31 • Issue-90 • 27th April 2024, Saturday • Bhubaneswar | Licensed to post without pre-payment of postage No- BN-60/22-24


# ଶେଷ ହେଲା ୨ୟ ପର୍ଯ୍ୟାୟ ଭୋଟଗ୍ରହଣ

**ନୂଆଦିଲ୍ଲୀ, ୨୬।୪**

ଦେଶରେ ଲୋକସଭା ନିର୍ବାଚନର ୨ୟ ପର୍ଯ୍ୟାୟ ମତଦାନ ସଂପନ୍ନ ହୋଇଛି। ଅପରାହ୍ଣ ୫ଟା ସୁଦ୍ଧା ୬୧ ପ୍ରତିଶତ ମତଦାନ ହୋଇଛି । ତେବେ କେତେକ ବୁଥ୍‌ରେ ଲୋକେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଭୋଟ ଦେବା ପାଇଁ ଧାଡ଼ି ହୋଇ ଛିଡା ହୋଇଥିବାରୁ ସେମାନଙ୍କୁ ଭୋଟଦାନ ପାଇଁ ସୁଯୋଗ ଦିଆଯାଇଛି। ଫଳରେ ଚୂଡ଼ାନ୍ତ ଭୋଟ ପ୍ରତିଶତରେ ପରିବର୍ତ୍ତନ ହୋଇପାରେ।



ଶୁକ୍ରବାର ଅପରାହ୍ଣ ୫ଟା ସୁଦ୍ଧା ତ୍ରିପୁରାରେ ସର୍ବାଧିକ ୭୬.୨ ପ୍ରତିଶତ ମତଦାନ ହୋଇଥିବା ବେଳେ ଏହା ପଛକୁ ମଣିପୁରରେ ୭୬.୧ ପ୍ରତିଶତ ଭୋଟ ହୋଇଛି । ଛତିଶଗଡ଼ରେ ୭୨.୧ ପ୍ରତିଶତ ମତଦାନ ହୋଇଛି । ସେହିପରି ଅପରାହ୍ଣ ୫ଟା ସୁଦ୍ଧା ପଶ୍ଚିମବଙ୍ଗ ଓ ଆସାମରେ ୭୦ ପ୍ରତିଶତରୁ ଅଧିକ ମତଦାନ ହୋଇଛି । ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଆସନରେ ମତଦାନ ହୋଇଛି।

କିନ୍ତୁ ଅପରାହ୍ଣ ୫ଟା ସୁଦ୍ଧା ଉତ୍ତରପ୍ରଦେଶରେ ୫୨.୬୪ ପ୍ରତିଶତ ଭୋଟ ହୋଇଥିବାବେଳେ ରାଜସ୍ଥାନରେ ୫୯ ପ୍ରତିଶତ, ମଣିପୁର ଓ ମହାରାଷ୍ଟ୍ରରେ ୫୩.୫୧ ପ୍ରତିଶତ, ବିହାରରେ ୫୩ ପ୍ରତିଶତ ମତଦାନ ହୋଇଛି। ଉତ୍ତରପ୍ରଦେଶର ଗୌତମ ବୁଦ୍ଧ ନଗରର ନୋଏଡାରେ ମାତ୍ର ୪୫.୬୦ ପ୍ରତିଶତ ମତଦାନ ହୋଇଛି।

ପ୍ରଥମ ପର୍ଯ୍ୟାୟ ପରି ଏହି ପର୍ଯ୍ୟାୟରେ ବି ମତଦାନ କମିବା କେବଳ ନିର୍ବାଚନ କମିଶନ ନୁହନ୍ତି, ସରକାରଙ୍କୁ ମଧ୍ୟ ଚିନ୍ତାରେ ପକାଇଦେଇଛି । ପ୍ରଥମ ପର୍ଯ୍ୟାୟରେ ୬୪ ପ୍ରତିଶତ ମତଦାନ ହୋଇଥିଲା । ପୁଣି ହିନ୍ଦୀଭାଷୀ ଅଂଚଳରେ ଭୋଟ ପ୍ରତିଶତ କମିବା ବିଜେପିକୁ ଚିନ୍ତାରେ ପକାଇଛି।

# ଜନଜାତି ଭାଇ ଭଉଣୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି

**ଉମରକୋଟ, ୨୬।୪**
**ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା ଶ୍ରୀ କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ନବରଙ୍ଗପୁର ଲୋକସଭା ନିର୍ବାଚନମଣ୍ଡଳୀର ଡାବୁଗାଁ ଓ ନବରଙ୍ଗପୁରରେ ନିର୍ବାଚନ ପ୍ରଚାର ଆରମ୍ଭ କରି ଦଳର ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାନସଭା ପ୍ରାର୍ଥୀ ମନୋହର ରନ୍ଧାରୀ ଓ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ କୌଶଲ୍ୟା ପ୍ରଧାନୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି । ୯୦ ପ୍ରତିଶତ ଭୋଟିଂ କରି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଥିଲେ। ଏହି ସଭାରେ ହଜାର ହଜାର ସଂଖ୍ୟାରେ ଲୋକେ ଉପସ୍ଥିତ ରହି ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।



ଶ୍ରୀ ପାଣ୍ଡିଆନ କହିଥିଲେ ଯେ ଏ ବିଶାଳ ଜନସମୁଦ୍ର ଦେଖି ବିରୋଧୀଙ୍କ ନିଦ ହଜିଛି। ସେମାନେ ଆତ୍ମବିଶ୍ୱାସ ହରେଇ ବସିଲେଣି। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣଙ୍କ ସ୍ନେହ ଶ୍ରଦ୍ଧା ଦେଖି ବିରୋଧୀ ବାଉଳା ହେଲେଣି।

ବିରୋଧୀଙ୍କୁ ନିଶାଣ କରି ସେ କହିଲେ ଯେ ଦିନେ ନ ଶୋଇଲେ ମୁଣ୍ଡ ବିନ୍ଧେ, ଦୁଇ-ତିନି ଦିନ ନିଦ ନ ହେଲେ ମୁଣ୍ଡ ବୁଲାଇବା ଆରମ୍ଭ କରେ। କିନ୍ତୁ ବର୍ଷେ ଦି ବର୍ଷ ନ ଶୋଇଲେ ଜାଣିଛନ୍ତି କଣ ହୁଏ ? ବାଉଳାମୀ ଆରମ୍ଭ ହୁଏ । ପଞ୍ଚାୟତ ନିର୍ବାଚନରେ ଆମେ ସବୁ ଜିଲ୍ଲାରେ ଜିତିଲୁ। ସେବେଠାରୁ ବିରୋଧୀଙ୍କ ଆଖିରେ ନିଦ ନାହିଁ। ତେଣୁ ସେମାନେ ବାଉଳା ହୋଇ ମିଛ ଗପୁଛନ୍ତି, ଏଣୁତେଣୁ ଗପୁଛନ୍ତି ।

ସେ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ବିଶାଳ ହୃଦୟ । ତାଙ୍କ ହୃଦୟରେ ଜନଜାତି ଭାଇଭଉଣୀମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି। ଆପଣମାନଙ୍କୁ ସେ ବହୁତ ଭଲ ପାଆନ୍ତି । ତାଙ୍କର ଦୃଢ଼ ବିଶ୍ୱାସ ଯେ ଜନଜାତି ସଶକ୍ତ ହେଲେ ଓଡିଶା ସଶକ୍ତ *(ପୃଷ୍ଠା ୭ରେ)*

# ୨୦୨୫-୨୬ରୁ ବର୍ଷକୁ ୨ ଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା !



**ନୂଆଦିଲ୍ଲୀ, ୨୬।୪**

ଏଣିକି ବର୍ଷକୁ ଦୁଇ ଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହେବ। ଆସନ୍ତା ୨୦୨୫-୨୬ ଶିକ୍ଷା ବର୍ଷରୁ ଏହି ନିୟମ ଲାଗୁ କରିବାକୁ ଶିକ୍ଷା ମନ୍ତ୍ରଣାଳୟ ଯୋଜନା କରୁଛି । ପିଲାଙ୍କୁ ଚାପ ମୁକ୍ତ ଓ ଅଧିକ ସୁଯୋଗ ଦେବା ଉଦ୍ଦେଶ୍ୟରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏପରି ଯୋଜନା କରାଯାଉଛି । ସେହିପରି ଏବେ ସେମିଷ୍ଟର ବ୍ୟବସ୍ଥା ପାଇଁ କୌଣସି ଯୋଜନା ନଥିବା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁସାରେ, ଏବେ କେବଳ ବର୍ଷକୁ ଦୁଇ ଥର ବୋର୍ଡ ପରୀକ୍ଷା କେମିତି ଅନୁଷ୍ଠିତ ହେବ, ତା ଉପରେ ସମସ୍ତ ପ୍ରକାରର ପଦକ୍ଷେପ ନେବାକୁ ଶିକ୍ଷା ମନ୍ତ୍ରଣାଳୟ ସିବିଏସ୍‌ଇକୁ କହିଛି।

ଏଥିସହ ଆସନ୍ତା ମାସରେ ବୋର୍ଡ ସମସ୍ତ ସ୍କୁଲର ପ୍ରିନ୍ସିପାଲମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ଦୁଇ ଥର ବୋର୍ଡ ପରୀକ୍ଷା ସମ୍ପର୍କରେ ସେମାନଙ୍କ ମତାମତ ସଂଗ୍ରହ କରିବାକୁ କୁହାଯାଇଛି।

୨୦୨୩ ମସିହା ଅଗଷ୍ଟ ୨୩ରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ ୨୦୨୦ ଜାତୀୟ ଶିକ୍ଷା ନୀତି ଅଧୀନରେ ନୂଆ କରିକୁଲମ ଫ୍ରେମୱାର୍କ ପ୍ରସ୍ତୁତ ହୋଇ ସାରିଛି। ଏଥିରେ ବର୍ଷକୁ ଦୁଇ ଥର ସିବିଏସ୍‌ଇ ବୋର୍ଡ *(ପୃଷ୍ଠା ୭ରେ)*


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# ୪୦ ଡିଗ୍ରୀ ଉପରେ ରାଜ୍ୟର ୩୨ ସହର, ୪୪.୬ ଡିଗ୍ରୀ ସହ ଅନୁଗୁଳ ସବୁଠୁ ଉତ୍ତପ୍ତ

**ଭୁବନେଶ୍ୱର, ୨୬।୪**
**ନ୍ୟୁଜ୍ ବ୍ୟୁରୋ**

ଗତ କିଛି ଦିନ ହେବ ରାଜ୍ୟବାସୀଙ୍କୁ କଲବଲ କରୁଥିବା ଗ୍ରୀଷ୍ମପ୍ରବାହ ଶୁକ୍ରବାରଠୁ ଅସମ୍ଭାଳ ହୋଇଛି । ସ୍ଥିତି ଯାହା ଥିଲା, ତାହାଠୁ ଆହୁରି ବିଗିଡ଼ିଛି । ଟାଣ ଖରା କଲବଲ କରିବା ସହ ଝାଞ୍ଜିମାଡ଼ରେ ଶରୀର ଝାଇଁଝାଇଁ ହୋଇଯାଉଛି । ଏପରି ସ୍ଥିତି ଆହୁରି ୫ ଦିନ ଲାଗିରହିବ ବୋଲି ମଧ୍ୟ ପାଣିପାଗ ବିଭାଗ କହିସାରିଛି । ସେଥିପାଇଁ ରେଡ ଓ୍ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସକାଳ ୧୧ରୁ ଅପରାହ୍ଣ ୩ଟା ଭିତରେ ଘରୁ ବାହାରିଲେ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ପାଣିପାଗ ବିଭାଗ।



ଏହାରି ମଧ୍ୟରେ ଶୁକ୍ରବାର ରାଜ୍ୟର ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ସେହିପରି ୧୨ ସହରର ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ୪୪.୬ ଡିଗ୍ରୀ ତାପମାତ୍ରା ସହ ଅନୁଗୁଳ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ବେଳେ ବୌଦ୍ଧରେ ୪୪.୫, ନୂଆପଡା ଏବଂ ବଲାଙ୍ଗୀରରେ ୪୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେବ। ସେଥିପାଇଁ ରେଡ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ରବିବାର କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ବୌଦ୍ଧ, *(ପୃଷ୍ଠା ୭ରେ)*

# ସୁପ୍ରିମ୍‌କୋର୍ଟ ବିରୋଧୀଙ୍କୁ ଶକ୍ତ ଚାପୁଡ଼ା ମାରିଛନ୍ତି: ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ, ୨୬।୪**

ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରେଲ (ଭିଭିପିଏଟି)କୁ ନେଇ ହୋଇଥିବା ଆବେଦନକୁ ଶୁକ୍ରବାର ଖାରଜ କରି ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଏହା ସହ ବାଲାଟ ପେପରରେ ଭୋଟିଂ କରିବାକୁ ନେଇ କରାଯାଇଥିବା ସମସ୍ତ ଆବେଦନକୁ ମଧ୍ୟ ଖାରଜ କରି ଦେଇଛନ୍ତି ଅଦାଲତ । ଏହାକୁ ନେଇ ଏବେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।



ପ୍ରଧାନମନ୍ତ୍ରୀ ଏହାକୁ ନେଇ କହିଛନ୍ତି ଯେ ବିରୋଧୀ ଦେଶକୁ କ୍ଷମା ମାଗିବା ଉଚିତ୍। ବିହାରର ଆରାରିଆରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ମନ୍ତବ୍ୟ ଆସିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଆମର ଗଣତନ୍ତ୍ର ପାଇଁ ଶୁଭ ଦିନ। ସୁପ୍ରିମକୋର୍ଟ ବିରୋଧୀଦଳଙ୍କ ମୁହଁରେ କଡ଼ା ଚାପୁଡ଼ା ମାରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଯେଉଁଠାରେ ବିଶ୍ୱ ଆମର ଗଣତନ୍ତ୍ର ଏବଂ ନିର୍ବାଚନ ପ୍ରକ୍ରିୟାକୁ ପ୍ରଶଂସା କରୁଛି, ବିରୋଧୀ ସେମାନଙ୍କ ବ୍ୟକ୍ତିଗତ ଲାଭ ପାଇଁ ତାହାକୁ ବଦନାମ କରୁଛନ୍ତି।

ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରେଲ (ଭିଭିପିଏଟି)କୁ ନେଇ ହୋଇଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ବାଲାଟ ପେପରରେ ଭୋଟିଂ କରିବାକୁ ନେଇ କରାଯାଇଥିବା ସମସ୍ତ ଆବେଦନକୁ ମଧ୍ୟ ଖାରଜ କରିବା ସହ ଇଭିଏମରେ ସବୁସ୍ଥାନରେ ଭୋଟିଂ କରିବାକୁ କ୍ଲିନଚିଟ ଦେଇଛନ୍ତି । ସୁପ୍ରମିକୋର୍ଟ ଇଭିଏମ ଜରିଆରେ ଦିଆଯାଇଥିବା ଭୋଟ ସହ ଭୋଟର ଭେରିଫାଏବଲ ପେପର ଅଡିଟ ଟ୍ରୋଲ (ଭିଭିପିଏଟି) ସ୍ଲିପ *(ପୃଷ୍ଠା ୭ରେ)*

# ଧର୍ମ ନାମରେ ଭୋଟ ମାଗିବାରୁ ଅଯୋଗ୍ୟ ଘୋଷଣା ହେବେ ମୋଦି !

**ନୂଆଦିଲ୍ଲୀ, ୨୬।୪**

ହିନ୍ଦୁ, ଶିଖ ଓ ଧର୍ମପୀଠ ନାଁରେ ଭାଜପା ପାଇଁ ଭୋଟ ମାଗୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ କୋର୍ଟରେ ମାମଲା ଦାୟର ହୋଇଛି । ଆସନ୍ତା ୬ ବର୍ଷ ପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଖଲ କରାଯାଇଛି। ୬ ବର୍ଷ ପାଇଁ ମୋଦିଙ୍କୁ ନିର୍ବାଚନ ଲଢିବାରୁ ଦୂରେଇ ରଖାଯାଉ ବୋଲି ଆବେଦନକାରୀ ଦାବି କରିଛନ୍ତି । କୋର୍ଟ ଏହାର ଶୁଣାଣି ଏପ୍ରିଲ ୨୯ ଅର୍ଥାତ ସୋମବାର କରିବେ। ଆଇନଜୀବୀ ଆନନ୍ଦ ଏସ ଜୋନଧାଲେ ଏପରି ଆବେଦନ କରିଛନ୍ତି । ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ସଚିନ ଦତ୍ତା ଏହାର ଶୁଣାଣି କରିଥାଆନ୍ତେ। କିନ୍ତୁ ସେ ୟୁଏପିଏ ଟ୍ରିବ୍ୟୁନାଲରେ ବସିଥିବାରୁ ଆବେଦନର ଶୁଣାଣି ହୋଇପାରି ନାହିଁ ।



ଆନନ୍ଦ ନିଜ ଆବେଦନରେ କହିଛନ୍ତି ଯେ, ମୋଦିଙ୍କୁ ଜନ ପ୍ରତିନିଧି ଆଇନ ଅନୁସାରେ ୬ ବର୍ଷ ପାଇଁ ନିର୍ବାଚନ କମିଶନର ଅଯୋଗ୍ୟ ଘୋଷଣା କରିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ। ଏଥିସହ ଆଗକୁ ମୋଦି ଯେମିତି କୌଣସି ଭଗବାନ କିମ୍ବା ଧର୍ମ ନାଁରେ ଭୋଟ ମାଗିବେ ନାହିଁ, ତାର ବ୍ୟବସ୍ଥା କରନ୍ତୁ।

# ଭିଭିପାଟ ଯାଞ୍ଚକୁ ନେଇ ହୋଇଥିବା ସମସ୍ତ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୬।୪**

ଭିଭିପାଟକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ଇଲେକ୍ଟ୍ରୋନିକ ଭୋଟିଂ ମେସିନ ସହ ଭିଭିପାଟ ଜରିଆରେ ବାହାରିଥିବା ପେପର ସ୍ଲିପର ୧୦୦ ପ୍ରତିଶତ ଯାଞ୍ଚ କରିବା ସଂକ୍ରାନ୍ତ ପିଟିସନକୁ ଖାରଜ କରିଛନ୍ତି କୋର୍ଟ । ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି କୌଣସି ବ୍ୟବସ୍ଥା ଉପରେ ଭାରସାମ୍ୟମୂଳକ ଦୃଷ୍ଟିଭଙ୍ଗୀ ଜରୁରୀ। କୌଣସି ପ୍ରକ୍ରିୟାକୁ ଦିଗହୀନ ଭାବେ ବିରୋଧ କରିବା ଅନୁଚିତ। ଯୁକ୍ତିଯୁକ୍ତଗତ ଭାବେ ସନ୍ଦେହ କରିବା ଠିକ୍ । ମାତ୍ର ବିନା କାରଣରେ ସନ୍ଦେହ କରିବାର ମାନେ କିଛି ନାହିଁ । ସଂହତି ରକ୍ଷା କରିବା ହିଁ ଗଣତନ୍ତ୍ରର କର୍ତ୍ତବ୍ୟ ଏହା ଉପରେ ଭରସା ରଖିବା ଆବଶ୍ୟକ। ତେବେ ଇଭିଏମର ମାଇକ୍ରୋକଣ୍ଟ୍ରୋଲରକୁ ଏକ ଇଞ୍ଜିନିୟର ଟିମ୍ ଯାଞ୍ଚ କରିବେ ବୋଲି କୋର୍ଟ କହିଛନ୍ତି।



ଏହା ସହ ବାଲଟ ପେପରରେ ମତଦାନ ନେଇ ହୋଇଥିବା ଆବେଦନକୁ ବି ଖାରଜ କରିଛନ୍ତି କୋର୍ଟ । ଇଭିଏମ ଦ୍ୱାରା ହିଁ ନିର୍ବାଚନ ହେବ। ୪୫ ଦିନ ଯାଏ ଭିଭିପାଟକୁ ସୁରକ୍ଷିତ ରଖାଯିବ *(ପୃଷ୍ଠା ୭ରେ)*

# ନୋଟାକୁ ସର୍ବାଧିକ ଭୋଟ ମିଳିବାରୁ ପୁନର୍ବାର ନିର୍ବାଚନ କରିବାକୁ ଦାବି

**ନୂଆଦିଲ୍ଲୀ, ୨୬।୪**

ଭୋଟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଶୁକ୍ରବାର ଲୋକସଭା ନିର୍ବାଚନ ୨୦୨୪ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ସମୟରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ଏଥିରେ ସୁପ୍ରିମକୋର୍ଟ ଯଦି ଅନ୍ୟ ପ୍ରାର୍ଥୀଙ୍କ ତୁଳନାରେ ନୋଟା ବା ସ୍ୱାଧୀନ ପ୍ରାର୍ଥୀ ଅଧିକ ଭୋଟ ପାଆନ୍ତି ତେବେ ପୁନଃ ନିର୍ବାଚନ ଦାବି ଉପରେ ନିର୍ବାଚନ ଆୟୋଗଙ୍କଠାରୁ ଜବାବ ମାଗିଛନ୍ତି । ପ୍ରେରଣାଦାୟକ ବକ୍ତା ଶିବ ଖେଡାଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଆବେଦନକୁ କୋର୍ଟ ଶୁଣାଣି କରିଛନ୍ତି।

ସୂଚନାଯୋଗ୍ୟ, ବର୍ତ୍ତମାନ ବ୍ୟବସ୍ଥା ହେଉଛି ଯେ ପ୍ରାର୍ଥୀଙ୍କ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ପ୍ରଚଣ୍ଡ ଖରା କାଟୁ ନାହିଁ ଜମା
ଘାରେ ନିର୍ବାଚନ ନିଶା
ହେଭିଓ୍ୱେଟ୍ ଅଣ୍ଡରଓ୍ୱେଟ୍
ଖେଳୁଥାନ୍ତି ସବୁ ପସା
ଆହାକି ଶାଣୀତ ଭାଷା
ନାଟକ ସବୁ ଜୋରଦାର ଚାଲେ
ହିଟ୍ ହେବାଟା ଆଶା ।

# ସ୍ତ୍ରୀଧନ ଉପରେ ନାହିଁ ସ୍ୱାମୀଙ୍କ ଅଧିକାର : ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୨୬।୪**

ଲୋକସଭା ନିର୍ବାଚନକୁ ନେଇ ମାହୋଲ ସରଗରମ ରହିଛି। ହେଲେ ଏହା ମଧ୍ୟରେ ସ୍ତ୍ରୀଧନ ଏବଂ ମଙ୍ଗଳସୂତ୍ର ନେଇ ଚାଲିଛି ନୂଆବିତର୍କ, ଯାହାକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଶୁଣାଇଛନ୍ତି । ସ୍ତ୍ରୀଧନ ସମ୍ପୂର୍ଣ୍ଣ ମହିଳାଙ୍କର, ଏଥିରେ ସ୍ୱାମୀ କି ଶ୍ୱଶୁର ଘରର କୌଣସି ଅଧିକାର ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

ସ୍ତ୍ରୀଧନ ଉପରେ ସମ୍ପୂର୍ଣ୍ଣ ଅଧିକାର କେବଳ ସ୍ତ୍ରୀର ରହିଥିବା ବେଳେ ସ୍ୱାମୀଙ୍କର ଏହି ସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ। କେବଳ ବିପଦ ସମୟରେ ସ୍ୱାମୀ ଏହାକୁ ବ୍ୟବହାର କରିପାରିବେ । ତେବେ ବିବାହିତ ମହିଳାଙ୍କ ଧନ ସମ୍ପତ୍ତି ଅଧିକାରକୁ ଆହୁରି ମଜଭୁତ କରିଛନ୍ତି ସୁପ୍ରିମକୋର୍ଟ । ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଦୀପଙ୍କର ଦତ୍ତ ଏକ ସ୍ତ୍ରୀଧନ ସମ୍ପର୍କିତ ମାମଲା ଶୁଣାଣି କରି ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି ।

ବିବାହ ପୂର୍ବରୁ, ବିବାହ ସମୟରେ, ବିବାହ ପରେ ସ୍ତ୍ରୀକୁ ମିଳିଥିବା ସମସ୍ତ ଜିନିଷ ଏଥିରେ ଅନ୍ତର୍ଭୁକ୍ତ । ବାପା ମାଆ, ସମ୍ପର୍କୀୟ, ସାଙ୍ଗସାଥିଙ୍କଠାରୁ ମିଳିଥିବାଗହଣା, ଆସବାବପତ୍ର, ଜମିବାଡି, ଘର, ଉପହାର ଆଦି ସବୁ ସ୍ତ୍ରୀଧନ ଅନ୍ତର୍ଭୁକ୍ତ। ଏଥିରେ ମହିଳାମାନଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି ଏବଂ ଏହାକୁ ସେମାନେ ନିଜ ଇଚ୍ଛା ମୁତାବକ ରଖିପାରିବେ କିମ୍ବା *(ପୃଷ୍ଠା ୭ରେ)*

# ୨୮ରେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୨୬।୪**
**ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ-୨୦୨୪ ପାଇଁ ଉଭୟ ଭାରତୀୟ ଜନତା ପାର୍ଟି (ବିଜେପି) ଓ ବିଜୁ ଜନତା ଦଳ (ବିଜେଡି) ନିର୍ବାଚନ ପ୍ରଚାର ଆରମ୍ଭ କରିସାରିଛନ୍ତି । କଂଗ୍ରେସ ମଧ୍ୟ ଖୁବ ଶୀଘ୍ର ରାଜ୍ୟରେ ନିର୍ବାଚନୀ ପ୍ରଚାର ଆରମ୍ଭ କରବାକୁ ଯାଉଛି । ଓଡ଼ିଶାରେ ନିର୍ବାଚନ ପ୍ରଚାର କରିବା ପାଇଁ ଲୋକସଭା ସାଂସଦ ରାହୁଲ ଗାନ୍ଧୀ ଆସନ୍ତା ୨୮ ତାରିଖ (ରବିବାର) ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେ କଟକ ଜିଲ୍ଲା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସତ୍ୟଭାମାପୁରରୁ ନିର୍ବାଚନ ପ୍ରଚାର ଆରମ୍ଭ କରିବା ସହ ଦଳୀୟ କର୍ମୀମାନଙ୍କର ମନୋବଳ ବଢାଇବେ। ସେଦିନ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ । ଏହା ପରେ ସାଲେପୁର ଯାଇ ଜନସଭାକୁ ସମ୍ବୋଧିତ କରିବେ ବୋଲି କଂଗ୍ରେସ ରାଜ୍ୟ ପ୍ରଭାରୀ ଅଜୟ କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶାରେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ବିଜେପି ନିର୍ବାଚନ ପ୍ରଚାର ଆରମ୍ଭ କରିସାରିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଦିନ ସୋନପୁରରେ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରି କର୍ମୀଙ୍କ ମନୋବଳ ବଢାଇଥିଲେ। ପରେ ସେ ଭୁବନେଶ୍ୱରସ୍ଥିତ ଏକ ମଣ୍ଡପରେ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଅପ୍ରେଲ, ଶନିବାର, ୨୦୨୪





# ନିଜକୁ ଫିଟ୍ ରଖିବା ପାଇଁ ଜିମ୍ ମୁହାଁ ସହରବାସୀ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଜୀବନ ବଞ୍ଚିବା ଶୈଳୀରେ ଆସିଛି ବ୍ୟାପକ ପରିବର୍ତ୍ତନ । ସମସ୍ତଙ୍କ ଚିନ୍ତା କେମିତି ନିଜକୁ ଫିଟ୍ ରଖିବା ଓ ଅନ୍ୟକୁ ଫିଟ୍ ରହିବା ପାଇଁ । କିଏ ଖେଳ କସରତ ତ ଆଉ କିଏ ଯୋଗାସନରେ ବ୍ୟସ୍ତ । ଏହାକୁ ନଜରରେ ରଖି ସହରରେ ଜିମ୍ ଗୁଡ଼ିକର ସଂଖ୍ୟା ବୃଦ୍ଧି ପାଉଛି । ଖେଳକୁଦ ତୁଳନାରେ ଜିମ୍‌ରେ କସରତ କରି ସୁନ୍ଦର ସ୍ୱାସ୍ଥ୍ୟ ଗଠନ କରିବାକୁ ଯୁବବର୍ଗଙ୍କ କ୍ଷେତ୍ରରେ ଉତ୍ସାହ ବଢ଼ିଛି । କେବଳ ଯୁବବର୍ଗ ନୁହଁନ୍ତି ବରଂ ବୟସ୍କ ତଥା ମହିଳାମାନେ ବି ନିଜକୁ ଫିଟ୍ ରଖିବା ପାଇଁ ଜିମ୍ ଯାଉଛନ୍ତି । ବ୍ୟସ୍ତବହୁଳ ଜୀବନରେ ନିଜ ମନପସନ୍ଦ ମୁତାବକ ସମୟ ବାଛି ଲୋକେ ଜିମ୍‌କୁ ଯାଉଛନ୍ତି । ଆଉ ଏହି ଅନୁସାରେ ଜିମ୍‌ଗୁଡ଼ିକ ଏକ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ ହୋଇଛି । ବ୍ରହ୍ମପୁର ସହରରେ ଏବେ ୩୦ରୁ ଅଧିକ ଜିମ୍ ଗଢ଼ିଉଠିଛି। ଆଉ ପ୍ରତି ଜିମ୍‌ରେ ଶତାଧିକ ଲୋକଙ୍କ ଗହଳି ହେଉଛି । ପୁରୁଷଙ୍କ ଅପେକ୍ଷା ଯୁବତୀ ସ ଗୃହିଣୀମାନେ ବି ନିଜକୁ ଫିଟ୍ ରଖିବା ପାଇଁ



ଜିମ୍‌ରେ ଭିଡ଼ ଲଗାନ୍ତି । ତେବେ ଅଧିକାଂଶ ଯୁବପିଢ଼ୀ କମ୍ ସମୟରେ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ସହଜ ଉପାୟ ଆପଣାଇଛନ୍ତି । ଯାହା ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ଡାକ୍ତରଙ୍କ ବିନା ପରାମର୍ଶରେ ବିଭିନ୍ନ ସପ୍ଲିମେଣ୍ଟ ଔଷଧ ଓ ଆନୋବୋଲିକ୍ ଷ୍ଟେରୋଏଡ୍‌କୁ ମନଇଚ୍ଛା ବ୍ୟବହାର କରୁଛନ୍ତି । ଯାହାକି ଚିନ୍ତାର କାରଣ ପାଲଟିଛି । ଏପରିକି ଅନେକ ଜିମ୍‌ରେ ସପ୍ଲିମେଣ୍ଟ୍ ଓ ଷ୍ଟେରୋଏଡ୍ ନେବା ପାଇଁ ପରାମର୍ଶ ଦିଆଯାଉଛି । ଏହାକୁ ବ୍ୟବହାର କରି ଖୁବ୍ କମ୍ ଦିନରେ ସିନା ସୁନ୍ଦର ଚେହେରା ହୋଇଯାଉଛି ହେଲେ ଅଜାଣରେ ଜୀବନ ବିପଦ ଆଡକୁ ଠେଲି ହୋଇଯାଉଛି । ଗତ ବର୍ଷ ହେଲା ଜିମ୍ ପ୍ରଶିକ୍ଷଣ ଦେଉଥିବା ତଥା ବରିଷ୍ଠ ବଡ଼ିବିଲଡର କହିବା ପ୍ରକାରେ ସୁନ୍ଦର ସ୍ୱାସ୍ଥ୍ୟ ଗଢ଼ିବା ହେଉଛି ଏକ ତପସ୍ୟା । ଏଥିପାଇଁ ନିଷ୍ଠାର ସହ କଠିନ ପରିଶ୍ରମ, ପୋଷଣଯୁକ୍ତ ଖାଦ୍ୟ ୮ ଘଣ୍ଟା ନିଦ୍ରା ଆବଶ୍ୟକ । ମାସେ କିମ୍ବା ୨ ମାସରେ ସୁନ୍ଦର ସ୍ୱାସ୍ଥ୍ୟ ହୋଇଯାଏ ନାହିଁ । ଏଥିପାଇଁ ବର୍ଷ ବର୍ଷ ଧରି ନିଷ୍ଠାର ସହ ପରିଶ୍ରମ କରିବାକୁ ପଡ଼ିଥାଏ । ହେଲେ ଆଜିକା ଯୁବପିଢ଼ିଙ୍କ ପାଖରେ ସେ ଧୈର୍ଯ୍ୟ ଆଉ ନାହିଁ । ରାତାରାତି ସୁନ୍ଦର ଓ ସୁଢ଼ଳ ଦେଖାଯିବା ପାଇଁ ସେମାନେ ସର୍ଟକଟ୍ ଉପାୟ ଆପଣାଇବାକୁ ଯାଇ ବିଭିନ୍ନ ସପ୍ଲିମେଣ୍ଟ, ଔଷଧ ଓ ଷ୍ଟେରୋଏଡ୍ ଆଦି ବ୍ୟବହାର କରୁଛନ୍ତି । ଫଳରେ ଏଥିରେ ହୃଦ୍‌ଘାତ, ଲୋ-ଟେଷ୍ଟୋଷ୍ଟେରନ୍ ଓ କିଡ୍‌ନି ଜନିତ ସମସ୍ୟା ପରି ବିଭିନ୍ନ ମାରାତ୍ମକ ରୋଗ ଦେଖିବାକୁ ମିଳୁଛି । ତେଣୁ ସମସ୍ତେ ଏଥିରୁ ନିବୃତ୍ତ ରହିବା ଆବଶ୍ୟକ । ଆଉ ଏଥିପାଇଁ ପ୍ରତ୍ୟେକ ଜିମ୍‌ରେ ସଚେତନ କରାଯିବା ଉଚିତ୍ ବୋଲି କହିଛନ୍ତି ।

# ପ୍ରବଳ ଗ୍ରୀଷ୍ମପ୍ରବାହରେ ବିଭିନ୍ନ ସ୍ଥାନରେ ନିଆଁ ଲଗାଉଛନ୍ତି ଅମାନିଆ

**ନରଣପୁର, ନ୍ୟୁଜ୍‌ବ୍ୟୁରୋ**

ସାରା ବିଶ୍ୱ ବଢୁଥିବା ତାପମାତ୍ରକୁ ନେଇ ଚିନ୍ତିତ ହେଉଥିବା ବେଳେ ସଚେତନତା ଅଭାବରୁ କିଛି ଅମାନିଆ ଯୁବକ ବିଭିନ୍ନ ସ୍ଥାନରେ ନିଆଁ ଲଗାଇ ଦେଉଛନ୍ତି । ଏବେ ଗ୍ରୀଷ୍ମ ପାଇଁ ସବୁଆଡ଼େ ଶୁଖିଲା ଘାସପତ୍ର ପଡ଼ିଥିବା ବେଳେ ଖୁବ୍ ଶୀଘ୍ର ନିଆଁ ଲାଗି ଦୂର ପର୍ଯ୍ୟନ୍ତ ବ୍ୟାପୀ ଯାଉଛି । ନରଣପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଏପରିକି ରାସ୍ତା ପାର୍ଶ୍ୱ, ଜଙ୍ଗଲ ପାଖ ଓ ଖୋଲା ପଡ଼ିଆମାନଙ୍କରେ ଅମାନିଆ ପିଲାମାନେ ନିଆଁ ଲଗାଉଥିବା ଦୃଷ୍ଟିକୁ ଆସୁଛି । ସାରା କେନ୍ଦୁଝର ଏବେ ପ୍ରବଳ ତାତିକୁ ନେଇ ସମସ୍ୟା ଭିତରେ ଥିବା ବେଳେ ଘରୁ ବାହାରକୁ ବାହାରିବା ଯେମିତି ଅସମ୍ଭବ ମନେ ହେଉଛି । ଏପରି ସ୍ଥଳେ ବିଭିନ୍ନ ସ୍ଥାନରେ ଏହିଭଳି କିଛି ଅମାନିଆ ପିଲାମାନେ ବିଭିନ୍ନ ସ୍ଥାନରେ ବୁଲି ବୁଲି ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳୁଛି । ଏପରି ଏକ ଘଟଣା ସୋମବାର ନରଣପୁର ଉପଖଣ୍ଡରେ ଦେଖିବାକୁ ମିଳିଥିଲା । ସଂସ୍କୃତି ଭବନ ପାର୍ଶ୍ୱରେ ନିଆଁ ଲଗାଇ ମଜା ନେଉଥିବା କିଛି ପିଲାଙ୍କୁ ସ୍ଥାନୀୟ ଲୋକେ ଧରି ଖୁବ୍ ଗାଳି କରିଥିଲେ । କମ୍ ସମୟ ଭିତରେ ଶୁଖିଲା ପଡ଼ିଆ ଓ ବିଲ ଭିତରେ ନିଆଁ ଝାସ ଉପରକୁ ଉଠି ଘରପୋଡ଼ିର ଭ୍ରମ ସୃଷ୍ଟି କରିଥିଲା । ରାସ୍ତାରେ ପ୍ରବଳ ମାତ୍ରାରେ ଧୂଆଁ ଓ ଗରମ ପବନ ପ୍ରବାହ ପାଇଁ ଗାଡ଼ିମୋଟର ଚଳାଚଳ ବ୍ୟାହତ ହେଉଥିଲା । ରାସ୍ତାରେ ଯାଉଥିବା ଲୋକେ ଅତିଷ୍ଠ ହୋଇ ପଡୁଥିବା ବେଳେ ଧୂଆଁମୟ ହୋଇ ରାସ୍ତା ଦେଖା ଯାଉନଥିଲା । ଗତ ଶନିବାର ନରଣପୁର ହଳଦିଆଟାଙ୍ଗିରି ଅଞ୍ଚଳରେ ମଧ କିଛି ଲୋକେ ଏହିପରି ନିଆଁ ଲଗାଇଦେବା ଯୋଗୁ ନିଆଁ ଝାସ ଖୁବ୍ ଉଚ୍ଚ ଯାଏ ଉଠିଥିଲା । ଶହ ଶହ ଲୋକେ ଘରପୋଡି ଭାବି ସେଠାକୁ ଧାଇଁ ଆସିଥିଲେ । ଏଭଳି ଅମାନିଆମାନେ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ମଧ ନିଆଁ ଲଗାଉଥିବା ଚର୍ଚ୍ଚା ହେଉଛି । ସେମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକେ ଦାବି କରୁଛନ୍ତି ।

# ଅମୃତିଆ ସମେତ ବିଭିନ୍ନ ସ୍ଥାନରେ ମା' ହିଙ୍ଗୁଳା ଯଜ୍ଞ ଆରମ୍ଭ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀ ଶ୍ରୀ ମା' ହିଙ୍ଗୁଳା ଦେବୀଙ୍କ ଯଜ୍ଞ ଆରମ୍ଭ ହୋଇଯାଇଛି । ଅମୃତିଆ ଗ୍ରାମରେ କଳସ ଶୋଭାଯାତ୍ରା ଗ୍ରାମ ପରକ୍ରମା କରିବା ପରେ ପୀଠରେ ପହଞ୍ଚିଥିଲା । ପରେ ଯଜ୍ଞୋତ୍ସବ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମା' ହିଙ୍ଗୁଳାଙ୍କ ପୀଠ ଗୁଡିକରେ ପ୍ରାତଃରୁ ଯଜ୍ଞ ଆରମ୍ଭ ହୋଇଥିଲା । ସେହିପରି ପାଣିକୋଇଲି, ସୋତି, ଓଟିନ୍ଦା ଓ ନୁରୁଙ୍ଗା ଗ୍ରାମରେ ମଧ୍ୟ ମା' ହିଙ୍ଗୁଳାଙ୍କ ପୂଜା ଆରମ୍ଭ ହୋଇଛି । ଏଥି ନିମନ୍ତେ ପ୍ରତି ଘରେ ଆମିଷ ନିଷେଧ କରାଯିବା ସହ ରାତ୍ରୀ ପାକ ବନ୍ଦ କରାଯାଇଥିଲା । ପୀଠ ଗୁଡିକରେ ଭକ୍ତ ଓ ଦର୍ଶକଙ୍କ ଭିଡ ଲାଗିଛି । ଅମୃତିଆରେ ୭ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଚାଲୁରହିବା ସହ ଅନ୍ୟ ସ୍ଥାନରେ ୫ ଦିନ କାର୍ଯ୍ୟକ୍ରମ କରାଯାଇଥିଲା ।

# ମିଲେଟ୍ ମିଶନରେ ଜାଲିଆତି

# ୩୫୦ କ୍ୱିଣ୍ଟାଲ କର୍ଣ୍ଣାଟକ ମାଣ୍ଡିଆ ଜବତ

**ନବରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ମିଲେଟ ମିଶନରେ ଜାଲିଆତି ଅଭିଯୋଗ । ନବରଙ୍ଗପୁର ଚାଷୀଙ୍କ ନାଁରେ କର୍ଣ୍ଣାଟକ ମାଣ୍ଡିଆ । ସୂଚନା ଯୋଗ୍ୟ ଯେ, ଏକ ମାଣ୍ଡିଆ ମଣ୍ଡିରେ ୩୫୦ କ୍ୱିଣ୍ଟାଲର ମାଣ୍ଡିଆ ଥିବା ଦେଖିବାକୁ ମିଳିଥିଲା । ସମ୍ପୃକ୍ତ ଟ୍ରକ୍ ଜବତ ପରେ ଏହି ମାଣ୍ଡିଆ କର୍ଣ୍ଣାଟକରୁ ଆସିଥିବା ଭଳି ତଥ୍ୟ ସାମନାକୁ ଆସିଛି । ନବରଙ୍ଗପୁର ଜିଲ୍ଲାରେ ମିଲେଟ ମିଶନର ସ୍ୱଚ୍ଛତା ନେଇ ବର୍ତ୍ତମାନ ସନ୍ଦେହ ସୃଷ୍ଟି ହୋଇଛି । କୃଷି ବିଭାଗଠାରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାରେ ୨୦୨୩-୨୪ ଖରିଫ ବର୍ଷରେ ୮ ହଜାର ୧୧ ହେକ୍ଟର ଜମିରେ ୧୫ ହଜାର ୩୨୦ ଜଣ ଚାଷୀ ମାଣ୍ଡିଆ ଚାଷ କରିଥିଲେ ।



ଜିଲ୍ଲାରେ ଚାଷୀଙ୍କ ଠାରୁ ମାଣ୍ଡିଆ ସଂଗ୍ରହ କରିବା ପାଇଁ ଏଫପିଓଙ୍କୁ ଦାୟିତ୍ୱ ଦିଆଯାଇଛି । ସମ୍ପୃକ୍ତ ଏଫପିଓ ଚାଷୀଙ୍କ ଠାରୁ ମଣ୍ଡି ମାଧ୍ୟମରେ ମାଣ୍ଡିଆ ସଂଗ୍ରହ କରି ଟିଡିସିସିକୁ ମାଣ୍ଡିଆ ବିକ୍ରି କରିବା ପାଇଁ ନିୟମ ରହିଛି । ହେଲେ ମଣ୍ଡିରେ ଜାଲିଆତି ଜାଣିଥିବା ନେଇ ମିଳିଛି ପ୍ରମାଣ ।

ମିଳିଥିବା ସୂଚନା ଅନୁଯାୟୀ, ଚାଷୀଙ୍କଠାରୁ ମାଣ୍ଡିଆ ସଂଗ୍ରହ ପାଇଁ ଗୋଟିଏ ଏଫପିଓ ଗୋବିନ୍ଦାଳୟକୁ ଆରଏମସିର ଗୋଦାମକୁ ଦିଆଯାଇଛି । ଉକ୍ତ ଗୋଦାମ ନିକଟରେ ଏକ ଟ୍ରକ୍ ମାଣ୍ଡିଆ ଭର୍ତ୍ତି ହୋଇ ରହିଥିବା ଦେଖିବାକୁ ମିଳିଥିଲା । ଏନେଇ ସନ୍ଦେହ ହେବାରୁ ସେହି ଗାଡିର ଡ୍ରାଇଭର ଏମ.ନାଗରାଜ ଓ ହେଲପର ମହମ୍ମଦ ଅଲ୍ଲିଙ୍କୁ ଅଟକାଇ ପ୍ରଶ୍ନ କରିଥିଲେ ସ୍ଥାନୀୟ ଲୋକେ । ଡ୍ରାଇଭର ଜଣକ କର୍ଣ୍ଣାଟକର ଗେରୀବିଡନୁରରୁ ଏହି ମାଣ୍ଡିଆ ଆସିଥିବା କହିଥିଲେ ।

ଚାଷୀଙ୍କ ଠାରୁ ମାଣ୍ଡିଆ ସଂଗ୍ରହ ହେବାର ନିୟମ ଥିବାବେଳେ ଏହି ମାଣ୍ଡିଆ କର୍ଣ୍ଣାଟକରୁ କିପରି ଏଠାକାର ଗୋଦାମକୁ ଆସିଲା ସେନେଇ ସନ୍ଦେହ ଉପୁଜିଥିଲା । ତେବେ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରିଥିଲେ ସ୍ଥାନୀୟଲୋକେ । ସେହି ଗାଡିକୁ ଅଟକ ରଖିବା ସହ ମାଣ୍ଡିଆକୁ ଜବତ କରାଯାଇଛି ବୋଲି ଆରଏମସି ସମ୍ପାଦକ କପିଳେନ୍ଦ୍ର ସାସମଲ କହିଛନ୍ତି । କେବଳ ନବରଙ୍ଗପୁର ବ୍ଲକର ଚାଷୀଙ୍କଠାରୁ ହିଁ କିଣିବାର ନିୟମ ରହିଛି । ହେଲେ ଏହି ନିୟମର ଉଲ୍ଲଘଂନ କରାଯାଉଥିବା ନେଇ ଅଭିଯୋଗ ହୋଇଛି ।

# ଗୁପ୍ତକ୍ଷେତ୍ର ସଖୀବଟରେ ପ୍ରବଚନ ଓ ଭଜନ ସମାରୋହ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପ୍ରସିଦ୍ଧ ବଳଦେବ ସଂସ୍କୃତିର ଅନନ୍ୟ ପ୍ରାଚୀନ ଗୁପ୍ତକ୍ଷେତ୍ର ସଖୀବଟରେ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଖୀବଟ ମହାପୁରୁଷ ଟ୍ରଷ୍ଟ ବୋର୍ଡ ଓ ଦ୍ୱାବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ ପକ୍ଷରୁ ଦ୍ୱିତୀୟ ସନ୍ଧ୍ୟାରେ ବାଗ୍‌ଦେବୀ କଳାମନ୍ଦିର ଭରତପୁର ଦ୍ୱାରା ଅନୁଷ୍ଠିତ ଭଜନ ସମାରୋହରେ ଲୋକପ୍ରିୟ କଣ୍ଠଶିଳ୍ପୀ ରବିନ୍ଦ୍ର ମହାପାତ୍ର, ସୌମ୍ୟ ଦାଶ, ସୁପ୍ରିୟା ଦାସ, ରୋହିତ ପାତ୍ର, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ ପ୍ରଭୃତି ଭଜନ ପରିବେଷଣ କରିଥିଲେ । ସେହିପରି ତୃତୀୟ ସନ୍ଧ୍ୟାରେ ପ୍ରବଚକ ମେଜର ଭରତ ଚନ୍ଦ୍ର ଜେନା, ଭିକାରୀ ଚରଣ ପ୍ରଧାନ ଯୋଗ ଦେଇ ଭାଗବତ କଥା ଓ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ଦେଇଥିଲେ । ଚତୁର୍ଥ ସନ୍ଧ୍ୟାରେ ମା' ବାସନ୍ତୀ ଭଜନ ମଞ୍ଚ



କଟକ ପକ୍ଷରୁ ଲୋକପ୍ରିୟ ଆଲବମ ଭଜନ ଗାୟକ କୁମାର ଦିଲୀପ, କୁମାର ପପୁ, ସୁଶ୍ରୀ ସନ୍ଧ୍ୟାରାଣୀ, ସୁଶ୍ରୀ ରୋଜାଲିନୀ, ସୁଶ୍ରୀ ଚିନ୍ମୟୀ ପ୍ରମୁଖ ଚିତାକର୍ଷକ ଭଜନ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ନୃତ୍ୟ, ସଙ୍ଗୀତ, ସାଂସ୍କୃତିକ ପ୍ରମୁଖ କାର୍ଯ୍ୟକ୍ରମ କରାଯାଇଥିଲା । ସଖୀବଟ ପରିସରରେ ମହାପ୍ରଭୁଙ୍କ ଦର୍ଶନ ଓ ଯଜ୍ଞ ଦେଖିବା ସହ ପୀଠ ପରିସରରେ ଯଜ୍ଞ ଝାଙ୍କି ଦେଖିବାକୁ ଶ୍ରଦ୍ଧାଳୁଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଛି । ଟ୍ରଷ୍ଟବୋର୍ଡ ସଭାପତି ତଥା ମାର୍ଶାଘାଇର ତହସିଲଦାର ଶ୍ରୀକାନ୍ତ କୁମାର ପରିଜାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ଇଂ ତୀର୍ଥବାସୀ ପଣ୍ଡା ଦିନବନ୍ଧୁ ସ୍ୱାଇଁଙ୍କ ସମେତ ସଦସ୍ୟ ଇଂ ଅକ୍ଷୟ କୁମାର ପାଣି, ବୈଷ୍ଣବ ଚରଣ ସ୍ୱାଇଁ, ଅଭୟ ପତ୍ରୀ, ସମୀର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

# ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଜଳ ସେବା କେନ୍ଦ୍ର

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ଭାରତ ସ୍କାଉଟ ଏଣ୍ଡ ଗାଇଡ ପକ୍ଷରୁ ପାଣିକୋଇଲି ଓଭରବ୍ରିଜ ତଳେ ସ୍କାଉଟ ମାଷ୍ଟର କାହ୍ନୁ ଚରଣ ନାୟକଙ୍କ ନେତୃତ୍ୱରେ ଜଳସେବା କେନ୍ଦ୍ର ଆରମ୍ଭ ହୋଇଥିଲା । ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ୩୨ ଜଣ ସ୍କାଉଟ ଓ ୨୪ଜଣ ଗାଇଡ୍ ଛାତ୍ର/ଛାତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ପଥାଚାରୀ ମାନଙ୍କୁ ଦହି ସର୍ବତ ବଣ୍ଟନ କରିଥିଲେ । ଛାତ୍ର/ଛାତ୍ରୀଙ୍କ ନିଜସ୍ୱ ଅର୍ଥରେ ଏହି କାର୍ଯ୍ୟକ୍ରମ ଚାଲୁ ରଖିଥିବାରୁ ସାଧାରଣରେ ସେମାନଙ୍କୁ ପ୍ରଶଂସା କରାଯାଇଛି ।

# ମୋବାଇଲ୍‌କୁ ଆସୁଛି ନକଲି ଇ-ଚାଲାଣ : ସତର୍କ କରାଇଲା ପରିବହନ ବିଭାଗ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଲୋକଙ୍କୁ ଠକିବାକୁ ନୂଆ ଯୋଜନା କରିଛନ୍ତି ସାଇବର୍ ଠକ । ଇ-ଚାଲାଣ ପୈଠ ପାଇଁ ଏକ ନକଲି ୱେବ୍‌ସାଇଟ୍ ଖୋଲି ଲୋକଙ୍କୁ ଚୂନ ମାରୁଛନ୍ତି । ଏହି ଘଟଣା ପଦାକୁ ଆସିବା ପରେ ପରିବହନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି । ଏ ସଂପର୍କରେ ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦିଆଯିବା ସହ ସଚେତନତା ସୃଷ୍ଟି କରାଯାଇଛି । ସୂଚନାନୁଯାୟୀ, ଠକ ଏବେ ଲୋକଙ୍କ ମୋବାଇଲ୍‌କୁ ମେସେଜ୍ କରୁଛନ୍ତି । ସେଥିରେ ଦର୍ଶାଯାଉଛି ଯେ ଆପଣଙ୍କ ଗାଡ଼ି ଟ୍ରାଫିକ୍ ନିୟମ ଉଲ୍ଲଘଂନ କରିଥିବାରୁ ୫୦୦ ଟଙ୍କାର ଚାଲାଣ କଟା ଯାଇଛି । ଅନଲାଇନ ମାଧ୍ୟମରେ ଚାଲାଣ ପୈଠ କରିବା ପାଇଁ http://echallanparivahan.in/ ଲିଙ୍କରେ କ୍ଲିକ୍ କରନ୍ତୁ, ନଚେତ ଆରଟିଓ ଅଫିସ ସହିତ ଯୋଗାଯୋଗ କରନ୍ତୁ । ତେବେ ଯେଉଁମାନେ ଆଗପଛ ବିଚାର ନ କରି ଏହି ଲିଙ୍କ୍ ଖୋଲୁଛନ୍ତି, ସେମାନେ ଠକେଇର ଶିକାର ହେଉଛନ୍ତି । ପରିବହନ ବିଭାଗର ୱେବ୍‌ସାଇଟ୍ ଭଳି ଅବିକଳ ଦେଖାଯାଉଥିବାରୁ ସାଧାରଣ ଲୋକେ ସାଇବର ଠକଙ୍କ କରାମତିକୁ ସହଜରେ ଠଉରାଇ ପାରୁନାହାନ୍ତି । ଟ୍ରାଫିକ ଇ-ଚାଲାଣକୁ ନେଇ ଏଭଳି ନୂଆ ଠକେଇ ସାମ୍ନାକୁ ଆସିବା ପରେ ଏଥିରେ ରୋକ୍ ଲଗାଇବା ପାଇଁ ଜନସାଧାରଣ ସତର୍କ ରହିବାକୁ ପରିବହନ ବିଭାଗ ସଚେତନ କରିଛି । କୌଣସି ଲିଙ୍କ୍ ଉପରେ କ୍ଲିକ୍ କରିବା ପୂର୍ବରୁ ତାହାକୁ ଠିକ୍ ଭାବେ ପରଖିବାକୁ କୁହାଯାଇଛି । ସାଇବର ଠକ ପଠାଉଥିବା http://echallanparivahan.in/ ଲିଙ୍କଟି ବିଭାଗର ନୁହଁ ବୋଲି ବିଭାଗ ସ୍ପଷ୍ଟ କରିଛି । ବିଭାଗର ୱେବ୍‌ସାଇଟ୍ ଲିଙ୍କ୍ http://echallan.parivahan. gov.in/ ବୋଲି 'ଏକ୍ସ'ରେ ସୂଚନା ଦିଆଯାଇଛି ।

# ଶନିଶ୍ଚର ପୀଠରେ ପ୍ରତିଷ୍ଠା ହେଲା ବଟମହାବୀରଙ୍କ ମନ୍ଦିର



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ଜନାର୍ଦ୍ଦନପୁର ଠାରେ ଅବସ୍ଥିତ ପ୍ରସିଦ୍ଧ ଶନିଶ୍ଚର ପୀଠରେ ସ୍ଥାନୀୟ ଉତ୍ସାହୀ ଯୁବକମାନଙ୍କ ଉଦ୍ୟମ ରେ ମହାବୀର ହନୁମାନଙ୍କ ମନ୍ଦିର ସ୍ଥାପନ କରାଯାଇଛି । ଶନିଶ୍ଚର ପୀଠକୁ ପ୍ରବେଶ ଦ୍ୱାରରେ ଅବସ୍ଥିତ ବଟବୃକ୍ଷ ମୂଳରେ ହନୁମାନଙ୍କ ବିଗ୍ରହ ସ୍ଥାପନ କରାଯାଇଥିବାରୁ ବଟ ମହାବୀର ବୋଲି ନାମିତ ହୋଇଛି । ଶନିଶ୍ଚର ପୀଠକୁ ଆସୁଥିବା ଭକ୍ତମାନେ ପ୍ରଥମେ ବଟ ମହାବୀରଙ୍କୁ ଦର୍ଶନ କରି ଶନିଦେବଙ୍କୁ ଦର୍ଶନ କରିବେ । ତେବେ ଶନିଶ୍ଚର ପୀଠ ସନ୍ନିକଟ ରେ ମହାଦେବ ମନ୍ଦିର, ଦଶଭୁଜା ମନ୍ଦିର, ଅନକୁଳ ଚନ୍ଦ୍ରଙ୍କ ମନ୍ଦିର, ମହାବୀର ହନୁମାନଙ୍କ ମନ୍ଦିର ସ୍ଥାପନ ହେବାରୁ ସେଠାରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହେବା ସହ ପୀଠର ମାହାତ୍ମ୍ୟ ବୃଦ୍ଧି ପାଇଛି । ପ୍ରକାଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ସ୍ଥାନୀୟ ଯୁବକମାନେ ସହାୟତା କରିଥିଲେ । ଉତ୍ସାହୀ ଯୁବକ ମାନଙ୍କର ସାଧୁ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

# ବୌଦ୍ଧ ଶିଶୁ ବିଦ୍ୟା ମନ୍ଦିରରେ ଅଭିଭାବକ ସମ୍ମିଳନୀ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ପରିଚ୍ଚାଳନା କମିଟିର ସମ୍ପାଦକ ଶ୍ରୀ ପ୍ରଧାନଙ୍କ କରକମଳରେ ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା । ଏହା ସହ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଧରଣୀ ଧର ପରିଡ଼ା ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ସହ ସମ୍ପାଦକ ସନ୍ତୋଷ କୁମାର ପୁରୋହିତ, ସହ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ, ବରିଷ୍ଠ ଗୁରୁଜୀ ନବୀନ ସାହୁ ମଞ୍ଚରେ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ୭୦ ରୁ ଅଧିକ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ । ବିଦ୍ୟାଳୟର ଗୁରୁଜୀ ଗୁରୁମା, ସେବକ ସେବିକା ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୁରୁତର ମହିଳାଙ୍କୁ ଉଦ୍ଧାର ପରେ ଚିକିତ୍ସା ସେବା ଯୋଗାଇଲା 'ସ୍ୱଇଚ୍ଛା'

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଭାଲୁପାଲି ଅଞ୍ଚଳରେ ବସବାସ କରୁଥିବା ମୁଣ୍ଡା ଜନଜାତିର ବେଲମତୀ ମୁଣ୍ଡା ନାମ୍ନୀ ଜନୈକା (୧୯) ବର୍ଷିଆ ବିବାହିତା ମହିଳା ଗତ ୨୦ ଦିନ ତଳେ ଗୁରୁତର ଭାବେ ନିଆଁରେ ପୋଡ଼ି ଯାଇଥିଲେ । ସଚେତନତା ଅଭାବରୁ ଡାକ୍ତରଖାନାକୁ ନ ଯାଇ ଝଡାଫୁଙ୍କା ସହ ଘରୋଇ ଉପଚାରରେ କଦଳୀପତ୍ର ଗୁଡ଼ାଇ ଘରେ ରହିଥିଲେ । ମାତ୍ର ବର୍ତ୍ତମାନର ଅସହ୍ୟ ଗରମରେ ପୋଡ଼ି ଯାଇଥିବା ସ୍ଥାନ ଗୁଡ଼ିକ ଶୁଖିବା ପରିବର୍ତ୍ତେ ସଂକ୍ରମଣ ହୋଇ ଭୀଷଣ ଯନ୍ତ୍ରଣାର କାରଣ ପାଲଟି ଥିଲା । ଏହି ଖବର ପାଇ 'ସ୍ୱଇଚ୍ଛା' ଅନୁଷ୍ଠାନର କର୍ମକର୍ତ୍ତାମାନେ ତୁରନ୍ତ ବେଲମତୀଙ୍କୁ ଉଦ୍ଧାର କରି ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ବୁର୍ଲା ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଡାକ୍ତରଙ୍କ ପରାମର୍ଶ କ୍ରମେ ବେଲମତୀଙ୍କୁ ଚିକିତ୍ସା ସେବା ଯୋଗାଯିବା ସହ ତାଙ୍କର ପ୍ଲାଷ୍ଟିକ ସର୍ଜରୀ କରାଯିବ । ଏଥିପାଇଁ ଯାହା କିଛି ସାହାଯ୍ୟ ସହଯୋଗ ଦରକାର ତାହା 'ସ୍ୱଇଚ୍ଛା' ଅନୁଷ୍ଠାନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି ।

# ପଲ୍ଲିଶ୍ରୀ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ବିଗତ ବର୍ଷମାନଙ୍କ ଭଳି ଚଳିତ ୨୦୨୪ ରଥଯାତ୍ରାରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯିବ । ଏହି ମେଳା ବିଗତ ବର୍ଷ ମାନଙ୍କ ପରି ଶରଧାବାଲି ନିକଟ ଭୋଳାନାଥ ବିଦ୍ୟାପୀଠ ଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ପଲ୍ଲିଶ୍ରୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଦେଶ ବିଦେଶର ଲକ୍ଷ ଲକ୍ଷ ଲୋକମାନଙ୍କ ସମାଗମ ହେଉଥିବା ହେତୁ ପଲ୍ଲିଶ୍ରୀ ମେଳାକୁ ଅଧିକ ଆକର୍ଷଣୀୟ ଓ ସୁନ୍ଦର ଭାବେ ସମ୍ପାଦନର ଆବଶ୍ୟକତା ରହିଛି । ପୂର୍ବ ବର୍ଷର ଅନୁଭବ ଓ ଅଭିଜ୍ଞତା ଆଧାରରେ ଏହାକୁ ଅଧିକ ଶୃଙ୍ଖଳିତ, ଲୋକାଭିମୁଖୀ ଓ ଆକୃଷ୍ଟ କରାଯିବ ବୋଲି ସେ କହିଥିଲେ । ଗତବର୍ଷର ୨୭୫ ଷ୍ଟଲକୁ ଚଳିତ ବର୍ଷ ୩୦୦ କୁ ବୃଦ୍ଧି ସହ ଆକର୍ଷଣୀୟ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ ପଲ୍ଲିଶ୍ରୀ ମେଳା ସମ୍ପର୍କରେ ବିଗତ ବର୍ଷର ତଥ୍ୟ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ପଲ୍ଲିଶ୍ରୀ ମେଳା ଆୟୋଜନର ବିବିଧ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସୂଚନା ଦେଇଥିଲେ । ପୂର୍ତ୍ତ ବିଭାଗ ପକ୍ଷରୁ ମେଳା ସ୍ଥଳକୁ ସମତୁଲ କରିବା, ପୌରପାଳିକା ମେଳା ସ୍ଥଳକୁ ପରିଷ୍କାର ପରିଛନ୍ନ ରଖିବା, ସଫେଇ କର୍ମଚାରୀଙ୍କୁ ନିୟୋଜିତ କରିବା, ପୁରୁଷ ଓ ମହିଳା ମାନଙ୍କ ପାଇଁ ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରିବା, ୫ଟି ହୁଇଲ ଚେୟାର ଉପଲବ୍ଧ କରାଇବା, ୱାଟକୋ ଓ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ଓ ଶୌଚାଳୟ ବ୍ୟବସ୍ଥା, ବିଦ୍ୟୁତ ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମେଳାର ପ୍ରଚାର ପ୍ରସାର କରାଇବା, ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବ୍ୟବସ୍ଥା କରିବା, ଆରକ୍ଷୀ ବିଭାଗ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା ଓ ଓରମାସ ପକ୍ଷରୁ ଷ୍ଟଲ, ସାଜସଜ୍ଜା, ଯୋଗାଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏଡିଏମଓ ଡା. ବିରଜା ଶଙ୍କର ରଥ, ପୌର ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଡିଆଇସି ଅମୂଲ୍ୟ କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଶତ ପ୍ରତିଶତ ଭୋଟ୍‌ଦାନ କରି ଗଣତାନ୍ତ୍ରିକ ଅଧିକାରକୁ ସୁନିଶ୍ଚିତ କରିବାକୁ ଆହ୍ୱାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କୁହାଯାଏ ବୁଟ୍ ଠାରୁ ବାଲଟ୍ ଅଧିକ ଶକ୍ତିଶାଳୀ । ତେଣୁ ଭାରତୀୟ ଗଣତନ୍ତ୍ରର ଏକ ସୁସ୍ଥ ଓ ସମୃଦ୍ଧ ପରମ୍ପରା ଗଠନ ସହ ନିର୍ବାଚନର ଏହି ମହାପର୍ବରେ ସାମିଲ ହୋଇ ଶତ ପ୍ରତିଶତ ଭୋଟ୍‌ଦାନ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ । ମହାକାଳପଡ଼ା ଗସ୍ତ କରି କହିଛନ୍ତି ନଦୀର ଜଳ ପରି ଭୋଟଦାନ ସେଚେତନାର ବାର୍ତ୍ତା ବହିଯାଉ ପ୍ରାଣକୁ ପ୍ରାଣକୁ । ବତୀଘର ପରି ଭୋଟ୍‌ଦାନ ଜାଗରଣର ପ୍ରଦୀପ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଟି ହୃଦୟରେ ଜଳି ଉଠୁ ଓ ଅଜ୍ଞତାର ଅନ୍ଧକାରକୁ ଦୂରୀଭୂତ କରି ଭୋଟ୍‌ଦାନ ଅଧିକାରକୁ ସୁନିଶ୍ଚିତ କରନ୍ତୁ ଆମ ଜିଲ୍ଲାବାସୀ । ସ୍ୱିପ୍(ସିଷ୍ଟମେଟିକ୍ ଭୋଟରସ ଇଜୁକେସନ ଆଣ୍ଡ ଇଲେକ୍ଟୋରାଲ୍ ପାଟିସିପେସନ୍) କାର୍ଯ୍ୟକ୍ରମରେ ବତୀଘର, ରାମନଗର ଆଦି ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଖରନାସୀ ଘାଟ ଓ ବାହାକୁଦ ଘାଟକୁ ଡଙ୍ଗାରେ ଅତିକ୍ରମ କରି ଘରଘର ବୁଲି ସେଚେତନାର ବାର୍ତ୍ତା ବାଂଟିଥିଲେ ଜିଲ୍ଲା ନିର୍ବାଚନ ଅଧିକାରୀ । ଦୈନନ୍ଦିନ ଖର୍ଚ୍ଚ ପାଇଁ ଏହି ଅଂଚଳର ଅଧିକାଂଶ ଲୋକ ସାଧାରଣତଃ ପାରାଦ୍ୱୀପକୁ ରୋଜଗାର ଉଦ୍ଦେଶ୍ୟରେ ଯାଇଥାନ୍ତି । ମାତ୍ର ଜୁନ୍ ୧ ତାରିଖରେ କାର୍ଯ୍ୟରୁ ବିରତ ରହି ଭୋଟଦାନ ଅଧିକାରକୁ ସୁନିଶ୍ଚିତ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଆହ୍ୱାନ ରଖିଥିଲେ । ବୁଥ୍ ସ୍ତରରେ ଲୋକଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ତଥା ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ତଥା ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର୍ ଅଶୋକ କୁମାର ଦାସ, ସ୍ଥାନୀୟ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ସାଗର କୁମାର ନନ୍ଦ, ବ୍ଲକ୍ ଓ ତହସିଲ୍ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ସଉଦା ହରାଉଛି ପରିବା ବଜାର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରର ସର୍ବ ପୁରାତନ ହରିଡ଼ାଖଣ୍ଡି ବଜାର । ସହରର ଅନ୍ୟତମ ବ୍ୟସ୍ତବହୁଳ ଓ ଜନଗହଳି ଇଲାକା ବାଲୁଙ୍କେଶ୍ୱର ଛକ ନିକଟ ହରିଡ଼ାଖଣ୍ଡି ଛକଠୁ ଆରମ୍ଭ ଏହି ବଜାର । ଇତିହାସକୁ ଅବଲୋକନ କଲେ ଜଣାପଡ଼େ ବହୁ ବର୍ଷ ତଳେ ଏଠାକୁ ବିଭିନ୍ନ କାଠ ବୋଝେଇ ଶଗଡ଼ ଏହି ବଜାରକୁ ଆସୁଥିଲା । ଏଠାରେ ଥିବା ମିଲ୍ ତଥା କରତକଳରେ କାଠ କଟାଯାଉଥିଲା । ସମୟଚକ୍ରରେ ଆଜି ବିଭିନ୍ନ କରତକଳ ବନ୍ଦ ହୋଇସାରିଛି । କାଁ ଭାଁ ହାତ ଗଣତି କେବଳ କିଛି କାଠମେଣ୍ଟୁ ଅଛି । ବର୍ତ୍ତମାନ ସମୟରେ ହରିଡ଼ାଖଣ୍ଡି ବଜାର କହିଲେ କିଛି ପନିପରିବା ଦୋକାନ, ଆମିଷ ବିକ୍ରି ପସରା, ପୁରୁଣା ସାଇକେଲ୍ ମାର୍ଟ, ଚାଉଳ ଓ ତେଜରାତି ଦୋକାନକୁ ବୁଝାଉଛି । ବିଶେଷ କରି ଏହି ବଜାର ଉପରେ ଫାଷ୍ଟଗେଟ୍ ଅଞ୍ଚଳଠୁ ଆରମ୍ଭ କରି ନିକଟ ହରିଡ଼ାଖଣ୍ଡି, ଅମ୍ବିକାନଗର, ଲକ୍ଷ୍ମୀନୃସିଂହ ସାହି ଓ କେନାଲ୍ ସାହି ବାସିନ୍ଦା ନିର୍ଭରଶୀଳ । ହୋଲ୍‌ସେଲ୍ ବେପାରୀଙ୍କ ଠାରୁ ଜିନିଷପତ୍ର କିଣି ଏଠାରେ ବ୍ୟବସାୟୀମାନେ ବେପାର କରିଥାନ୍ତି ।



ସେହିପରି ବିଭିନ୍ନ ସ୍ଥାନରୁ ଅନେକ ମହିଳା ମାଛ ବ୍ୟବସାୟୀ ମଧ ବିଭିନ୍ନ କିସମର ମାଛ ଓ ଚିଙ୍ଗୁଡ଼ି ଆଣି ଏଠାରେ ବିକ୍ରି କରୁଛନ୍ତି । କିଛି ପୁରୁଣା ବ୍ୟବସାୟୀଙ୍କ ସହ ଆଲୋଚନା ବେଳେ ସେମାନେ କହିଛନ୍ତି ବହୁ ବର୍ଷ ତଳେ ବ୍ୟବସାୟୀମାନେ ବାଲୁଙ୍କେଶ୍ୱର ମନ୍ଦିର ଛକ ନିକଟରେ ବୋର କରୁଥିଲେ । କିନ୍ତୁ ଏହି ରାସ୍ତା ଦେଇ ଅନେକ ଭାରୀଯାନ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଲା । ଫଳରେ ହରିଡ଼ାଖଣ୍ଡି ରାସ୍ତା ନିକଟରେ ଥିବା କେନାଲ୍ ଉପରେ ଜାଗା ଯୋଗାଇ ଦିଆଯାଇଥିଲା । ତତ୍‌କାଳୀନ ପୌରପାଳିକା କର୍ତ୍ତୃପକ୍ଷ ଉକ୍ତ କେନାଲକୁ ପୋତି ସେଠାରେ ଏକ ଛୋଟ ବଜାର ନିର୍ମାଣ କରିଥିଲେ, ଯାହାକି ହରିଡ଼ାଖଣ୍ଡି ପରିବା ବଜାର ନାମରେ ନାମିତ ହେଲା । କିଛି ବ୍ୟବସାୟୀଙ୍କୁ ବେପାର କରିବାକୁ ଜାଗା ଯୋଗାଇ ଦିଆଗଲା । ଆଉ କିଛି ବେପାରୀ ନିଜ ନିଜର କ୍ୟାବିନ୍ ଖୋଲି ବ୍ୟବସାୟୀ ଆରମ୍ଭ କରିଥିଲେ । ତେବେ ସାମ୍ପ୍ରତିକ ସ୍ଥିତିରେ ହରିଡ଼ାଖଣ୍ଡି ମାର୍କେଟ୍‌ରୁ ପରିବା ବଜାରର ସଉଦା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ବର୍ତ୍ତମାନ ଏଠାରେ ହାତଗଣତି ମାତ୍ର ୧୦ ରୁ ୧୨ଟି ପରିବା ଦୋକାନ ରହିଛି । ଅନ୍ୟ ସବୁ ପରିବା ଦୋକାନ ବନ୍ଦ ହୋଇ ସାରିଲାଣି । ଯେଉଁ ସବୁ ପରିବା ଦୋକାନ ଅଛି ସେଠାରେ ବ୍ୟବସାୟ ବି ଆଶାନୁରୂପ ହେଉନି । ଏହାର ମୁଖ୍ୟ କାରଣ ହେଉଛି, ବର୍ତ୍ତମାନ ବ୍ରହ୍ମପୁର ସହର ଉପକଣ୍ଠ ବିଭିନ୍ନ ଗ୍ରାମରୁ ମହିଳା ଓ ପୁରୁଷ ବେପାରୀ ଏବଂ ପନିପରିବା ବାଡ଼ ଚାଷୀମାନେ ଆସି ହରିଡ଼ାଖଣ୍ଡି ଛକରୁ ତ୍ରିମୂର୍ତ୍ତି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବେପାର ପସରା ମେଲାଉଛନ୍ତି । ଆଉ ଗ୍ରାହକଙ୍କୁ ବଜାର ଆସିବାକୁ ପଡୁନି । ବଜାର ସଙ୍କୁଚିତ ହେଉଥିବାରୁ ବ୍ୟବସାୟୀ ବେପାର ପାଇଁ ଆଗ୍ରହ ଦେଖାଉନାହାନ୍ତି । ବର୍ତ୍ତମାନ ହାତଗଣତି କିଛି ପୁରୁଣା ବ୍ୟବସାୟୀ ଏଠାରେ ରହିଛନ୍ତି । ଅନ୍ୟପକ୍ଷରେ ସବୁଠୁ ବଡ଼ ଧରଣର ସମସ୍ୟା ଭୋଗୁଛନ୍ତି ମାଛ ବେପାରୀ । ପୂର୍ବରୁ ମାଛ ବେପାରୀ ପରିବା ବଜାର ସାମ୍ନା ରାସ୍ତା ଉପରେ ବସି ବେପାର କରୁଥିଲେ । କିନ୍ତୁ ରାସ୍ତା ଅଣଓସାରିଆ ହେବାରୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସେଠାରୁ ଉଚ୍ଛେଦ କରିଦିଆଗଲା । ଫଳରେ ପରିବା ବଜାର ମଧ୍ୟରେ ହିଁ ବ୍ୟବସାୟୀ ମାଛ ବିକୁଛନ୍ତି । ଜାଗା ଅଭାବ ସେମାନଙ୍କ ପାଇଁ ସମସ୍ୟା ମାଲଟିଥିବା ସେମାନେ କହିଛନ୍ତି । ତେବେ ବଡ଼ବଜାର ପରେ ହରିଡ଼ାଖଣ୍ଡି ବଜାରର ଆଜି ବି ଏକ ସ୍ୱତନ୍ତ୍ରତା ରହିଥିବା ବ୍ୟବସାୟୀ ମତପ୍ରକାଶ କରିଛନ୍ତି ।

# ବଲାଙ୍ଗିର ଗାୟତ୍ରୀ ପରିବାର ପକ୍ଷରୁ ଦହିପାଣି ବଣ୍ଟନ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବଲାଙ୍ଗିର ଶାଖା ପକ୍ଷରୁ ଚୈତ୍ର ପୂର୍ଣ୍ଣମୀ ଦିନ ସ୍ଥାନୀୟ କଚେରି ଛକ ଠିକାଦାରପଡ଼ା ସ୍କୁଲ ମାର୍କେଟ କମ୍ପ୍ଲେକ୍ସ ଆଗରେ ଜାତୀୟ ରାଜପଥ କଡ଼ରେ ପ୍ରଚଣ୍ଡ ରୌଦ୍ରତାପରୁ ପଥଚାରୀମାନଙ୍କୁ ତୃଷା ନିବାରଣ ପାଇଁ ଦହି ପାଣି ବଣ୍ଟନ କରାଯାଇଥିଲା । ଗାୟତ୍ରୀ ପରିବାର ବଲାଙ୍ଗିର ସଦସ୍ୟ ସଦସ୍ୟା ପରିଜନମାନେ ପ୍ରତି ବର୍ଷ ଭଳି ଦହି ପାଣି ପ୍ରସ୍ତୁତ କରି ଅଢେଇ ହଜାର ଲୋକଙ୍କୁ ବଣ୍ଟନ କରିଥିଲେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଅପ୍ରେଲ ୨୦୨୪ ଶନିବାର







ଗରମ ପବନରୁ ରକ୍ଷା ପାଇବା ପାଇଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ୩୯ଟି ଲକ୍ଷ୍ମୀ ବସ୍ ଟିମ୍‌କୁ ଗୋଟିଏ ଲେଖାଏଁ କୁଲ୍ ରୋଭର ୱାଟର ଜଗ୍ ଏବଂ ଓଆର୍‌ଏସ୍ ପ୍ୟାକେଟ୍ ସବୁ ପ୍ରଦାନ କରାଯାଇଛି । ଏହା ଯାତ୍ରୀ ମାନଙ୍କ ସୁବିଧା ଓ ସହଜ ଯାତ୍ରା ପାଇଁ ସହାୟକ ହେବ । ଏହାଦ୍ୱାରା ବସ୍‌ଯାତ୍ରା ବେଳେ ଯାତ୍ରୀ ମାନଙ୍କର ଉତ୍ତାପ ଜନିତ କଷ୍ଟ ନିଶ୍ଚୟ ଦୂର ହେବ। ଲକ୍ଷ୍ମୀ ବସ୍‌ର ନବରଙ୍ଗପୁର ଟିମ୍‌ର ଏହି ଅଭିନବ କାର୍ଯ୍ୟକୁ ସମସ୍ତେ ସ୍ୱାଗତ କରିଛନ୍ତି **(ଫଟୋ:ସମ୍ବାଦ କଳିକା)**

## ରାଜନୈତିକ ରାଲିରେ ସାମିଲ ହୋଇ ପୁଣି ଜଣେ କିରାଣି ନିଲମ୍ବିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧରେ ପୁଣି ଜଣେ କିରାଣୀ ରାଜନୈତିକ ରାଲିରେ ସାମିଲ ନେଇ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜେ.ସୋନାଲ ନିଲମ୍ବିତ କରିଛନ୍ତି । ମିଳିଥିବା ସୂଚନା ମୁତାବକ କନ୍ଧମାଳ ବ୍ଲକର ଲମ୍ବସରୀ ଗ୍ରାମର ରାଧାମାଧବ ଉଚ୍ଚ ବିଦ୍ୟାଳୟର କନିଷ୍ଠ ସହକାରୀ କିରାଣି ସତ୍ୟନାରାୟଣ ଦନ୍ତା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜଣାପଡିବା ପରେ ଜିଲ୍ଲାପାଳ ଏହାର ତଦନ୍ତ ପାଇଁ ଜିଲାଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାଶିକ୍ଷା ଅଧିକାରୀଙ୍କ ତଦନ୍ତ ପରେ ଜିଲ୍ଲାପାଳ ଶ୍ରୀ ଦନ୍ତାଙ୍କୁ ନିଲମ୍ବିତ କରିଛନ୍ତି । ବାରମ୍ବାର ତାଗିଦ ସତ୍ତ୍ୱେ ଜିଲ୍ଲାରେ ଜଣେ ପରେ ଜଣେ ସରକାରୀ କର୍ମଚାରୀ ରାଜନୈତିକ କାର୍ଯ୍ୟକଳାପରେ ସାମିଲ ହେଉଥିବା ଦେଖାଯାଇଛି । ପୂର୍ବରୁ ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିଲମ୍ବିତ ହୋଇଥିବା ବେଳେ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଛି । ବାରମ୍ବାର ଏପରି ନିଲମ୍ବିତ ସତ୍ତ୍ୱେ ରାଜନୈତିକ ରାଲିରେ ସାମିଲ୍ ହେଉଛନ୍ତି ଚାକିରିଆ। ଜିଲ୍ଲାର କିଛି ଶିକ୍ଷକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହେଇଥିବା ବେଳେ କିଛି ଶିକ୍ଷକ ଏହାକୁ ଭୃକ୍ଷେପ କରୁନଥିବା ଦେଖିବାକୁ ମିଳିଛି ।

# ପ୍ରଚଣ୍ଡ ରୌଦ୍ର ତାପରେ ତ୍ରାହି ତ୍ରାହି ଡାକୁଛନ୍ତି ଲୋକେ:କେନାଲରେ ପାଣି ଛାଡ଼ିବାକୁ ଦାବି ଜୋର୍ ଧରିଲା



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଗତ କିଛି ଦିନ ହେଲା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ଗ୍ରାମପଞ୍ଚାୟତରେ ପ୍ରଚଣ୍ଡ ରୌଦ୍ରତାପ ଓ ଡହଡହ ତାତି ଯୋଗୁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ଏପରିକି ଟୋପାଏ ପାଣି ପାଇଁ ଜୀବଜଗତ ଡହଳ ବିକଳ ହେଉଛନ୍ତି। ଏପରିସ୍ଥଳେ କେନାଲରେ ପାଣି ଛାଡିବା ନିମନ୍ତେ ସାଧାରଣରେ ଦାବି ଜୋର୍ ଧରିଛି। ନିଶ୍ଚିନ୍ତକୋଇଲି ବ୍ଲକର ପ୍ରାୟ ଅଧିକାଂଶ ନଦୀ ନାଳ, ପୋଖରୀ ଶୁଖିଲା ପଡିଛି। ପ୍ରଚଣ୍ଡ ରୌଦ୍ରତାପରେ ଅଧିକାଂଶ ଗଛର ପତ୍ର ମରିବାକୁ ଆରମ୍ଭ କଲାଣି। ସକାଳ ୮ଟା ବାଜିଲେ ମାତ୍ରେ ଘରୁ ପଦାକୁ ବାହାରି ହେଉନାହିଁ। ରାସ୍ତାଘାଟ ତାତି ଯାଉଛି। ଖାଲି ପାଦରେ ଚାଲିବା କାଠିକରପାଠ ହେଉଛି। ପ୍ରଶାସନ ତରଫରୁ ସ୍ଥାନୀୟ ଅଞ୍ଚଳର କୌଣସି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇନାହିଁ। ଅଧିକାଂଶ ନଳକୂପ ଅଚଳ ହୋଇପଡିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପାନୀୟ ଜଳ ପ୍ରକଳ୍ପ କୌଣସି କାମରେ ଆସୁନାହିଁ। ଏପରିସ୍ଥଳେ ସ୍ଥାନୀୟ ଅଞ୍ଚଳର ବୁଲା ଗାଈଗୋରୁ ଛେଳିମେଣ୍ଢା ପଶୁପକ୍ଷୀ ମାନେ ଟୋପାଏ ପାନୀୟ ଜଳ ନିମନ୍ତେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଲୋକେ ଟୋପାଏ ପାନୀୟ ଜଳ ନିମନ୍ତେ ଡହଳ ବିକଳ ହେଉଥିଲା ବେଳେ କେନାଲ ଗୁଡିକ ଶୁଖିଲା ପଡିଛି। ସ୍ଥାନୀୟ କେନ୍ଦ୍ରାପଡା କେନାଲ ତାର ଶାଖା କେନାଲ, କରାଣ୍ଡିଆ କେନାଲରେ ପାଣି ଛାଡିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ମଧ୍ୟାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ କଳମିଶ୍ରୀ ଗ୍ରାମପଞ୍ଚାୟତ ଲେଣ୍ଡୁରାଭଗବାନପୁର ଗ୍ରାମର ବିଜୟ କୁମାର ମଲିକଙ୍କ ଗୃହରେ ନିଆଁ ଲାଗିଯିବା ଯୋଗୁ ୨ ବଖରା ଗୃହ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ମଧ୍ୟାହ୍ନରେ ବିଜୟଙ୍କ ପରିବାର ଲୋକେ ଘରେ ରୋଷେଇ କରୁଥିଲେ। ଅସାବଧାନତା କାରଣରୁ ଘରେ ନିଆଁ ଲାଗିଯାଇଥିଲା । ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବା ନିମନ୍ତେ ଉଦ୍ୟମ କରି ବିଫଳ ହୋଇଥିଲେ । ଏଥିରେ ତାଙ୍କ ଘରେ ଥିବା ଧାନ ଚାଉଳ, ଆସବାବପତ୍ର ଓ ମୂଲ୍ୟବାନ କାଗଜପତ୍ର ସମ୍ପୂର୍ଣ୍ଣ ପୋଡି ଭସ୍ମୀଭୂତ ହୋଇଯାଇଛି। ଭସ୍ମୀଭୂତ ହୋଇଥିବା ସମ୍ପତ୍ତିର ମୂଲ୍ୟ ୫୦ ହଜାରରୁ ଅଧିକ ହେବ ବୋଲି ସାଧାରଣରେ କୁହାଯାଉଛି। ଖବରପାଇ ସ୍ଥାନୀୟ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିଲା। ସ୍ଥାନୀୟ ସରପଞ୍ଚ ଅନନ୍ତ କର, ଯୁବନେତା ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ସମବେଦନା ଜଣାଇଥିଲେ। ଏହି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି।

# ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**




ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ବ୍ଲକ ଅଫିସ ସମ୍ମୁଖ ମିନି ଷ୍ଟାଡିୟମ୍ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ବରଗଡ ଲୋକସଭା ସାଂସଦ ପ୍ରାର୍ଥୀ ପରୀନିତା ମିଶ୍ର, ବିଧାନ ସଭା ପ୍ରାର୍ଥୀ ସୁଶ୍ରୀ ଦିପାଲି ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡିଆ, ଜିଲ୍ଲା ସଭାପତି ରବି ସିଂ, ଜିଲ୍ଲା ସଭାନେତ୍ରୀ ରୋଜାଲିନ ପଟେଲ ନୃପଲାଲ ପଶାୟତ ସମେତ ଅନ୍ୟ ବରିଷ୍ଠ ନେତୃବୃନ୍ଦ ମଞ୍ଚାସିନ ଥିଲେ। ସମାବେଶରେ ପ୍ରବାଦ ପୁରୁଷ ସ୍ୱର୍ଗୀୟ ବିଜୁ ପଟ୍ଟନାୟକ ଓ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦ୍ୱୀପ ପ୍ରଜ୍ୱୋଳନ ପରେ ସଭା ଆରମ୍ଭ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଓଡ଼ିଆ ଜାତିର ଗର୍ବ ଓ ଗୌରବ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମହିଳାଙ୍କ ସମ୍ମାନ ଘର ଘର କାମକୁ ହୃଦୟରେ ରଖି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଛବିକୁ ଅନୁସରଣ କରି ତଥା ମହିଳା ମାନଙ୍କୁ ସଶକ୍ତିକରଣ କରିଥିବା, ସ୍ୱାବଲମ୍ବୀ ଓ ମହିଳାମାନଙ୍କ ହାତ ମୁଠାକୁ ଟାଣ କରିବା ଦିଗରେ ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରି ଆଜି ଇତିହାସ ରଚିଛନ୍ତି । ଏହି ନାରୀ ସଶକ୍ତି କରଣ ପାଇଁ ଓ ସୁଶ୍ରୀ ଦିପାଲି ଦାସଙ୍କ ୮ ମାସର ବିକାଶ ମୂଳକ କାର୍ଯ୍ୟରୁ ପ୍ରଭାବିତ ହୋଇ କୋଲାବିର ବ୍ଲକ ଅନ୍ତର୍ଗତ ମିନି ଷ୍ଟାଡିୟମ୍ ଠାରେ ବହୁ ଯୁବକ ଯୁବତୀ ସମବେତ ହୋଇଥିଲେ । ଏହି ସଭାର ମୁଖ୍ୟ ଆକର୍ଷକ ବିଧାୟିକା ପ୍ରାର୍ଥୀ ସୁଶ୍ରୀ ଦିପାଲୀ ଦାସ ନିଜ ବକ୍ତବ୍ୟରେ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ ଝାରସୁଗୁଡ଼ା ନୂତନ ନିର୍ମାଣ ପଥରେ ରୋଡ ରାସ୍ତା ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ସହ ପ୍ରତ୍ୟେକ ଗ୍ରାମାଞ୍ଚଳରେ କୀର୍ତ୍ତନ ମଣ୍ଡପ ଓ କଲ୍ୟାଣ ମଣ୍ଡପ ନିର୍ମାଣ କରି ନିଜ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ଏହି ବିକାଶ ମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ସଦା ସର୍ବଦା ନିଜକୁ ବର୍ଷ ସାରା ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ଏହା ସହ ବିଜେପି ସବୁ ସମୟରେ ଜନସାଧାରଣଙ୍କୁ ଅନ୍ଧାରରେ ରଖି ଜନବିରୋଧି କାର୍ଯ୍ୟ କରି ଆସୁଛନ୍ତି । ବିଜେପି ଦ୍ୱାରା ରାଜ୍ୟ ତଥା ଦେଶ ସାରା ଗ୍ୟାସ୍, ପେଟ୍ରୋଲ, ଡିଜେଲ, ଖାଉଟି ଦ୍ରବ୍ୟ ଦରଦାମ୍ ବୃଦ୍ଧି ଯଦି ବିକାଶ ଅଟେ ତେବେ ଏହି ବିକାଶ ଆମକୁ ଦରକାରନାହିଁ ବୋଲି କହିଛନ୍ତି । ଏହି ସଭାକୁ ପୂର୍ବତନ ବ୍ଲକ ଅଧକ୍ଷ ତୁଳାରାମ ସେନାପତି ପରିଚାଳନା କରିଥିଲେ। ଏହି ସମାବେଶରେ ହଜାର ହଜାର ମହିଳା ପୁରୁଷ ଯୋଗ ଦେଇଥିଲେ।

## ରାୟଗଡା କଲେଜ ଛାତ୍ରୀକୁ ଅପହରଣ କରି ଅଧ୍ୟାପକ ଗିରଫ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜଣେ ଅଧ୍ୟାପକ କଲେଜ ଛାତ୍ରୀଙ୍କୁ ଅପହରଣ କରି ଗିରଫ ହୋଇଛନ୍ତି । ମହାବିଦ୍ୟାଳୟର ଅଧ୍ୟାପକ ତେଲି ତୋଇକା ଜଣେ ନାବାଳିକା ଛାତ୍ରୀକୁ ଅପହରଣ କରି ନିଜ ଭଡା ଘରେ ରଖିଥିଲେ । ସଂପୃକ୍ତ ନାବାଳିକାକୁ ପୁଲିସ ଉଦ୍ଧାର କରିବା ସହ ଅଧ୍ୟାପକକୁ ଗିରଫ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ରାୟଗଡା କଲେଜର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀ ଜଣକ ରାୟଗଡାରେ ରହୁଥିବା ନିଜର ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ । ପ୍ରତିଦିନ ଭଳି ମଙ୍ଗଳବାର ସେ ଘରୁ କଲେଜକୁ ଯାଇଥିଲେ । ହେଲେ ସେ ଆଉ ଘରକୁ ବିଳମ୍ବିତ ରାତି ଯାଏ ଫେରିନଥିଲେ । ରାତିରେ ଛାତ୍ରୀ ଜଣକ ଘରକୁ ନଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ । ତାଙ୍କର କୌଣସି ଖୋଜ ଖବର ନମିଳିବାରୁ ରାୟଗଡା ଥାନାରେ ଛାତ୍ରୀ ଜଣକ ନିଖୋଜ ନେଇ ଏତଲା ଦେଇଥିଲେ । ସକାଳୁ ପୁଲିସ ସଂପୃକ୍ତ ଛାତ୍ରୀକୁ ଅଶୋକା ଟକିଜ୍ ନିକଟସ୍ଥ କଲେଜର ଅଧ୍ୟାପକଙ୍କ ଭଡ଼ା ଘରୁ ଉଦ୍ଧାର କରିଛି । ଛାତ୍ରୀ ଓ ଅଧ୍ୟାପକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ପୁଲିସ ପ୍ରାଥମିକ ତଦନ୍ତ ବେଳେ ଜାଣିବାକୁ ପାଇଛି । ଏ ନେଇ ରାୟଗଡା ଥାନାରେ ଏକ ଅପହରଣ ମାମଲା ରୁଜୁ ହୋଇଛି । ପୁଲିସ ଛାତ୍ରୀଙ୍କ ଡାକ୍ତରୀ ମାଇନା କରାଇବା ସହ ସଂପୃକ୍ତ ଅଧ୍ୟାପକକୁ ଗିରଫ କରିଛି ।

## ବିଜେପି କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

**କେନ୍ଦୁଝର, ନ୍ୟୁଜ୍**

ଭାରତୀୟ ଜନତା ପାର୍ଟି କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀର ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ନୂତନ କାର୍ଯ୍ୟାଳୟର ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ସହରର ଧୋବାଡିହା ଛକ ନିକଟସ୍ଥ ବିଜେପିର ଏହି ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟନୀରେ କେନ୍ଦୁଝର ନଗର ମଣ୍ଡଳର ବିଜେପି ସଭାପତି ବିଶ୍ୱଜିତ ତ୍ରିପାଠୀ ସଂକଳ୍ପ ପୂଜାରେ ବସିବା ସହିତ ସଦର ନିର୍ବାଚନ ମଣ୍ଡଳୀରେ ବିଜେପିର ବିଜୟ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ପୂର୍ବକ ପୂଜା ଦେଇଥିଲେ । କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ ନୂତନ କାର୍ଯ୍ୟାଳୟରେ ଫିତାକାଟି ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହିତ ଗୃହ ପ୍ରବେଶ କରିଥିଲେ । ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମଣ୍ଡଳ ତଥା ପଞ୍ଚାୟତରୁ ଅନେକ କାର୍ଯ୍ୟକର୍ତ୍ତା ଏହି ନିର୍ବାଚନ କାର୍ଯ୍ୟାଳୟର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବା ସହିତ ସମସ୍ତେ ସମସ୍ତଙ୍କୁ ମିଠା ଖୁଆଇ ନିର୍ବାଚନରେ ନିଜର ଦାୟିତ୍ୱ ତୁଲାଇବା ସହିତ ବିଜେପିର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସଂକଳ୍ପ ନେଇଥିବା ନଗର ସଭାପତି ବିଶ୍ୱଜିତ୍ ତ୍ରିପାଠୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପିର ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

# ଶୋଭାଯାତ୍ରାରେ ବାହାରି ନାମାଙ୍କନ ପତ୍ର ଦାଖଲ କଲେ ଭାଜପା ପ୍ରାର୍ଥୀ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ନାମାଙ୍କନ ପତ୍ର ଦାଖଲର ଶେଷ ଅର୍ଥାତ୍ ଅଷ୍ଟମ ଦିନ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଭାଜପା ଦଳ ପ୍ରାର୍ଥୀ ପୂର୍ବତନ ଏମପି ଇଂ ବଳଭଦ୍ର ମାଝୀ ପ୍ରାର୍ଥୀପତ୍ର ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ କମଳ ଲୋଚନ ମିଶ୍ରଙ୍କ ନିକଟରେ ଦାଖଲ କରିଛନ୍ତି । ପ୍ରାର୍ଥୀ ନିଜ ସମର୍ଥକଙ୍କ ଗହଣରେ ପ୍ରଥମେ ପ୍ରାର୍ଥୀ ପତ୍ର ଦାଖଲ କରିବା ପରେ ଭାଜପା ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଏହି ଶୋଭାଯାତ୍ରାରେ ଯାଇ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ ନିଜର ନାମାଙ୍କନ ପତ୍ର ନବରଙ୍ଗପୁର ଉପ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ପ୍ରକାଶ କୁମାର ମିଶ୍ରଙ୍କ ନିକଟରେ ଦାଖଲ କରିଥିବା ବେଳେ ଉମରକୋଟ ବିଧାୟକ ପ୍ରାର୍ଥୀ ନିତ୍ୟା ନନ୍ଦ ଗଣ୍ଡ ନିଜର ନାମାଙ୍କନ ପତ୍ର ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ରାଜସ୍ୱ ନବୀନ ଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଥିଲେ । ସେହିପରି ଝରିଗାଁ ବିଧାନସଭା ପ୍ରାର୍ଥୀ ନରସିଂହ ଭତ୍ରା ନିଜର ନାମାଙ୍କନ ପତ୍ର ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସାଧାରଣ ମହେଶ୍ୱର ଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଥିଲେ ଏବଂ ଡାବୁଗାଁ ବିଧାୟକ ପ୍ରାର୍ଥୀ ସୋମନାଥ ପୂଜାରୀ ନିଜର ନାମାଙ୍କନ ପତ୍ର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ତଥା ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ଦିନ ସାଢ଼େ ଦଶଟା ବେଳେ ଭାଜପାର ଶତାଧିକ ନେତା ଓ କର୍ମୀମାନେ ବାଜା ବାଜାଣା ସହ ଏକ ବିରାଟ ପଟୁଆରରେ ଚାମୁରିଆ ଗୁଡା ଠାରୁ ବାହାରି ଗାନ୍ଧିଛକ ପର୍ଯ୍ୟନ୍ତ ପହଞ୍ଚି ଥିଲେ । ସେଠାରୁ ଏକ ବାଇକ୍ ଶୋଭାଯାତ୍ରା ମାଝିଗୁଡା ଛକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ପହଞ୍ଚି ଥିଲେ । ଏହି ନାମାଙ୍କନ ପତ୍ର ଦାଖଲ କାର୍ଯ୍ୟକ୍ରମ ସମୟରେ ଅନ୍ୟ ମାନଙ୍କ ମଧ୍ୟରେ ଭାଜପା ନବରଙ୍ଗପୁର ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରାଜ୍ୟ ସମ୍ପାଦକ ରମେଶ ସାହୁ, ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକ, ନବରଙ୍ଗପୁର ପୌର ପରିଷଦର ୧୦ ନମ୍ବର ୱାର୍ଡ କାଉନସିଲର ଏ ସତିଶ, କାଉନସିଲର ସମେଶ ଖୋରା, କାଉନସିଲର ପୁନମ ସାହୁ, କାଉନସିଲର ଅମିତ୍ ପ୍ରଧାନ, କାଉନସିଲର ମମତା ମହାରଣା, ପୂର୍ବତନ କାଉନସିଲର ତଥା ନବରଙ୍ଗପୁର ନଗର ବିଜେପି ସଭାପତି ଶ୍ରୀଧର ପାତ୍ର, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଦାଶ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ମୀନତି ପଟ୍ଟନାୟକ, ଉପ ସଭାନେତ୍ରୀ ନଗର ମଣ୍ଡଳ ଜ୍ୟୋତିର୍ମୟୀ ବେହିଆ, ବିଜେପି ନେତା ଅର୍ଜୁନ ତ୍ରିପାଠୀ, ମୃତ୍ୟୁଞ୍ଜୟ ଦାସ, ମଧୁ ଗାଦବା, ଭିକ୍କି ଜେନା, ପିଣ୍ଟୁ ମିଶ୍ର, ଶୁଭମ୍ ଚୌଧୁରୀ, ବାବୁଲି ପରିଛା, ମିଟୁ ମହାରଣା, ନଗର ଯୁବ ମୋର୍ଚ୍ଚା ସଭାପତି ସଞ୍ଜୀବ ମହାପାତ୍ର, ସିପୁନ ପଣ୍ଡାଙ୍କ ସମେତ ହଜାର ହଜାର ସଂଖ୍ୟକ ବିଜେପି ନେତା ଓ କର୍ମୀମାନେ ଯୋଗ ଦେଇଥିଲେ ।

# କେନ୍ଦ୍ରାପଡ଼ା ନୃତ୍ୟଶିଳ୍ପୀଙ୍କ ଦିଲ୍ଲୀରେ କୃତିତ୍ୱ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ଖଡିଅଙ୍ଗ ଗ୍ରାମ ନିବାସୀ ମହମ୍ମଦ ସମସୁଜ ଜମାନଙ୍କ ଝିଅ ସିମରାନ ଜମାନ ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ଦେଶର ରାଜଧାନୀ ଦିଲ୍ଲୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓ ସରକାରୀ ସଂସ୍ଥାରୁ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡିଛି। ସିମରାନ ଜଣେ ଉଚ୍ଚ ଶିକ୍ଷିତା ଝିଅ ହେବା ସହ ନୂଆ ଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ ବିଶ୍ୱ ବିଦ୍ୟାଳୟର ଆଇନ୍ ଛାତ୍ରୀ ଭାବେ କୃତିତ୍ୱର ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହା ସହ ଚଣ୍ଡୀଗଡର ପ୍ରାଚୀନ କଳାକେନ୍ଦ୍ରରୁ ଓଡ଼ିଶୀ ନୃତ୍ୟରେ ସଙ୍ଗୀତ ଭାସ୍କର (ଏମ୍.ଏ), ମୁମ୍ବାଇର ଅଖୀଳ ଭାରତୀୟ ଗାନ୍ଧର୍ବ ମହା ବିଦ୍ୟାଳୟରୁ ଓଡ଼ିଶୀ ନୃତ୍ୟରେ ବିଶାରଦ ହାସଲ କରିଥିବା ଜଣାପଡିଛି । ଏହା ସହିତ ନୂଆ ଦିଲ୍ଲୀର ରାସାୟନ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଓ ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଛନ୍ତି । ନୂଆ ଦିଲ୍ଲୀର ଶ୍ରୀରାମ ଭାରତୀୟ କଳା କେନ୍ଦ୍ର ଲୋକଛନ୍ଦ୍ର ଗ୍ରୁପ୍ ଓ ନୂଆ ଦିଲ୍ଲୀର ଶ୍ରୀ ଭେଙ୍କେଟେଶ୍ୱର କଲେଜ ଡ୍ୟାନ୍ସ ସୋସାଇଟର ସଂଗଠକ ଭାବେ କାର୍ଯ୍ୟ କରୁଛନ୍ତି । ସିମରାନ ଜଣେ ଆଇନଜୀବୀ ଭାବେ କାର୍ଯ୍ୟ କରିବା ସହ ଜଣେ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ରାଜ୍ୟ ତଥା ଦେଶର ବିଭିନ୍ନ ମଞ୍ଚରେ କଳା ପ୍ରଦର୍ଶନ କରି ଜାତୀୟ ସ୍ତରରେ ସୁନାମ ଅର୍ଜନ କରି ସମ୍ବର୍ଦ୍ଧିତ ହେବା ସହ କେନ୍ଦ୍ରାପଡା ଜିଲ୍ଲା ପାଇଁ ଗୌରବ ଆଣିଥିବା ଜଣାପଡିଛି । ତାଙ୍କର ଏଭଳି କୃତିତ୍ୱ ଜଣାପଡିବା ପରେ ତାଙ୍କର ଶୁଭେଚ୍ଛୁ ନୃତ୍ୟଶିଳ୍ପୀ ଓ କଳାକାର ମାନେ ଅଭିନନ୍ଦନ ଜଣାଇଛନ୍ତି ।

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଏକ ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ଘଟଣାରେ ଘଟଗାଁ ଥାନା ଅନ୍ତର୍ଗତ ଧୋବାପିଟଣା ଗ୍ରାମର ଅଭିଯୁକ୍ତ ପିଣ୍ଟୁ ମୁଣ୍ଡା (୨୪)ଙ୍କୁ ୨୧ସି ଧାରା ୩୭୬(୨)(ଏ)ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ପୀଡିତାଙ୍କୁ ୮ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବା ପାଇଁ ସରକାରଙ୍କୁ ସୁପାରିଶ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ୧୫ ବର୍ଷର ପୀଡିତାଙ୍କୁ ବଡବାପାର ପୁଅ ଭାଇର ମୃତ୍ୟୁ ପରେ ଭାଉଜ ତାଙ୍କ ଘରକୁ ଡାକି ନେଇଥିଲେ । କିଛିଦିନ ପରେ ପୀଡିତା ଭାଉଜର ଅପା ପୁଅ ପିଣ୍ଟୁ ଆସି ପୀଡିତାଙ୍କ ଭାଉଜଙ୍କ ଘରେ ରହିଥିଲା । ଭାଉଜଙ୍କ ଅନୁପସ୍ଥିତିରେ ପୀଡିତାଙ୍କୁ ଧମକଦେଇ ବାରମ୍ବାର ଦୁଷ୍କର୍ମ କରି ଏକଥା କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲା । ତେବେ ତାଙ୍କର ଶରୀର ପରିବର୍ତ୍ତନ ହେବାରୁ ଭଉଣୀ ପରୀକ୍ଷା କରାଇବା ପରେ ସେ ଅନ୍ତସ୍ୱତା ଥିବା ଜଣାପଡିଥିଲା । ଏହି ଘଟଣା ସମ୍ପର୍କରେ ପୀଡିତାଙ୍କୁ ପଚାରିବାରୁ ପିଣ୍ଟୁ ତାଙ୍କ ସହ ଜୋର୍ ଜବରଦସ୍ତ ଶାରିରୀକ ସମ୍ପର୍କ ରଖିଥିବା ପ୍ରକାଶ କରିଥିଲେ । ଏହି ଖବର ଲୋକଲୋଚନକୁ ଆସିବା ପରେ ପିଣ୍ଟୁ ଚମ୍ପଟ ମାରିଥିଲା । ସେ ବିବାହିତ ଥିବାବେଳେ ତାଙ୍କର ସ୍ତ୍ରୀ ଓ ୩ଟି ପିଲା ଥିଲେ । ପ୍ରସବ ଯନ୍ତ୍ରଣା ହେବାରୁ ଅଙ୍ଗନବାଡି କର୍ମୀଙ୍କ ସହିତ ପୀଡିତାଙ୍କ ବାପା ମା' କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗକୁ ଆଣି ଭର୍ତ୍ତି କରିଥିଲେ । ସେଠାରେ ପୀଡିତା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ । ଚାଇଲଡ ଲାଇନ୍‌ର ଗୀତାଞ୍ଜଳୀ ମିଶ୍ର ଜାଣିବା ପରେ ପୀଡିତାଙ୍କୁ ଥଇଥାନ କରି କୋର୍ଟ ମାଧ୍ୟମରେ ୨୦୧୮ ମସିହା ନଭେମ୍ବର ମାସ ୧୬ ତାରିଖ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏହି ଘଟଣାରେ କେସ୍ ନଂ ୩୨୯/୧୮ ଏକ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତ ପିଣ୍ଟୁଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା ପୋକ୍ସ ଅଦାଲତ କେନ୍ଦୁଝର ବିଚାରପତି ବିଜୟ କୁମାର ମିଶ୍ର ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା କେଶ ପରିଚାଳନା କରିଥିଲେ ।

# ଜଳସେବା କେନ୍ଦ୍ର ମାଧ୍ୟମରେ ଭୋଟର୍ ସଚେତନତା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଜୁନ୍ ମାସ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ତେଣୁ ଏହି ନିର୍ବାଚନରେ ଶତପ୍ରତିଶତ ଭୋଟ୍ ଦାନ ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିନବ ଶୈଳୀରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ଜଳସେବା କେନ୍ଦ୍ର ମାଧ୍ୟମରେ ଭୋଟର୍ ମାନଙ୍କୁ ସଚେତନ କରିବାକୁ ଅଭିଯାନ ଆରମ୍ଭ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜଳସେବା କେନ୍ଦ୍ର ଉଦ୍‌ଘାଟନ କରି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି, ଭୋଟଦାନ ହେଉଛି ଏକ ସାମ୍ବିଧାନିକ ଅଧିକାର। ରାଜ୍ୟ ରାଜନୀତିର ପ୍ରମୁଖ ଜିଲ୍ଲା ଭାବେ ପରିଚିତ କେନ୍ଦ୍ରାପଡ଼ାର ସମସ୍ତ ଭୋଟର୍ ଆଗେଇ ଆସନ୍ତୁ ଏବଂ ନିଜର ମତ ସାବ୍ୟସ୍ତ କରି ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ଅଧିକ ମଜ୍‌ବୁତ୍ କରନ୍ତୁ। ମୁଁ ମତଦାନ କରିବି ନିଶ୍ଚୟ, ଏହି ଶପଥ ସଭିଏଁ ନିଅନ୍ତୁ। ଭୋଟର୍ ମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ପ୍ରାଥମିକ ସ୍ତରରେ ସମସ୍ତ ବ୍ଲକ୍‌ରେ ମୋଟ୍ ୫୦ଟି ଜଳସେବା କେନ୍ଦ୍ରରେ ଏହି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ସେନାପତି, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ଅତନୁ ଓ ଅଂଶୁମାନ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ପାଟଳିପଙ୍କ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଜୟରାମ ସାହୁଙ୍କର ସର୍ବସ୍ୱ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ଘରର ଆସବାବପତ୍ର, ଧାନ ଚାଉଳ ଓ ବିରିମୁଗ ଏବଂ ଗୁରୁତ୍ୱ ପୂର୍ଣ୍ଣ କାଗଜପତ୍ର ସହ ବହୁ ଜିନିଷ ଜଳିପୋଡ଼ି ପାଉଁଶ ହୋଇଯାଇଛି । ଖବରପାଇ ମହାକାଳପଡ଼ା ବିଧାୟକ ତଥା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ କେନ୍ଦ୍ରାପଡ଼ା ସଂସଦୀ କ୍ଷେତ୍ରର ବିଜୁ ଜନତା ଦଳର ପ୍ରାର୍ଥୀ ଅଂଶୁମାନ ମହାନ୍ତି ଅଗ୍ନି ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି । ଏଥିସହ ସହଯୋଗର ମଧ ହାତ ବଢ଼ାଇଛନ୍ତି ।



## ସୋଆ ପକ୍ଷରୁ କମିଶନରେଟ୍ ପୋଲିସ୍ ଓ ଟ୍ରାଫିକ୍ ପୋଲିସ୍‌କୁ ଓଆର୍‌ଏସ୍ ଓ ଜଳ ବଣ୍ଟନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସାରା ରାଜ୍ୟର ଅସହ୍ୟ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜଧାନୀରେ ଆଇନ୍ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ଟ୍ରାଫିକ୍ ବ୍ୟବସ୍ଥାରେ ନିୟୋଜିତ ଥିବା କମିଶନରେଟ୍ ପୋଲିସ୍‌ର ଅଧିକାରୀ ଓ କର୍ମଚାରୀମାନଙ୍କୁ ଟିକେ ଆଶ୍ୱସ୍ତି ଦେବା ନିମନ୍ତେ ସହାୟତାର ହାତ ବଢ଼ାଇଛି ଶିକ୍ଷା ଓ ଅନୁସନ୍ଧାନ (ସୋଆ)। ପୋଲିସ୍ ଓ ଟ୍ରାଫିକ ପୋଷ୍ଟରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରାୟ ୮ ଘଣ୍ଟା ଧରି ପ୍ରଚଣ୍ଡ ଖରା ସମୟରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ସହାୟତାର ହାତ ବଢ଼ାଇବା ନିମନ୍ତେ ସୋଆର ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି ଶାଖା ଏଭଳି ମହତ୍ୱ କାର୍ଯ୍ୟ ହାତକୁ ନେଇଥିବା କହିଛନ୍ତି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ। ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାର କମିଶନରେଟ୍ ପୋଲିସ୍ ଓ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ କାର୍ଯ୍ୟରତ ପୋଲିସ୍ କର୍ମଚାରୀମାନଙ୍କୁ ୫୦୦୦ ଓଆର୍‌ଏସ୍ ପ୍ୟାକେଟ୍ ଓ ୨୦୦୦ ପାଣି ବୋତଲ ପ୍ରଦାନ କରାଯାଇଥିବା ପ୍ରଫେସର ମଲ୍ଲିକ୍ କହିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ରାଜଧାନୀର ସବୁ ଟ୍ରାଫିକ୍ ପୋଷ୍ଟରେ ପାଣି ଓ ଓଆର୍‌ଏସ୍ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି। କମିଶନରେଟ ପୋଲିସ କାର୍ଯ୍ୟାଳୟରେ ପୋଲିସ୍ କମିଶନର ସୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂଙ୍କ ଉପସ୍ଥିତିରେ ପ୍ରଫେସର ମଲ୍ଲିକ ଏବଂ ସୋଆର ଏନ୍‌ସିସି କ୍ୟାଡେଟମାନେ ଏହି ପାଣି ବୋତଲ ଓ ଓଆରଏସ୍ ପ୍ୟାକେଟ ପ୍ରଦାନ କରିଛନ୍ତି। ପୋଲିସ୍ କମିଶନର ଶ୍ରୀ ପଣ୍ଡା ସୋଆର ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଟ୍ରାଫିକ ଡିସିପି ପି.କେ. ରାଉତ ଏବଂ ସୋଆର ଆସୋସିଏଟ୍ ଏନ୍‌ସିସି ଅଫିସର (ଏଏନ୍‌ଓ) ଡକ୍ଟର ସତୀଶ କୁମାର ସାମଲ ଉପସ୍ଥିତ ଥିଲେ।

## ଆଜିର ଭଲମନ୍ଦ



**ଉଦୟକାଳୀନ ଗ୍ରହଚକ୍ର**




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com



**ମେଷ:** ଶାରୀରିକ ପୀଡ଼ା ଅନୁଭବ କରିବେ । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ । ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ । ବ୍ୟୟର ମାତ୍ରା ଅଧିକ ହେବ । ଗୃହରେ ଅଶାନ୍ତି ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ସନ୍ତୋଷ ଲାଭ ହେବ । ଶୁଭ କାର୍ଯ୍ୟରେ ଯୋଗଦାନ କରିବେ ।



**ମିଥୁନ:** ମନ ସର୍ବଦା ଚଳଚଞ୍ଚଳ ରହିବ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ । ପାରିବାରିକ ଅବୁଝାମଣା ଦେଖାଦେବ । ଶତ୍ରୁମାନେ ପରାଜିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ ।



**କର୍କଟ:** କର୍ମକ୍ଷେତ୍ରରେ ମାନହାନି ସୂଚନା । ମନ ଚଞ୍ଚଳ ଯୋଗୁ କୌଣସି କାମରେ ସ୍ଥିରତା ଆସିବ ନାହିଁ । କଚେରି ମାମଲାର ସ୍ଥିତି ଅନୁକୂଳ ହେବ । ରୋଜଗାରରେ ଉନ୍ନତି ହେବ । ଶରୀର ସୁସ୍ଥ ରହିବ ।



**ସିଂହ:** ହଠାତ୍ କେତେକ ସମସ୍ୟା ଦେଖାଦେଇପାରେ । ଆପଣଙ୍କ ନିକଟରେ ଶାନ୍ତି ବଜାୟ ରହିବ । ଆୟର ପରିମାଣ ସ୍ଥିର ରହିବ । ବ୍ୟସ୍ତତା ଲାଗି ରହିବାର ସମ୍ଭାବନା । ଦେହ ଓ ମନ ଭଲ ରହିବ ।



**କନ୍ୟା:** କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ । ସତ୍ କର୍ମରେ ଲିପ୍ତ ରହିବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ପରିଶ୍ରମ ତୁଳନାରେ ପାରିଶ୍ରମିକ ହେବନାହିଁ । ଗୃହେ ଶାନ୍ତି ଲାଭ ହେବ ।



**ତୁଳା:** କର୍ମକ୍ଷେତ୍ର ପାଇଁ ମନରେ ନୂତନ ଆଶାର ସଞ୍ଚାର ଆସିବ । ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ । ଲୋଭରେ ପଡ଼ିବେ । ଆୟରେ ଉନ୍ନତି ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବିଛା:** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ । ଦେହ ଭଲ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ମଧ ରହିଛି ।



**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ମହିଳାମାନେ ସୁଖୀ ହେବେ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।



**ମକର:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ଦୁଃସାହସିକ କାର୍ଯ୍ୟ କରିବେ । ବନ୍ଧୁମାନେ ଦୂରେଇ ଯିବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଗୃହରେ ଆନନ୍ଦ ବଜାୟ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ । ଶୁଭ ଖବର ପ୍ରାପ୍ତ ହେବ । ସମସ୍ତ କ୍ଷେତ୍ରରେ ବିଜୟୀ ହେବେ । ପାରିବାରିକ ସୁଖ ସମ୍ମାନ ଲାଭ କରିବେ । ରୋଜଗାର ବୃଦ୍ଧି ହେବାର ସୂଚନା ।



**ମୀନ:** ଚାକିରୀକ୍ଷେତ୍ରରେ କାର୍ଯ୍ୟ ସଫଳ ହେବ । ଦେହ ସୁସ୍ଥ ରହିବ । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୭।୪।୨୦୨୪, ବୈଶାଖ ଦି୧୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୦୫।୨୧।୦୧ ଚନ୍ଦ୍ରୋଦୟ- ରାଘ ୯।୨୩।୦୪**

ତୃତୀୟା- ଦିଘ ୮।୧୯ ପର୍ଯ୍ୟନ୍ତ । ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ଚନ୍ଦ୍ର- ରାଘ ୪।୨୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୪।୨୭ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ରାଘ୪।୨୭ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୮।୧୯ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୯ ଗତେ ଘ ୧।୦୧ ମଧ୍ୟେ। ଦିଘ ୮।୨୧ ଗତେ ଘ ୧୦।୩୬ ମଧ୍ୟେ । **ପର୍ବୋତ୍ସବ -** କବିବର ରାଧାନାଥ ରାୟଙ୍କ ତିରୋଧାନ ଦିବସ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୮।୪।୨୦୨୪, ବୈଶାଖ ଦି୧୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୦୫।୨୦।୨୧ ଚନ୍ଦ୍ରୋଦୟ- ରାଘ ୧୦।୨୧।୧୩**

ଚତୁର୍ଥୀ- ଦିଘ ୮।୨୩ ପର୍ଯ୍ୟନ୍ତ । ମୂଳା ନକ୍ଷତ୍ର- ରାଘ ୪।୪୮ ପର୍ଯ୍ୟନ୍ତ । ଧନୁ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୮।୨୩ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ଘ ୫।୨୩ ଗତେ ଘ ୯।୩୭ ମଧ୍ୟେ। ଦିଘ ୫।୧୯ ଗତେ ଘ ୧।୫୧ ମଧ୍ୟେ । **ପର୍ବୋତ୍ସବ -** ଓକିଲ ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ।

ପ୍ରାନ୍ତୀୟ
30 YEARS
ସମ୍ବାଦ କଳିକା

# ଜଳବାୟୁ ପରିବର୍ତ୍ତନ ପ୍ରଭାବ

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ବୁଧବାର ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ୱେଞ୍ଜ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ ବାଦ ପଡ଼ିବେ ନାହିଁ ବୋଲି ଲିଓନି ୱେଞ୍ଜ୍ କହିଛନ୍ତି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ସୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ୱ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

## ଏଣୁ ତେଣୁ



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

# କାବ୍ୟ କୌଣ୍ଡିନ୍ୟ-୪୨

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜଦ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ବିବାହ ସମ୍ପନ୍ନ



ଚଳିତ ଗୀତରେ ସୋମା ଓ କୌଣ୍ଡିନ୍ୟଙ୍କ ବିବାହ କାର୍ଯ୍ୟ ସମାପିତ ହୋଇଛି। ଏହି ୧୬ ପଦବିଶିଷ୍ଟ ଗୀତରେ ପ୍ରତ୍ୟେକ ପଦର ସମସ୍ତ ୬ ଅଂଶ 'ପ' ଅକ୍ଷରରେ ଆରମ୍ଭ ହୋଇଛି।

ପରିଣୟ ପ୍ରାପ୍ତି ପ୍ରେମ ସଂବଧରେ
ପ୍ରତ୍ୟାଶା ସୁଖ ବହୁତ
ପୂରଣ ହେଲେ ତା' ପ୍ରାପତ ତୃପ୍ତିର
ପରିମାଣ ଅପର୍ଯ୍ୟାପ୍ତ ।।୧।।

ପୂର୍ଣ୍ଣତା ପାଇଛି ପ୍ରେମୀଯୁଗଳଙ୍କ
ପ୍ରେମ ପରିଣୟ ହୋଇ
ପ୍ରସନ୍ନ ପ୍ରମଉ ପ୍ରେମୀ ପ୍ରେମିକାଙ୍କୁ
ପ୍ରତୀକ୍ଷା ସହି ନୁହଁଇ ।।୨।।

ପରିଣୟ ଦିନ ପ୍ରାସାଦ ଚମକେ
ପାତାଳ ଯେ ସୁସଜ୍ଜିତ
ପ୍ରକାର ପ୍ରକାର ପରିଧାନ ପିନ୍ଧି
ପ୍ରଜାଗଣ ସୁଶୋଭିତ ।।୩।।

ପ୍ରଖରେ ମର୍ଦ୍ଦଳ ପ୍ରଭୃତି ବାଦନେ
ପ୍ରକଂପିତ ଚତୁର୍ଦ୍ଦିଗ
ପ୍ରମୁଖ କଳାର ପ୍ରଦର୍ଶନ ଦେଖି
ପ୍ରଜା କଲେ ଉପଭୋଗ ।।୪।।

ପରିସ୍କାର ନଭ ପାରାବାର ନୀଳ
ପ୍ରକୃତି ରାଣୀ ପ୍ରସନ୍ନ
ପକ୍ଷୀ ନାନାରଂଗେ ପ୍ରମତ୍ତେ ନୃତ୍ୟନ୍ତି
ପ୍ରେମୀ ପ୍ରେମିକା ମିଳିଣ ।।୫।।

ପ୍ରବାହିତ ମଂଦ ପବନ ମଳୟ
ପ୍ରତିହତ କରେ ତାପ
ପ୍ରତୀକ୍ଷାରତ ସେ ପ୍ରତ୍ୟକ୍ଷ ଆଶାରେ
ପ୍ରଣୟ ବେଦୀ ସମୀପ ।।୬।।

ପ୍ରବଳ ଆଗ୍ରହେ ପରିଜନଗଣ
ପ୍ରାସାଦେ ରୁଣ୍ଡ ହୋଇଣ
ପ୍ରାକ୍ ବିବାହର ପୂଜା କର୍ମମାନ
ପାଳନେ ହେଲେ ନିମଗ୍ନ ।।୭।।

ପନ୍ନଗ ଭୂଷଣ ପୂଜାସ୍ଥଳେ କଲେ
ପ୍ରାସାଦ ତରୁଣୀଗଣ
ପରିଣିତା ହସ୍ତେ ପୁଷ୍ପଫଳ ଆଦି
ପ୍ରଦାନି କଲେ ପୂଜନ ।।୮।।

ପନ୍ନଗ ଦେବଙ୍କୁ ପ୍ରଣମି ଇଛିଲେ
ପ୍ରେମ ନିବିଡ ବଂଧନ
ପ୍ରାସାଦେ ଆସନ୍ତି ପ୍ରସାଦ ଲଭିଣ
ପ୍ରଥା କରିଣ ପାଳନ ।।୯।।

ପକ୍ଷ ବର ସାଜି ପ୍ରାସାଦ ଲଳନା
ପହଞ୍ଚ କୌଣ୍ଡିନ୍ୟ ପାଶ
ପରମ୍ପରା ମତେ ପ୍ରତି କଳ୍ପ କରି
ପରେ ଗଲେ ବରବେଶ ।।୧୦।।

ପତିରତି ସମ ପ୍ରତିଭାତ ରୂପ
ପ୍ରତ୍ୟକ୍ଷି ସବୁ ଯୁବତୀ
ପରମ ବୀରଙ୍କୁ ପ୍ରଶଂସନ୍ତି ମନେ
ପ୍ରୀତ ହୋଇ ଚିତ୍ତେ ଅତି ।।୧୧।।

ପରେ ଶୁଣି ବାର୍ତ୍ତା ପ୍ରେରିତ ନୃପଙ୍କ
ପୁରୋହିତ କନ୍ୟାବର
ପରିଜନ ଆଦି ପ୍ରବେଶିଲେ ଶୀଘ୍ର
ପ୍ରସ୍ତୁତ ବେଦୀ ଉପର ।।୧୨।।

ପାତାଳ ଗମନ ପଥେ ପ୍ରେମୀଦ୍ୱୟ
ପିନ୍ଧିଥିଲେ ଯେଉଁ ବସ୍ତ୍ର
ପରିଧାନ ସେହି ପରିଣୟ କାଳେ
ପରିହିତ ହେଲା ତତ୍ର ।।୧୩।।

ପରେ ଏହି ବେଶ ପ୍ରସିଦ୍ଧି ଲଭିଣ
ପ୍ରାନ୍ତ କମ୍ବୁଜ ଆଦିରେ
ପରମ୍ପରାରେ ଏ ପରିଣୟ ବସ୍ତ୍ରେ
ପରିଣତ ଲାଭ କରେ ।।୧୪।।

ପୁରୋଧାଙ୍କ ମନ୍ତ୍ର ପାଠରେ ବିବାହ
ପ୍ରଥାମାନ ସମାପତ
ପ୍ରେମୀଦ୍ୱୟ ପ୍ରୀତ ପ୍ରୀତ ଜ୍ଞାତିଜନେ
ପ୍ରଜାଗଣ ଆନଂଦିତ ।।୧୫।।

ପିତାମହ ସୁଖୀ ପିତାମାତା ସୁଖୀ
ପରିବେଶ ପ୍ରୀତିପୂର୍ଣ୍ଣ
ପ ଆଦ୍ୟର ଗୀତ ପଢ଼ ହେ ପାଠକେ
ପରଷେ ଦୁର୍ଗାଚରଣ ।।୧୬।।

**ଶବ୍ଦାର୍ଥ :**

**ପଦ (୧)ରୁ (୬) :** ପରିଣୟ-ବିବାହ। ପ୍ରତ୍ୟାଶା-ଆଶା। ପ୍ରତୀକ୍ଷା-ଅପେକ୍ଷା। ପରିଧାନ-ବସ୍ତ୍ର, ପୋଷାକ। ପ୍ରଖର-ଦ୍ରୁତ। ପ୍ରମୁଖ-ପ୍ରଧାନ। ନଭ-ଆକାଶ। ପ୍ରତ୍ୟକ୍ଷ-ଦେଖିବା। ପ୍ରଣୟ-ବିବାହ।

**ପଦ (୮)ରୁ (୧୧) :** ପନ୍ନଗ-ସାପ। ପନ୍ନଗଭୂଷଣ-ଶିବ। ପରିଣିତା-ଯେଉଁ ନାରୀ ବିବାହ କରୁଅଛି। ପନ୍ନଗ ଦେବ-ନାଗଦେବ। ପ୍ରଥା-ପରମ୍ପରା। ପକ୍ଷବର-ବରରପକ୍ଷ। କଳ୍ପ-ବିଧିମତେ କରାଯିବା ପୂଜା ପଦ୍ଧତି। ପତିରତି-ରତିବେଦୀଙ୍କ ପତି, କନ୍ଦର୍ପ। ପ୍ରତ୍ୟକ୍ଷି-ଦେଖି। ପରିଜନ-ନିଜ ପରିବାର ଲୋକ।

**ପଦ (୧୩) ଓ (୧୪) :** ପରିହିତ-ପିନ୍ଧାହେବା। ପ୍ରାନ୍ତ-ନିକଟ ଅଂଚଳ।

# ଅର୍ଥନୀତି ସମାନତା ଉପରେ ଧ୍ୟାନ କେନ୍ଦ୍ରିତ କରିବାର ସମୟ



**ଉମାଶଙ୍କର ପ୍ରସାଦ**
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଯଦି ବର୍ତ୍ତମାନ ବିଭିନ୍ନ ସମ୍ବାଦପତ୍ର ଓ ବୈଦୁତିକ ଗଣମାଧ୍ୟମର ରିପୋର୍ଟକୁ ଅନୁଧ୍ୟାନ କରିବା ତେବେ ଏହା ସ୍ପଷ୍ଟ ହେବ ଯେ ଦିନକୁ ଦିନ ଭାରତର ଆର୍ଥିକ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି। ଆର୍ଥିକ ବର୍ଷ ୨୦୨୩-୨୪ ରେ ଜି.ଡି.ପି ଅନୁସାରେ ଭାରତର ଆୟରେ ୭.୪ ପ୍ରତିଶତ ବୃଦ୍ଧି ଘଟିଛି କିନ୍ତୁ ଏହା ୨୦୦୩ ରୁ ୨୦୧୧ ମଧ୍ୟରେ ଥିବା ଭାରତର ଆୟ ତୁଳନାରେ କମ୍ ଅଛି। ୨୦୦୮ ମସିହାକୁ ଛାଡି ଯେତେବେଳେ ପୁରା ଦୁନିଆଁ ବିଷାଦ ଗ୍ରସ୍ତ ଥିଲା ସେ ସମୟରେ ଭାରତ ଲଗାତାର ପ୍ରତ୍ୟେକ ବର୍ଷ ୮ ପ୍ରତିଶତ ବୃଦ୍ଧି ହାସଲ କରିଥିଲା। ତେଣୁ ବର୍ତ୍ତମାନ ଅବସ୍ଥାରେ ୭.୬ ପ୍ରତିଶତ ଆର୍ଥିକ ବୃଦ୍ଧି ପ୍ରଶଂସନୀୟ। କିନ୍ତୁ ଆମେ ଯଦି ଟିକେ ନିମ୍ନକୁ ଯାଇ ବିଶ୍ଳେଷଣ କରିବା ତେବେ ସ୍ପଷ୍ଟ ଅନୁମେୟ ହେବଯେ ବିଶେଷ ଧନୀକ ଶ୍ରେଣୀର ଏକ ଛୋଟ ଅଂଶକୁ ଛାଡି ଦେଲେ ଅଧିକାଂଶ ଭାରତୀୟଙ୍କର ଅତି କଷ୍ଟରେ ସାମାନ୍ୟ ଆର୍ଥିକ ବୃଦ୍ଧି ହେବାର ଦେଖା ଯାଉଛି। ଏହାଛଡା ୧୯୯୦ ଦଶକର ମଧ୍ୟ ଭାଗରେ ଭାରତର ଆର୍ଥିକ ଅସମାନତା ଯୋଗୁଏହାର ମୂଳଦୁଆ କମ୍‌ଜୋର ହେବାରେ ଲାଗିଥିଲା। ବିଗତ ବର୍ଷ "ଇଣ୍ଟର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଫର ଏନଭାୟାରମେଣ୍ଟ ଆଣ୍ଡ ଡେଭଲପମେଣ୍ଟ"ର ଏକ ତଥ୍ୟ ଆଧାରରେ ଜଣାପଡେ କୃଷକ ମାନଙ୍କର ଆତ୍ମହତ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ୨୦୨୨ ରେ ଏହା ଶୀର୍ଷ ସ୍ଥାନକୁ ଉଠିଥିଲା। ଋଣ ଓ ଗରିବୀ ତଳେ ଚାପି ହୋଇ ୧୧,୨୯୦ କୃଷକ ଆତ୍ମହତ୍ୟା କରିଥିଲେ। କେବଳ ୨୦୧୪ ରୁ ୨୦୨୨ମସିହା ଭିତରେ ୧ଲକ୍ଷରୁ ଅଧିକ କୃଷକ ନିଜର ପ୍ରାଣ ବିସର୍ଜନ କରିଥିଲେ।

ଦେଶର ଅନ୍ୟ ଏକ ଦିଗକୁ ଅନୁଧ୍ୟାନ କଲେ ଜଣାପଡେ ଦେଶର ଅର୍ଥବ୍ୟବସ୍ଥାର ବିକଳ ଚିତ୍ର। ଯାହା ହେଲା 'ବେରୋଜଗାରୀ' ଯୁବବର୍ଗ। ୧୯୯୪ ରେ ଯୁବବେକାରୀ ସଂଖ୍ୟା ଥିଲା ୧୧.୮ ପ୍ରତିଶତ। ଏହି ସଂଖ୍ୟା କ୍ରମଶଃ ୨୦୧୮ ମସିହାରେ ବଢି ୨୫.୯ ପ୍ରତିଶତ ଯୁବକ ରୋଜଗାର ପାଇଁ ଚାକିରି ଅନ୍ୱେଷଣ କରୁଥିଲା ବେଳେ ତାଙ୍କୁ ହତାଶ ହେବାକୁ ପଡୁଛି। ଯଦିଓ ବର୍ତ୍ତମାନ ତାର ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଛି ତେବେ ମଧ୍ୟ ଭାରତର ଯୁବବର୍ଗ ବେରୋଜଗାରୀ ଦୁନିଆଁରେ ସବୁଠାରୁ ଅଧିକ। ବର୍ତ୍ତମାନ ବେରୋଜଗାରୀ ଯୁବବର୍ଗଙ୍କ ସଂଖ୍ୟା ଭାରତରେ ୬.୮ ପ୍ରତିଶତ ଅଛି ଯାହା ଗତ ଡିସେମ୍ବରରେ ୮.୭ ପ୍ରତିଶତ ଥିଲା। ବିଶେଷକରି ଶିକ୍ଷିତ ଯୁବ ବର୍ଗଙ୍କ ପାଇଁ ସ୍ଥିତି ଅତ୍ୟନ୍ତ ଜଟିଳ ଓ ଚିନ୍ତାଜନକ। ୨୦୨୨ ରେ ସ୍ନାତକ ଶିକ୍ଷା ଲାଭ କରିଥିବା ବେରୋଜଗାରୀ ଯୁବବର୍ଗ ଙ୍କ ସଂଖ୍ୟା ୨୯.୧ ପ୍ରତିଶତ ଯାହା ସ୍ୱତନ୍ତ୍ର ଭାରତରେ ସର୍ବାଧିକ। ୨୦ ରୁ ୨୪ ବର୍ଷ ବୟସର ବେକାର ଯୁବ ବର୍ଗଙ୍କ ସଂଖ୍ୟା ୪୪.୪୯ ପ୍ରତିଶତ। ୨୫ ରୁ ୨୯ ବର୍ଷ ବୟସର ଯୁବ ବେରୋଜଗାରୀ ଙ୍କ ସଂଖ୍ୟା ୧୪.୩୩ ପ୍ରତିଶତ। ଅକ୍ଟୋବରଠୁ ଡିସେମ୍ବର ୨୦୨୩ ମଧ୍ୟରେ ଯାହା ପୂର୍ବ ତିନି ମାସରେ ୧୩.୩୫ ପ୍ରତିଶତ ଥିଲା।

ଏହା ଛଡା ଆଉ ଏକ ଚିନ୍ତାଜନକ କଥା ଯାହା ଉପରେ ବିଶେଷଧାନ ଦିଆ ଯାଉନାହିଁ। ଯାହାହେଲା 'ନିବେଶ ଦର ବା ବିନିଯୋଗ ଦର' ଯାହା ହେଉଛି ଦେଶର ଏପରି ଏକ ଭାଗ ଯାହାକୁ ଦେଶ ତଥା ରାଜ୍ୟର କଳ କାରଖାନା, ସଡକ, ଗମନା ଗମନ, ମେସିନ ତଥା ମାନବ ପୁଞ୍ଜିରେ ବିନିଯୋଗ କରା ଯାଇଥାଏ। ଆମେ ଉପରୋକ୍ତ ଏହି ସୂଚୀରୁ କିଛି ଚର୍ଚ୍ଚା ବିଶେଷ ଭାବରେ ଗଣମାଧ୍ୟମ ପୃଷ୍ଠାରେ ଦେଖିବାକୁ ପାଉଛୁ। ଭାରତର ବନ୍ଦର ନିର୍ମାଣ ଓ ବିମାନ ଆଡା କ୍ଷେତ୍ରରେ ଭାରତର ପ୍ରଦର୍ଶନ ପ୍ରଣିଧାନ ଯୋଗ୍ୟ। ଯଦି ଆମ ନେତୃବର୍ଗ ଏ ସବୁର ଶ୍ରେୟ ନେଉଛନ୍ତି ତେବେ ଏହିସବୁ କ୍ଷେତ୍ରରେ ଶିକ୍ଷିତ ଯୁବବର୍ଗଙ୍କୁ କାହିଁକି ନିଯୁକ୍ତି ମିଳୁନି ଯାହା ଏକ ପ୍ରଶ୍ନବାଚୀ। ଉଚ୍ଚ ବିନିଯୋଗ ଦର ଦୀର୍ଘକାଳୀନ ବିକାଶର ମହତ୍ୱପୂର୍ଣ୍ଣ ଚାଳକ ଅଟେ। ଭାରତର ନିବେଶ ଦର ୨୦୦୬ ରେ ୩୮ ପ୍ରତିଶତକୁ ଟପି ଯାଇଥିଲା ଯାହା ୨୦୧୩ ସୁଦ୍ଧା ତଳକୁ ଖସିନଥିଲା। ସେହି ସମୟରେ ଭାରତର ବିନିଯୋଗ ଦୁନିଆଁରେ ସବୁଠୁ ବର୍ଦ୍ଧିତ ଅର୍ଥବ୍ୟବସ୍ଥାର ବରାବର ଥିଲା। କିନ୍ତୁ କ୍ରମାନ୍ୱୟରେ ଏହି ବର୍ଦ୍ଧିତ ହାରରେ ଦିନକୁଦିନ ହ୍ରାସ ହେବାର ଦେଖିବାକୁ ମିଳୁଛି ଯାହା ସରକାରଙ୍କ ଆର୍ଥିକ ସର୍ବେକ୍ଷଣ ତଥ୍ୟ କହେ। ୨୦୨୨-୨୩ ସୁଦ୍ଧା ଏହାର ସଂଖ୍ୟା ହ୍ରାସ ପାଇ ୨୭.୯ ପ୍ରତିଶତକୁ ଆସିଯାଇଛି। ଏଭଳି ହେବାର କାରଣ କ'ଣ? ୨୦୧୮ ମାର୍ଚ୍ଚରେ ପ୍ରକାଶିତ ବିଶ୍ୱ ବିଶମତା ଲ୍ୟାବର ତଥ୍ୟକୁ ଅନୁଧ୍ୟାନ କଲେ ଏହାର କାରଣ ଜଣା ପଡିଯାଏ। ଏଥିରୁ ଜଣାପଡୁଛି ଯେ ଭାରତରେ ଅସମାନତା ଦୀର୍ଘବର୍ଷ ଧରି ଅଧିକ ରହିଛି। ଏବଂ ତାହା ଏକ ନୂତନ ଶିଖରକୁ ପହଞ୍ଚି ଯାଇଛି। ସବୁଠୁ ଧନୀ ୧ ପ୍ରତିଶତ ଭାରତୀୟଙ୍କ ପାଖରେ ଦେଶ ଆୟର ୨୨.୬ ପ୍ରତିଶତ ଆୟ ଠୁଳ ହୋଇଛି। ବିଗତ ୧୦୦ ବର୍ଷ ତୁଳନାରେ ଏହା ସବୁଠାରୁ ଅଧିକ ବିନିଯୋଗ ଅଟେ। ବିଗତ ଦିନରେ ୧୯୩୦ ଦଶକରେ ଆମେ ଏହାର ନିକଟବର୍ତ୍ତୀ ହୋଇଥିଲୁ। ସେତେବେଳେ ଔପନିବେଶିକ ଶାସନ ଥିଲା। ତଥ୍ୟ ଆଧାରରେ ଏହା ବଡ ବଡ ବ୍ୟବସାୟୀ ଓ ସରକାରଙ୍କ ମଧ୍ୟରେ ବୁଝାବଣା ଯୋଗୁ ସମ୍ଭବ ଥିଲା। ଭାରତରେ ଦୀର୍ଘଦିନ ଧରି କ୍ରୋନିଜିମ୍ (cronyism) ଥିଲା କିନ୍ତୁ ବର୍ତ୍ତମାନ ଏହା ଏକ ନୂତନ ଉର୍ଦ୍ଧ୍ୱକୁ ପହଞ୍ଚିଛି ଯାହାର ତୁଳନା ମଧ୍ୟ ପ୍ରାଚ୍ୟ ଦେଶ ପାକିସ୍ଥାନ, ଫିଲିପିନ୍ସ ଆଦିରେ ଅତୀତରେ ଦେଖାଯାଇଥିବା କ୍ରୋନଜିମ ସହ ସମାନ। 'ଟାଇମ' ମ୍ୟାଗାଜିନ ୨୭ ମାର୍ଚ୍ଚରେ ପ୍ରକାଶିତ ତଥ୍ୟ ଅନୁସାରେ ଭାରତର ବିଷମତାର ସ୍ତର ଆମେରିକା, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକାରୁ ମଧ ଅଧିକ। ଏହାର କାରଣ ଆମେ ଏହାର ମୂଳ ଆଧାରକୁ ବିଚାର ନକରି କେବଳ ଗଣମାଧ୍ୟମ ତଥ୍ୟ ଉପରେ ନିଜକୁ କେନ୍ଦ୍ରିତ କରିଛୁ। ଆମେ ପ୍ରାଣ ପଣେ ଉଦ୍ୟମ କରୁଛୁ କିପରି ଆମ ଦେଶ ୫ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥାରେ ପହଞ୍ଚିବ। ରାଷ୍ଟ୍ରୀୟ ଆୟ ତୁଳନାରେ କିପରି ଜର୍ମାନୀକୁ ଟପିବ। କିନ୍ତୁ ଆମ ନେତୃବର୍ଗ କେବେହେଲେ ନିମ୍ନସ୍ତରର ଜନସାଧାରଣଙ୍କ ମଧ୍ୟରେ କିପରି ଏହି ଅର୍ଥ ସମାନଭାବରେ ବିତରଣ ହୋଇପାରିବ ଏବଂ ଗରିବର ସ୍ଥିତ ବଦଳିବ ଏହା ଉପରେ ଧ୍ୟାନ ଦେଇନାହାଁନ୍ତି। ଗାନ୍ଧିଜୀ ଦିନେ କହିଥିଲେ ଆମ ନେତୃବର୍ଗ ବିକାଶର ଚିନ୍ତା କରିବା ଆଗରୁ ସବୁଠାରୁ ଗରୀବ ଓ କମଯୋର ଲୋକର ମୁଖକୁ ମନେପକାଇ ନିଜ ହୃଦୟକୁ ପ୍ରଶ୍ନ କରୁ ଯେ ସେ ଉଠାଉ ଥିବା ପଦକ୍ଷେପ ଗରୀବ ଲୋକଙ୍କ ପାଇଁ କେତେଦୂର ସହାୟକ? ତେବେ ଦେଶ ତଥା ରାଜ୍ୟରୁ ଆର୍ଥିକ ଅସମାନତା ଦୂର ହୋଇପାରିବ ବୋଲି ଆଶା।

# ମନୋରଞ୍ଜନର ମାଧ୍ୟମ



**ଧ୍ରୁବଚରଣ ଘିବେଲା**
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ଯୁଗ ବଦଳୁଛି । ଅନେକ ପ୍ରସଙ୍ଗରେ ଅନେକ ଶବ୍ଦର ନୂଆ ନୂଆ ପରିଭାଷା ସାମ୍ନାକୁ ଆସୁଛି। ଇତିହାସ କଡ଼ ଲେଉଟାଇବା କଥା ଭଳି ପୁରୁଣା ବି ଫେସନ ପାଲଟୁଛି। ଚିରାଫଟା ପ୍ୟାଣ୍ଟ ପିନ୍ଧିବାରେ ଯୁବ ପିଢ଼ିଙ୍କ ବଢୁଛି / ରହୁଛି ଆଗ୍ରହ। ଖାଇବା, ପିନ୍ଧିବା ଭଳି ଅନେକ କଥାରେ ମଧ ରୁଚି ବଦଳୁଛି । ଖେଳକୁଦ, ବ୍ୟାୟମ ଆଦିରେ ବିଭିନ୍ନ ରୁଚି ରହୁଛି। ସୁସ୍ଥ ଦେହ ମନ ପାଇଁ ଖେଳକୁଦର ସର୍ବକାଳୀନ ଆବଶ୍ୟକତା ରହିଥାଏ ନିଶ୍ଚୟ । ଦେହ ଫୁର୍ତ୍ତି ପାଇଁ ଧାଁ ଦୌଡ଼ ବି କରିବାକୁ ପଡ଼େ ଓ ଡିଆଁ ଡେଇଁ କରିବାକୁ ହୁଏ । ଯୁବପିଢ଼ି କରିପାରନ୍ତି ଅଧିକ ଧାଁ ଦୌଡ଼ ବୟସ୍କଙ୍କଠୁ । ଧାଁ ଦଉଡ଼ କରି ନ ପାରିଲେ ସଞ୍ଜ ସକାଳେ ଅନ୍ତତଃ ଚାଲିବାରେ ଅସୁବିଧା ନ ଥାଏ । ଚଲାବୁଲା ବେଳେ ପୁରୁଣା ବନ୍ଧୁଙ୍କ ସହ ଚଲାବାଟରେ ଭେଟ ହୋଇଗଲେ ମନଟା ଟିକେ ହାଲୁକା ଲାଗେ । ଆପଣା ଭିତରେ ଦି' ପଦ କଥା ହେଲେ ଖୁସି ଲାଗେ । କଥାବାର୍ତ୍ତା ଭିତରେ ବି ହସ ଖୁସି ଅନେକ ଆନନ୍ଦ ଆଣିଦେଇଥାଏ । ପରିଣତ ବୟସରେ ହସ ଔଷଧ ଭଳି କାମ କରେ । ଖଣ୍ଡିଆ ମନରେ ଆଘାତ ଲାଗିଥିବା ହୃଦୟରେ ହସ ଲେପ ବହୁ କ୍ଷତ ପୂରଣ କରିଥାଏ । ଚାଲିବା ଓ କାହା ସହ କଥା ହେଉ ହେଉ ହସିବା ଖୁବ ଉପାଦେୟ ମନେହୁଏ । ଧାଁ ଦଉଡ଼ି ହେଉ କି ଚଲାବୁଲା କରି ହସ ଖୁସିରେ ଘରକୁ ଫେରିବାର ନିଆରା ଅନୁଭବ ସାଉଁଟିଥାନ୍ତି ଅନେକ ତାଙ୍କ ନିତିଦିନିଆ ଜୀବନରେ ସଞ୍ଜ ସକାଳେ ।

ଆଜିର ଦିନରେ ପୁଣି ଖୁସି ରହିବା ପାଇଁ ବିବିଧ ମନୋରଞ୍ଜନ ମାଧ୍ୟମର ବିପୁଳ ଉପଯୋଗ କରିଥାନ୍ତି ପିଲାଠୁ ବୟସ୍କ ଅନେକାନେକ । ଆଜିର ଛୁଆ ତ ମୋବାଇଲରେ ଖେଳନ୍ତି ଅନେକ ଖେଳ। ମୋବାଇଲ ଦେଖି ଦେଖି ଖାଆନ୍ତି, ମୋବାଇଲ ଦେଖି ଶୁଅନ୍ତି । ଛୁଆଙ୍କ ପାଇଁ ମୋବାଇଲ ପାଲଟେ ଯେମିତି ଆଈ ବୁଢ଼ୀ ଓ ଆଈ ଭଳି କେତେବେଳେ ଗୀତ ଗାଏ ତ କେବେ କାହାଣୀ କହେ । କାର୍ଟୁନ ଦେଖି ଏବର ଛୁଆ ହସନ୍ତି । ମୋବାଇଲ ସଉକ ଛୁଆଙ୍କ ଭଳି ରହିଥାଏ ସବୁ ବୟସର ଲୋକଙ୍କଠି। ଯାହାକୁ ଦେଖ ଯେଉଁଠି ଦେଖ ସେ ନିଶ୍ଚୟ ଥିବେ ମୋବାଇଲମୁହାଁ । ରାତି ଅଧରରେ ବି ଦେଖ ସେମିତି ମୋବାଇଲ ଧରି ଚେଇଁଥିବେ । ମୋବାଇଲ ଖେଳ ସମସ୍ତଙ୍କୁ କରିଛି ଯେମିତି ପାଗଳ । ଗୋଟେ ମୁହୂର୍ତ୍ତ ବି ମୋବାଇଲମୁକ୍ତ ନ ଥାନ୍ତି ଅନେକାନେକ । ଯୁବପିଢ଼ି ତ ମୋବାଇଲ ଖେଳରେ ପୂରା ମାତି ରହିଥାନ୍ତି । ବୟସ୍କ କେହି କେହି ଖୁସି ପାଆନ୍ତି ତାସ ଖେଳି ସମବୟସ୍କଙ୍କ ସହ । କିଛି ଥାଆନ୍ତି ମୋବାଇଲ ବିରୋଧି । ପିଲାଙ୍କ ହାତକୁ ମୋବାଇଲ ବଢ଼ାଇ ନ ଦେବା ପାଇଁ କହନ୍ତି । ହେଲେ ଆଜିର ଦିନରେ କିଏ କାହା କଥା ଶୁଣୁଛି ।

ମନୋରଞ୍ଜନ ପାଇଁ ଅର୍ଥାତ ହସ ଖୁସି ସୁଖ ସାଉଁଟିବା ପାଇଁ କିଏ କିଏ ଯାତ୍ରା ଦେଖିବାକୁ ଯାଆନ୍ତି । ଯାତ୍ରା ମାନେ ଯାତ୍ରା ପାର୍ଟି ଅପେରା ଓ ଅପେରାର ପରିଭାଷା ଆଜି ଜଲିଉଡ୍ jollywood. ସେଠି କାମ କରନ୍ତି ମାନେ ନାଚନ୍ତି, ଗାଆନ୍ତି, ଅଭିନୟ କରନ୍ତି ଅନେକ ଆର୍ଟିଷ୍ଟ। ସେଇଥିପାଇଁ ପାଉଣା ପାଆନ୍ତି ଓ ଅପେରା ପାର୍ଟିର ନାମୀ କଳାକାର ତାଙ୍କ (ପାର୍ଟ )ଅଭିନୟ ପାଇଁ ଦାମୀ ମଧ ଥାଆନ୍ତି । ଯାତ୍ରା ପାର୍ଟି ଅଭିନେତା ବି କେବେ କେବେ ପାର୍ଟି ବଦଳାନ୍ତି । ଗୋଟେ ଯାତ୍ରା ପାର୍ଟିରୁ ଯାଇ ଅନ୍ୟ ଯାତ୍ରା ପାର୍ଟିରେ ସାମିଲ ହୁଅନ୍ତି । ଏ ଯାତ୍ରାର ବି ଋତୁ ଥାଏ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଏମାନେ ଖେଳ ଦେଖାନ୍ତି ମାନେ ବହି ଖେଳ ହୁଏ ବହି ନାଆଁରେ ଯାତ୍ରା ମଞ୍ଚସ୍ଥ ହୁଏ । ଯାତ୍ରା କଳାକାର ଜଣେ ଜଣେ ଖେଳାଳି ଯାତ୍ରା ମଞ୍ଚର । ବଡ଼ ବଡ଼ ମେଳା ସ୍ଥାନରେ ଯାତ୍ରା ପଡ଼େ । ଯେମିତି ଭୁବନେଶ୍ୱର ଖଣ୍ଡଗିରି ମେଳାରେ ବାଦୀପାଲା ଭଳି ଯାତ୍ରା ପାଲା ହୁଏ। ଅନେକ ଯାତ୍ରା ପାର୍ଟି ସେଇଠି ତାଙ୍କ ଯାତ୍ରା ଖେଳ ମଞ୍ଚସ୍ଥ କରିଥାନ୍ତି ପ୍ରତିବର୍ଷ ସେଇ ମାଘ ମେଳାକୁ ।

ଯାତ୍ରା ପାର୍ଟି କେଉଁଠି କି ଗଲେ ସବୁ କଳାକାର ଏକାଠି ଏକତ୍ରିତ ହୋଇଯାଇଥାନ୍ତି ଯାତ୍ରା ପରିବେଷଣ ପାଇଁ । ପେଟ ପାଟଣା ପାଇଁ ଓ ପେଟ ପୋଷିବା ପାଇଁ । ସେଠି କଳାକାର କାମ କରୁଥିବା ପର୍ଯ୍ୟନ୍ତ ଥାଆନ୍ତି ସେଇ ଯାତ୍ରା ପାର୍ଟିର ଦଳରେ । ଯାତ୍ରା ପାର୍ଟିରେ ଥାଆନ୍ତି କଳାକାର । ରାଜନୈତିକ ପାର୍ଟି ବା ଦଳରେ ସାମିଲ ଥାଆନ୍ତି ନେତା ଓ କର୍ମୀ । ଗୋଟେ ପାର୍ଟିରେ ଥିବା ଯାଏ ନେତା - କର୍ମୀ ଥାଆନ୍ତି ସେଇ ପାର୍ଟିର । ସେଇ ଦଳ ବାସୁଥିବା ଯାଏ ସେଇଠି ଥାଆନ୍ତି । ଅବଶ୍ୟ ସେ ବାସ ବାସନା ଥାଏ ସ୍ୱାର୍ଥର ଗନ୍ଧ। ସ୍ୱାର୍ଥ ସାଧନ ହେଉଥିବା ପର୍ଯ୍ୟନ୍ତ ଦଳ ବାସେ । ଦଳଠୁ ଉପକାର ପାଉଥିବା ଯାଏ ଦଳ ବାସେ । ଦଳର ନେତା ବାସୁଥାନ୍ତି ଓ ଦଳର ବାକି ନେତା ବି ଗ୍ରହଣୀୟ ରହିଥାନ୍ତି।

ସ୍ୱାର୍ଥ ସାଧନ ନ ହେବା ସ୍ଥିତିରେ ବୋଧେ ନେତା ଦଳ ଛାଡ଼ନ୍ତି । ଆଉ ଗୋଟେ ଦଳରେ ସାମିଲ ହୁଅନ୍ତି । ଗତକାଲି ଯେଉଁ ଦଳକୁ ସମାଲୋଚନା କରୁଥିଲେ ଆଜି ସେ ଦଳକୁ କୋଳେଇ ନିଅନ୍ତି । ଅତୀତ ଦିନରେ ନିନ୍ଦା କରିଥିବା ନେତାଙ୍କ ପାଖରେ ବସନ୍ତି । ନୂଆ ଦଳ, ନୂଆ ନୀତି, ନୂଆ ଆଭିମୁଖ୍ୟ ସବୁକିଛି ନୂଆକୁ ଆବୋରି ନେଇଥାନ୍ତି ନୂଆ ଦଳକୁ ଆସିଥିବା ନବାଗତ ଓ ସେଠି ନବାଗତଙ୍କୁ କରାଯାଏ ସ୍ୱାଗତ । ଏହା ହିଁ ବିଚିତ୍ର । ନ ଥାନ୍ତି ରାଜନୀତିରେ ଚିରକାଳ ଶତ୍ରୁ ମିତ୍ର। ରାଜନୀତିରେ ଆଜିର ମିତ୍ର କାଲିକି ହୋଇପାରନ୍ତି ଅମିତ୍ର । ପୁଣି ଗତକାଲିର ଅମିତ୍ର ଆଜି ବେଶ ବନିଯାନ୍ତି ପରମ ମିତ୍ର ମଇତ୍ର ।

ରାଜନୀତିରେ ଦଳବଦଳର ସୁନ୍ଦର ପରିଭାଷା ହେଉଛି ଦଳଡିଆଁ । ସେଇ ଦଳଡିଆଁ ଖେଳରେ ଯାହା, ଯେଉଁ ତୁଣ୍ଡରେ ଉଷୁନା ସେଇ ସମାନ ତୁଣ୍ଡରେ ତାହା ଉଆ / ଅରୁଆ ପାଲଟିଯାଏ । ଯାତ୍ରା ପାର୍ଟିରେ ଯେମିତି କଳାକାର ଡିଅନ୍ତି, ରାଜନୈତିକ ଯାତ୍ରା ପାର୍ଟିରେ ନେତା ସେମିତି ଡେଇଁଥାନ୍ତି । ଯାତ୍ରା ପାର୍ଟିରେ ଡିଆଁ ଖେଳ ହୁଏ ପେଟ ପାଟଣା ପାଇଁ, ଅଧିକ ପାଉଣା ପାଇଁ ଅଥବା ଏକାନ୍ତ ବ୍ୟକ୍ତିଗତ କାରଣ ପାଇଁ । ରାଜନୈତିକ ଦଳରେ ଦଳ ଡିଆଁ ହୁଏ ପ୍ରାୟତଃ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ନିମିତ୍ତ । ଦଳଡିଆଁ ଖେଳ ହୁଏ ଭୋଟ ଆଗରୁ ବେଶି, ଭୋଟ ପରେ ବହୁତ କମ, ନ ହେଲେ ନାହିଁ । ଦଳ ଡିଆଁ କ୍ୱଚିତ ବୃହତ୍ତର ସ୍ୱାର୍ଥ ସାଧନ ନିମିତ୍ତ ହେଲେ ହେଉଥିବ କେଉଁଠି । ନ ହେଲେ ଦଳ ଡିଆଁ ଖେଳ ଖେଳାଯାଏ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ । ଏହା ନୂଆ ନୁହେଁ । ପୁରୁଣା । ତେବେ ଦଳଡିଆଁ ଖେଳାଳିଙ୍କ ପାଇଁ ସୁନ୍ଦର ପରିଭାଷା ରହିଛି ଦଳତ୍ୟାଗୀ, ଦଳବଦଳକାରୀ, ଡେଗୁ, ଡେଗାଳୀ ( ଯେ ଡେଗେ), ହିନ୍ଦୀରେ ପଲଟୁରାମ, ଗୟାରାମ ( ଦଳରୁ ଯେ ଯାଆନ୍ତି), ଆୟାରାମ (ଦଳକୁ ଯେ ଆସନ୍ତି), ଇତ୍ୟାଦି ଇତ୍ୟାଦି। ଗୋଟେ ଦଳରୁ ଅନ୍ୟ ଦଳକୁ ଯାଇ ପୁଣି ପୁରୁଣା ଦଳକୁ ଫେରିଆସିଲେ ତାକୁ ଆଖ୍ୟାୟିତ କରାଯାଏ 'ଘରବାହୁଡ଼ା' । ଦଳଡିଆଁ ଯଦିଚ ଅନୁଚିତ କାର୍ଯ୍ୟ ତାକୁ କିନ୍ତୁ ସ୍ୱୀକାର କରାଯାଏ । ତାର ଗ୍ରହଣୀୟତା ରହିଥାଏ ବୋଲି ଡିଆଁ ଡେଇଁ ଚାଲେ । ଏ ଖେଳ କାହାକୁ ବାସେ ତ କାହାକୁ ଗନ୍ଧାଏ । ଭୋଟ ନିର୍ବାଚନ ଆଗରୁ ଡିଆଁ ଡେଇଁ ଖେଳ ବେଶ ଦେଖିବାକୁ ମିଳେ । ଭୋଟ ପରେ ବି କେହି କେହି ଡେଇଁ ଥାଆନ୍ତି ଦଳଡିଆଁ ଖେଳ ଖେଳିବାକୁ ଇଚ୍ଛା କରି ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**



ମନୋଜ କୁମାର ବେହେରା

# ଗୁରୁଙ୍କ ଚିଠି...



ଜଣେ ଗୃହସ୍ଥ ନିଜର ଜୀବିକାର ଅଧାଭାଗ ଦୁଇଦିନର ଘର ଖର୍ଚ୍ଚ ପାଇଁ ନିଜର ସ୍ତ୍ରୀକୁ ଦେଇକରି ନିଜର ଗୁରୁଦେବଙ୍କ ପାଖକୁ ଚାଲିଗଲେ । ଦୁଇଦିନ ପରେ ସେ ନିଜର ଗୁରୁଦେବଙ୍କୁ ନିବେଦନ କଲାକି ମୋତେ ଏବେ ଘରକୁ ଫେରିଯିବାକୁ ହେବ । ମୁଁ ମୋ ସ୍ତ୍ରୀକୁ ଦୁଇ ଦିନର ଖର୍ଚ୍ଚ ଦେଇ କରି ଆସିଥିଲି । ଏବେ ତ ତା'ର ସବୁ ଅର୍ଥ ସରିଯିବଣି । ଏବେ ମୋ ସ୍ତ୍ରୀ ଆଉ ଛୁଆମାନେ କେମିତି ଚଳିବେ ? ଗୁରୁଦେବ ବହୁତ ବୁଝେଇଲା ପରେ ମଧ୍ୟ ସେ ସେଠାରେ ରହିଲାନି । ଗୁରୁଦେବ ଯିବା ସମୟରେ ତାକୁ ଗୋଟିଏ ଚିଠି ଦେଲେ । କହିଲେ, ରାସ୍ତାରେ ମୋର ଜଣେ ଭକ୍ତଙ୍କୁ ଏହି ଚିଠିଟା ଦେଇକରି ଯିବ । ସେ ସେହି ଚିଠିକୁ ଧରି ଭକ୍ତଙ୍କ ପାଖକୁ ଗଲା । ସେ ଚିଠିରେ ଲେଖା ହୋଇଥିଲା କି ଯେମିତି ଏହି ଚିଠି ମୋ ଭକ୍ତ ତୁମକୁ ଦେବ ତୁମେ ତାକୁ ଛଅ ମାସ ପାଇଁ ମୌନ ସାଧନାର ସୁବିଧା ବାଲା ଜାଗାରେ ବନ୍ଦ କରିଦେବ । ସେହି ଗୁରୁଭକ୍ତ ଗୁରୁଙ୍କ ଆଦେଶ ମାନିକରି ସେଇଆ କଲେ । ସେହି ଗୃହସ୍ଥ ଶିଷ୍ୟ ଛଅମାସ ପର୍ଯ୍ୟନ୍ତ ଗୁରୁଙ୍କ ପଦ୍ଧତି ନିୟମ, ସାଧନା କରିଚାଲିଥିଲେ । କିନ୍ତୁ ବେଳେବେଳେ ଏହି ଭାବନାରେ ମଧ୍ୟ ପଡ଼ି ଯାଉଥିଲେ କି ମୋର ସ୍ତ୍ରୀର କ'ଣ ହେଲା ? ମୋ ଛୁଆମାନେ କେଉଁ ଅବସ୍ଥାରେ ଥିବେ ? ଏପଟେ ତା'ର ସ୍ତ୍ରୀ ବହୁତ ଦିନ ଅପେକ୍ଷା କଲାପରେ ସେ ବୁଝିଗଲେ ଯେ ବୋଧେ ଏବେ ତାଙ୍କ ସ୍ୱାମୀ ଆଉ ଫେରିବେନି । ତେଣୁ ସେ ଅନ୍ୟମାନଙ୍କ କ୍ଷେତରେ କାମ କରିବା ଆରମ୍ଭ କରିଦେଲେ । ଚାଷ କରୁ କରୁ ଦିନେ ତାଙ୍କୁ କ୍ଷେତରୁ ସୁନା ଭର୍ତ୍ତି ଗୋଟିଏ ମାଠିଆ ମିଳିଲା । ସେ ଜାଣିଥିଲେ ଯେ ଏହି ସୁନା ତାଙ୍କର ନୁହେଁ । ତେଣୁ ସେ ଯାଇ ସେହି କ୍ଷେତର ମାଲିକଙ୍କୁ ସୁନା ଭର୍ତ୍ତି ମାଠିଆକୁ ଦେଇଦେଲେ । ତା'ର ବିଶ୍ୱାସ ଦେଖି କ୍ଷେତର ମାଲିକ ଖୁସି ହୋଇ ତା' ପାଇଁ ଗୋଟିଏ ଭଲ ଘର ତିଆରି କରିଦେଲେ ଏବଂ ଜୀବିକା ପାଇଁ ତାକୁ ଜମି କିଛି ଦେଲେ । ଏବେ ସେ ନିଜର କ୍ଷେତରେ ଚାଷ କରି ଭଲ ଭାବରେ ଜୀବନ ଯାପନ କରିବାକୁ ଲାଗିଲା । ଏବେ ସେହି ଶିଷ୍ୟ ଛଅମାସ ପରେ ନିଜ ଘରକୁ ଫେରି ନିଜର ଘରକୁ ଦେଖିକରି ଆଶ୍ଚର୍ଯ୍ୟ ହୋଇଗଲେ । ଆଉ ମନରେ ଗୁରୁଦେବଙ୍କ କରୁଣା କୃପାର ପ୍ରତି କୃତଜ୍ଞତା ବ୍ୟକ୍ତ କରିବାକୁ ଲାଗିଲେ କି ସଦ୍‌ଗୁରୁ ମୋତେ ଅନ୍ଧକାରରୁ ମୁକ୍ତ କରିଦେଲେ । ମୁଁ ଭାବୁଥିଲି କି ମୁଁ ଯଦି ରୋଜଗାର କରି ନ ଦେବି ତା'ହେଲେ ମୋ ସ୍ତ୍ରୀ ଆଉ ଛୁଆଙ୍କର କ'ଣ ହେବ ? କରିବାବାଲା ତ ସବୁ ଭଗବାନ କଲେ । କିନ୍ତୁ ମିଛ ଅହଂକାର କାରଣରୁ ମନୁଷ୍ୟ ବୁଝିଥାଏ କି ମୁଁ ଏହା କରିଛି । ସେ ତା'ର ଗୁରୁଦେବଙ୍କ ପାଖକୁ ଯାଇକରି ତାଙ୍କର ଚରଣ ତଳେ ପଡିଗଲା । ଗୁରୁଦେବ ତାକୁ ବୁଝେଇକରି କହିଲେ, ପୁଅ ! ପ୍ରତ୍ୟେକ ଜୀବର ନିଜ ନିଜର ପ୍ରାରବ୍ଧ ହୋଇଥାଏ ଆଉ ତାହାର ଅନୁସାରେ ଜୀବନଯାପନ ହୋଇଥାଏ । ମୁଁ ଭଗବାନଙ୍କ ଭଜନରେ ଲାଗିକରି ମନେ ମନେ ଚିନ୍ତା କରୁଛି ମୋର ପରିବାରର କ'ଣ ହେବ ? ମୁଁ ସମସ୍ତଙ୍କର ପାଳନ ପୋଷଣ କରିଥାଏ ଆଉ ମୋ ପରେ ତାଙ୍କର କ'ଣ ହେବ ? ଏହା ଅହଂକାର ମାତ୍ର ଅଟେ । ବାସ୍ତବରେ ଯେଉଁ ପରମାତ୍ମା ଏହି ଶରୀର ଦେଇଛନ୍ତି ସେହି ପରମାତ୍ମା ଏହାର ଭରଣ ପୋଷଣ ମଧ୍ୟ କରିଥାନ୍ତି ।

*ପ୍ଲଟ୍ ନମ୍ବର-୨୧୭/ପି,*
*ବାୟାବାବା ମଠଲେନ୍,*
*ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*

# ଜୀବନର ପଥେ

*କୁନଲତା ତ୍ରିପାଠୀ*



ଜୀବନର ପଥେ ଯାତନାର ରଥେ
ଯନ୍ତ୍ରଣାକୁ ସାଥୀକରି
ମୁଁ ରଥୀ ସାଜିଛି ସଂସାର ସଂଗ୍ରାମେ
ଅଭାବରେ ଭାବ ଭରି । ୦

ଜଞ୍ଜାଳ ଅଟଇ ମୋ ରଥ ସାରଥି
ବ୍ୟଥା ବେଦନା ଦଉଡ଼ି
ଆଶା ଅସୁମାରି ଘୋଡ଼ା ଯୋଚିଥାଇ
ରଥ ପଥେ ଯାଏ ଗଡ଼ି
ମୋ ଭିତର ମୁଁ ତୀର ହୋଇ ଧୀରେ
ତୂଣୀରରୁ ଯାଏ ବାହାରି । ୧

ବେଳ ଅବେଳରେ ନିଦାଘ ତାତିରେ
ଛାତିରେ ମୋ ବଢେ ଭୀତି
ଜୀବନରେ ଥାଇ ମରଣକୁ ଭେଟେ
ମୋ ପଥରେ ନିତି ନିତି
ଲହୁ ଲୁହ ପିଇ ବେଗମତି ଗତି
ସେ ଶକ୍ତି ପାଥେୟ କରି । ୨

କିଏ ହେ ଅରୂପ ବିଚିତ୍ର ସ୍ୱରୂପ
ଅଦୃଶ୍ୟରେ ଦୃଶ୍ୟମୟ
ପଥ ମୋ କଢାଇ ମୋ ଭିତରେ ଥାଇ
ଭାବରେ ହୁଅ ଉଦୟ
ବଇରୀମାନଙ୍କୁ ବୀରଗତି ଦିଏ
ସୁଦରଶନ ତୁମରି । ୩

ଅନୁପମ ହୋଇ ଅନୁଭବେ ଥାଇ
ଅନ୍ତରୁ ବ୍ୟାପି ଅନନ୍ତ
ଭାବର ମନ୍ଦିରେ ବିଶ୍ୱାସ ମୂରତି
ଆତ୍ମାନନ୍ଦେ ଅବିରତ
ଭକତିରେ ପ୍ରୀତ ହେ ସତ୍ୟ ଶାଶ୍ୱତ
ଚିନ୍ତା ଚେତନା ଆବୋରି ।୪

ଜୀବନ ପଥରେ ପ୍ରାଣ ପ୍ରୟାଣରେ
ଅଲକ୍ଷ୍ୟରେ ଲକ୍ଷ୍ୟ ହୋଇ
ମୋ ଭାବରୁ କେବେ ଅନ୍ତର ନହେବ
ବିନତି ଶ୍ରୀପଦେ ଏହି
ପ୍ରୀତିର ମଧୁକୁ ବରଷି ହେ ସ୍ୱାମୀ
ଆପଣାର ନେବକରି ।୫

*କଟକ*
*ଫୋନ -୮୩୩୯୦୫୧୧୭୩*

# ଭାରି ଭଲ ଲାଗେ

*ଆଦ୍ୟାଶା ମହାପାତ୍ର*

ଭାରି ଭଲଲାଗେ ବୋଉ ଗେହ୍ଲା ଡାକ
ଆହା କି ସୁନ୍ଦର ସ୍ୱର !
ସେ ଡାକରେ ପରା ରହିଛି ମାଧୁର୍ଯ୍ୟ
କିଣି ନିଏ ମନ ମୋର

ଭାରି ଭଲ ଲାଗେ ମୋ ବୋଉ ପଣତ
ଯେବେ ମୋତେ ଧିରେ ଛୁଏଁ
ଆଖିରୁ ଲୋତକ ଯେତେ ଦୁଃଖ କଷ୍ଟ
ଆପେ ଆପେ ଦୂର ହୁଏ

ଭାରି ଭଲ ଲାଗେ ବୋଉ କୋଳେ ଯେବେ
ଶୋଇଯାଏ ରଖି ମଥା
ଆହା କି କୋମଳ ଶେଯ ସୁପାତି ସେ
ହରିନିଏ ସବୁ ବ୍ୟଥା

ଭାରି ଭଲ ଲାଗେ ମୋତେ ଯେବେ ମିଳେ
ବୋଉ କାନି ଗଣ୍ଠି ଧନ
ଆଇସକ୍ରିମ ଅବା ବେଲୁନ ଗୋଟେରେ
ତୁଟେ ସାରା ଅଭିମାନ

ଭାରି ଭଲ ଲାଗେ ଯେବେ ଖେଳେ ଦାଣ୍ଡେ
ବୋଉ ଚାହିଁଥାଏ ବାଟ
ଆହୁଡାଏ ମୋତେ ବାପାଙ୍କ ରୋଷରୁ
କାଳେ ବସିଯିବ ଛାଟ

ଭାରି ଭଲ ଲାଗେ ଛୁଏଁ ଯେବେ ମୁହିଁ
ବୋଉର ପବିତ୍ର ପାଦ
ଲାଗେ ସେଇ କ୍ଷଣି ଦୂରୀଭୁତ ହେଲା
ଯେତେ ସବୁ ପରମାଦ

ଭାରି ଭଲ ଲାଗେ ବୋଉ ହାତ ଯେବେ
ମଥାପରେ ମୋର ରହେ
ଲାଗେ ମୋତେ ସାରା ସୁଖ ଅଇଶ୍ୱର୍ଯ୍ୟ
କ୍ଷଣିକରେ ମିଳିଯାଏ ।

*ନୂଆପଡା, କଟକ*

# ମିଳନ

*ଅଖିଳ କୁମାର ମିଶ୍ର*

ବୋଧହୁଏ,
ସେଇ ଏକା ଜାଗାରେ ଛିଡ଼ା ହୋଇ ରହିବାଟା
ଭାଗ୍ୟ ବା ଭବିଷ୍ୟତ !
ସହସ୍ର ଯାତ୍ରା, ପଟୁଆର ଓ ପ୍ରସଙ୍ଗ ଭିଡ଼ ତିଆରି କରୁଚି ।
ଏ କି ମିଳନର ସମୟ
ନା ବିଭୋର ହୋଇ ନାଚିବାର ସଂକେତ ?

ଆଖିପତା ଠରାଠରି,
ଝୁଂକ୍‌ରେ ଉଡୁଚି ମନ,
ପାଦ ଦଉଡ଼ିଚି ମତୁଆଲା ହୋଇ,
ରାତିର ଉଜାଗର ପହର ସାଜିଚି ମାହେନ୍ଦ୍ର ବେଳା -
ମୋବାଇଲ୍‌ର ସିଲଟରେ ଲେଖାସବୁ କାଟି ହେଉଛନ୍ତି,
ନିଦ ଏକ ଚୋରା ବାଦଲ,
ଅନ୍ଧାର ଏଲାଗେ ପ୍ରେମ ଠାରୁ ଗହୀର ।

ମତେ କିଛି ମାଲୁମ୍ ନାଇଁ,
ଯାହା ବି ଦିଶୁଚି ଆଖପାଖରେ,
ସେ ଅତି ପରିଚୟ କି ପରିଚିତର ଅଭିନୟ ଟାଣୁଚି -
ହସ ଫୁଟେ କାହା ଚେହେରାରେ,
ତଥାପି କା ଛାତିରେ ଦୂରନ୍ତ ଟ୍ରେନ୍‌ଟିଏ ଖୁଟ୍‌ଖୁଟ୍ କରେ,
ବୃତ୍ତି,
ପ୍ରବୃତ୍ତି ଓ
ଚାଲିଯିବାର ଅକସ୍ମାତ୍ କ୍ଷୋଭରୁ,
କିଏ ହଜେ କିଏ ଖୋଜେ,
କିଏ ରହେ, କିଏ ରହେନାଇଁ - ଏ ଛୋଟ ପ୍ରାଣରେ
କେମିତି କହିବି କୁହ
ଏ ହଜିଲା ହଜିଲା ଖିଆଲ୍‌ରେ ।

*ଅତିରିକ୍ତ ମହାନିର୍ଦ୍ଦେଶକ, ପତ୍ର ସୂଚନା କାର୍ଯ୍ୟାଳୟ,*
*ଭାରତ ସରକାର, ରାଂଚି, ଦୋରନ୍ଦା, ଝାଡ଼ଖଣ୍ଡ*



# ତୁ ସିନା ଫେରୁ

*ରଶ୍ମିତା ସେଠୀ*

ତୁ ସିନା ଫେରୁ ପ୍ରତି ଆଷାଢ଼ରେ
ମୁଁ କିନ୍ତୁ ପାରେନା ଫେରି
ତୁ ସିନା ଝରୁ ଝରକା ସେପାଖେ
ମୁଁ ହଉଥାଏ ଝୁରି
ଭସାଇ ଭସାଇ କାଗଜର ନାଆ
ଦେଇଥିଲି ତତେ ମନ
ମନ ଡାଏରିରେ ଚିହ୍ନଟିଏ ହେଇ
ସାଇତା ହଜିଲା ଦିନ
ସେଇଦିନୁ ପରା ଏଇ ହୃଦୟରେ ରହିଛୁ ତୁ ଘର କରି
ମନ ହୁଏ ଆଜି ଭିଜନ୍ତି ତୋ ସାଥେ
ହେଲେ ମୁଁ ପାରେନା ଭିଜି
ରାଣ ଦେଇ ବାଟ ଓଗାଳେ ବୟସ
ବାର ବାର ମତେ ଆଜି
ଏ କୂଳେ ମୁଁ ଠିଆ ସେ କୂଳେ ଅତୀତ
ଡାକେ ମତେ ହାତ ଠାରି ... ।

*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*

# ନିଦାଘରୁ ନବସୃଜନୀ ପର୍ଯ୍ୟନ୍ତ

*ଡକ୍ଟର ଜ୍ୟୋସ୍ନାରାଣୀ କର*



ନିଦାଘର ନିର୍ମମ ଜ୍ୱାଳାରେ ସନ୍ତ୍ରସ୍ତ ଜୀବନ
ଦାରୁଣ ଦୂରତ୍ୱର ଦିଗ୍‌ବଳୟରେ ମଗ୍ନସ୍ୱପ୍ନ
ଶ୍ୱାସରୁଦ୍ଧ କାଳିମାରେ ଆଚ୍ଛନ୍ନ ସରଳ ବିଶ୍ୱାସ
କୋହାସକ୍ତ ଆବେଗରେ ନିଷିଦ୍ଧ ଜୀବନର ନିଃଶ୍ୱାସ
ଭଲ ଥିଲା ନିଷ୍କପଟ ନିରୋଳା ସରଳତା
ନିଷ୍ଠୁର ଜୀବନ ଶିଖେଇଲା ନାନାଦି ଜଟିଳତା
କେତେ ଭଲ ଥିଲା ସାବଲୀଳ ସ୍ୱପ୍ନିଳ ଜୀବନ
ଏବେ ନିସ୍ତେଜ ନିସ୍ତରଙ୍ଗ ନୀରସ ନୀରବ ମନ
ନିର୍ଭେଜାଲ ନିରୁତା ହସଟେ ମିଳେନା ଏଠି
ଦିଶେ ଖାଲି ଛଳନାର କାରାରୁଦ୍ଧ ଦୃଶ୍ୟ ସବୁଠି
ସ୍ୱପ୍ନଙ୍କ ଆତ୍ମହତ୍ୟା କେବେ ଦେଖିଛ କି କେହି
କେମିତି ନୀରବରେ ତରଳି ଯାଆନ୍ତି ନଈ ହୋଇ
ନିରୁଦ୍ଦିଷ୍ଟ ଏଠି ଆବେଗ, ଜରାଜୀର୍ଣ୍ଣ ଜୀବନର ଧାରା
ନୈସର୍ଗିକ ସମ୍ଭାବନାର ସଂସ୍ଥିତିରେ ଅପେକ୍ଷମାଣା ତାରା
ଆସିବ ଦିବ୍ୟଚେତନା ନବସଂକେତର ପ୍ରବାହକ
ପ୍ରସରିବ ନୀଳ ସୃଷ୍ଟିରେ ସୃଜନର ବଳାହକ ।

*ସହକାରୀ ପ୍ରାଧ୍ୟାପିକା, ଓଡ଼ିଆ ବିଭାଗ,*
*ମଡ୍ରେଲ ଡିଗ୍ରୀ କଲେଜ, ନୟାଗଡ଼*

# ବିସର୍ଜନ

*ବିନୟାନନ୍ଦ ବସ୍ତ୍ୟସ୍ୟ*

ଆବାହନ ଥିଲେ ସଂସ୍ଥାପନ ହୁଏ
ତତପର ବିସର୍ଜନ,
ବିସର୍ଜନ ପରେ ପୁନଃ ପୂଜିବାକୁ
ଲୋଡ଼ାହୁଏ ଆଗମନ

ଯେଉଁଠୁ ଆସିଛ ସେଇଠାକୁ ଯିବ
ବାଟବଣା ହେବା କାହିଁ,
ସ୍ମୃତି ବିସ୍ମୃତିର ଭାବନା ଭିତରେ
କେହି ତ କାହାର ନାହିଁ

ଯାହା ପାଇଁ ହୋଇ ଡହଳ ବିକଳ
ଆଶୁ ଗଣ୍ଠି ଛିଣ୍ଡାଇବ,
ମଲେ ଖଟୁ ସେହି ତଳକୁ ଓହ୍ଲେଇ
ଅଗଣାରେ ଶୁଆଇବ

ପୋଡ଼ିଦେବେ କରି ମୁଠାଏ ପାଉଁଶ
ଗୁଣ୍ଡ ହାଡ଼ ଧରି ଯିବେ,
ଶୁଦ୍ଧ ଘର ପରେ ଅସ୍ଥି ବିସର୍ଜନ
ଗଙ୍ଗା ଜଳେ କରାଇବେ

ଅସ୍ଥି ସଙ୍ଗେ ସ୍ମୃତି ବିସର୍ଜନ କରି
ଭୁଲିଯିବେ ଦିନା କେତେ,
କଦବା କେମିତି ମନେ ପକାଇବେ
ଭୁଲୁଥିବେ ନାନା ମତେ

ସ୍ମୃତି ବିସର୍ଜନ ହୁଏ ନାହିଁ କେବେ
ତ୍ୟାଗ ପୂତ ଯହିଁ ଥାଏ,
ହୃଦୟରେ ହୁଏ ଅଲିଭା ଦାଗ ସେ
ଜକ ଜକ ଦିଶୁଥାଏ

ବିସର୍ଜନ କେବେ ହୋଇପାରେ ନାହିଁ
କେତେ ସ୍ମୃତି ଜୀବନରେ,
ଝୁରି ହେଲେ ମଧ୍ୟ ଆସେନାହିଁ ଫେରି
ଝୁରି ଝୁରି ସିନା ମରେ ।

*ନିଆଳ, ଖୋର୍ଦ୍ଧା*



# ତୁମେ ଗଲା ପରେ...

*ପ୍ରଭାତ କୁମାର ନାୟକ*

ତୁମେ ଗଲା ପରେ ଚନ୍ଦିନୀର ଚନ୍ଦ
ଶୀତଳ ଜୋଛନା ଢାଳେ ନା,
ନିତି ନିଶୀଥରେ ଫୁଟେ ହେନା ମଲ୍ଲି
ସେ ଫୁଲରେ ନାହିଁ ବାସନା
ତୁମେ ଗଲା ପରେ ...

ଋତୁ ପରେ ଋତୁ ଫଗୁଣ ଫେରିଛି
ମଳୟ ପବନ ବହେନା,
ପାହାନ୍ତି ପ୍ରହରେ ଆମ୍ବ ଗଛ ଡ଼ାଳୁ
କୋକିଳ କୂଜନ ଶୁଭେନା
ସୋରିଷ ଫୁଲର ହଳଦିଆ ଖେତ
ଚୁପି ଚୁପି ଆଉ ହସେନା..
ତୁମେ ଗଲା ପରେ ...

ପ୍ରେମ ନୀଳ ନଈ ଶୁଖିଲା ପଡିଛି
ପୀରତି ଜୁଆର ଆସେନା,
ବିରହର ନିଆଁ ନିତି ଜାଳି ମାରେ
ହୃଦୟରେ ଭରି ବେଦନା
ମନ ଅଗଣାରେ ପାଦ ପାଉଁଜିର
ରୁଣୁ ଝୁଣୁ ସ୍ୱର ଶୁଭେନା ..
ତୁମେ ଗଲା ପରେ ...

ତୁମ ସାଥେ ପ୍ରିୟା ଏ ଜୀବନେ କେବେ
ଦେଖା ହେବ କି ନା ଜାଣେନା,
ତୁମରି ଫେରିବା ପଥକୁ ଅନାଇ
ଏ ଆଖିର ଲୁହ ଶୁଖେନା
ମୋ ଜୀବନ ଏଠି ବଇଶାଖୀ ତାତି
ତୁମ ବିନା ଭଲ ଲାଗେନା..
ତୁମେ ଗଲା ପରେ ଚନ୍ଦିନୀର ଚନ୍ଦ
ଶୀତଳ ଜୋଛନା ଢାଳେ ନା ....

*ଚେନ୍ନାଇ, ତାମିଲନାଡୁ*
*ମୋ - ୮୧୨୨୮୦୩୨୪୬*



# ପୁସ୍ତକ ସମୀକ୍ଷା

## ଅଣ୍ଡରଷ୍ଟାଣ୍ଡିଙ୍ଗ ଆଣ୍ଡ ଆଡ୍ରେସିଂ କ୍ଲାଇମେଟ ଚେଞ୍ଜ




ସମ୍ପ୍ରତି ତୁହାକୁ ତୁହା ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ତଥା ୟୁ. ଜି. ସି. ନିର୍ଦ୍ଦେଶାବଳୀ ଅନୁଯାୟୀ ଭାରତୀୟ ଜଳବାୟୁ କଂଗ୍ରେସ, 'ଅଣ୍ଡରଷ୍ଟାଣ୍ଡିଙ୍ଗ ଆଣ୍ଡ ଆଡ୍ରେସିଂ କ୍ଲାଇମେଟ ଚେଞ୍ଜ ପ୍ରଥମ ସଂକଳନ' ଏକ ପାଠ୍ୟ ପୁସ୍ତକ ପ୍ରକାଶ କରିଛି, ଯାହା ଏକ ଗଭୀର ଓ ଅନୁଭୂତିପୂର୍ଣ୍ଣ ପ୍ରଥମ ପାଠ୍ୟ ପୁସ୍ତକ । ଏହାର ମୂଳ ଉଦ୍ଦେଶ୍ୟ ହେଲା, ସ୍କୁଲ, କଲେଜ ତଥା ବିଭିନ୍ନ ବିଶ୍ୱବିଦ୍ୟାଳୟ ମାନଙ୍କରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧିତ ସମସ୍ତ ବିବରଣୀ ପ୍ରଦାନ କରିବ । ପରିବେଶ ବିଜ୍ଞାନ ପଢୁଥିବା ସମସ୍ତ ଛାତ୍ରଛାତ୍ରୀ ଏହି ପୁସ୍ତକ ମାଧ୍ୟମରେ ସେମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ପାଇ ପାରିବେ । ଜଳବାୟୁ ପରିବର୍ତ୍ତନ ଓ ଏହାର କାରଣ ଓ ନିରାକରଣ, ଗ୍ଲୋବାଲ ୱାର୍ମିଙ୍ଗ, ଅଙ୍ଗାର ପଦଚିହ୍ନ, ଶୂନ୍ୟ ଜାଲ, ପରିବେଶର ସୁରକ୍ଷା ଓ ଅନ୍ୟାନ ସମସ୍ତ ପରିବେଶ ବିଜ୍ଞାନ ସମ୍ବନ୍ଧିତ ତଥ୍ୟ ଏହି ପୁସ୍ତକଟିରେ ସ୍ୱଳ୍ପ ଦାମରେ ଉପଲବ୍ଧ ଛାତ୍ରଛାତ୍ରୀମାନଙ୍କର ପରିବେଶ ବିଜ୍ଞାନରେ ଏହି ସଂକଳନ ସାହାଯ୍ୟ କରିବା ସହ, ଜଳବାୟୁ ପରିବର୍ତ୍ତନକୁ ମଧ୍ୟ ମୁକାବିଲା କରିବା ଦିଗରେ ଏହି ପୁସ୍ତକ ସହାୟକ ହେବ ବୋଲି ପୁସ୍ତକର ଲେଖକ ନିହାର ରଞ୍ଜନ ଆଚାର୍ଯ୍ୟ ଓ ପ୍ରଫେସର ସଞ୍ଜୟ କୁମାର ସାମନ୍ତରାୟ ସ୍ୱୀକାର କରିଛନ୍ତି ।

# ଫୁଲଟିଏ ହସେ

*କବିରତ୍ନ ନୂତନ କୁମାର ବେହେରା*

ଫୁଲଟିଏ ହସେ
ମହମହ ବାସେ ଉପବନ ଚରିପାଶେ
କମନୀୟା ଲାଗେ ପରିବେଶେ
ଡଉଲ ଡାଉଳେ କି ସୁନ୍ଦର ଦିଶେ
ନିଷ୍କାମ ପ୍ରେମର ପରଶେ
ପାଖୁଡ଼ା ମେଲି ତା' ରଙ୍ଗ ପ୍ରକାଶେ
ମୃଦୁ ମଳୟ ବହି ଆସେ
ନାଚେ ସେ ଆନନ୍ଦ ଉଲ୍ଲାସେ
ଫୁଲଟିଏ ହସେ
ଜାଣିଛି ଭଲ କରି ସେ
ଫୁଟିଛି ସକାଳେ କେତେ ହରଷେ
ଝାଉଁଳି ମଉଳି ଝାଞ୍ଜି ଖରାର କ୍ଳେଶେ
ଝଡ଼ି ପଡ଼ିବ ସଂଜକୁ ଶେଷେ
ଦୁଃଖ ନାହିଁ ତା' ମାନସେ
ଟିକି ଜୀବନର ଟିକିଏ ଆୟୁଷେ
ପ୍ରଭୁଙ୍କ ଦାନକୁ ସମ୍ମାନ ଦିଏ ସରସେ
ଫୁଲଟିଏ ହସେ
ଆହତ ହୋଇ ବି କୀଟ ଦଂଶନର ବିଷେ
ଜୀବନ ଜଞ୍ଜାଳେ ରହେନା ହତାଶେ
ମନେ ପ୍ରାଣେ ଥାଏ ଦୃଢ଼ ବିଶ୍ୱାସେ
କାମନାର ଆଶାରେ ରହେନା କା' ବଶେ
ତା' କ୍ଷୁଦ୍ର ଜୀବନ କାଟେ ନିରଳସେ
ଝରାଏ ନା ଲୁହ ସେ ନିରାଶେ
ସୃଷ୍ଟିର ପୀୟୂଷ ପାନେ ରହେ ସନ୍ତୋଷେ
ଫୁଲଟିଏ ହସେ
ଅଧିକ ଜିଇଁବାର ଆସକ୍ତି ନାହିଁ ତା' ପାଶେ
ସ୍ୱଚ୍ଛ ପବିତ୍ର ରହେ ଜଗତ ବିକାଶେ
ସ୍ତୁତି କରେ ଏକ ଧ୍ୟାନେ ରହି ଉପବାସେ
ନିର୍ବିକାର ରହିବାକୁ ପ୍ରଭୁଙ୍କ ଆଶିଷେ
ଖୋଜେ ଜାଗା ବିଭୁଙ୍କର ପାଦ ଦେଶେ
ରହି ସେ ଏକାଗ୍ରତାର ଅଭିଳାଷେ
ନିରବ ପ୍ରଣତି ଢାଳେ ତାର ସୁବାସେ
ଫୁଲଟିଏ ହସେ...

*କୋହି, ବାରିପଦା, ମୟୂରଭଞ୍ଜ*
*ମୋ- ୮୦୧୮୩୫୩୩୨୨*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ଅପ୍ରେଲ, ଶନିବାର, ୨୦୨୪


# ଦ୍ୱିତୀୟ ସନ୍ତାନର ପିତା ହେଲେ କ୍ରୁନାଲ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ଲକ୍ଷ୍ନୌ ସୁପର ଜିଆଣ୍ଟ୍‌ସର ଭେଟେରାନ ଖେଳାଳି କ୍ରୁନାଲ ପାଣ୍ଡ୍ୟା ଦ୍ୱିତୀୟ ଥର ପାଇଁ ପିତା ହୋଇଛନ୍ତି । ତାଙ୍କ ପତ୍ନୀ ପଙ୍ଖୁଡି ଶର୍ମା ଦ୍ୱିତୀୟ ସନ୍ତାନ ଜନ୍ମ ଦେଇଥିଲେ । କ୍ରୁନାଲ ଏବଂ ପଙ୍ଖୁଡି ନବଜାତକର ନାମ ବାୟୁ ରଖିଛନ୍ତି । କ୍ରୁନାଲ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶଂସକମାନଙ୍କୁ ଏହି ସୂଚନା ଦେଇଛନ୍ତି । ୨୧ ଏପ୍ରିଲରେ କ୍ରୁନାଲଙ୍କ ପତ୍ନୀ ଏକ ସନ୍ତାନ ଜନ୍ମ ଦେଇଥିଲେ । କିନ୍ତୁ ସେ ଏହି ସୂଚନା ଶୁକ୍ରବାର ଦିନ ସାର୍ବଜନୀନ କରିଛନ୍ତି । ୨୦୧୭ରେ କ୍ରୁନାଲ ପଙ୍ଖୁଡିଙ୍କୁ ବିବାହ କରିଥିଲେ । ପଙ୍ଖୁଡି ଜୁଲାଇ ୨୦୨୨ରେ ତାଙ୍କର ପ୍ରଥମ ସନ୍ତାନ ଜନ୍ମ ଦେଇଥିଲେ । ତାଙ୍କ ପୁଅର ନାମ କବୀର ସୋସିଆଲ ମିଡିଆ ମାଧ୍ୟମରେ କ୍ରୁନାଲ ଏହି ସୂଚନା ସେୟାର କରିଥିଲେ ।

ବର୍ତ୍ତମାନ ପଙ୍ଖୁଡି ଅନ୍ୟ ଏକ ସନ୍ତାନକୁ ଜନ୍ମ ଦେଇଛନ୍ତି । ଲକ୍ଷ୍ନୌ ସୁପର ଜିଆଣ୍ଟ୍‌ସ ଖେଳାଳି କ୍ରୁନାଲ ବର୍ତ୍ତମାନ ଆଇପିଏଲ ଖେଳିବାରେ ବ୍ୟସ୍ତ ଅଛନ୍ତି । କିନ୍ତୁ ସେ ତାଙ୍କ ପତ୍ନୀଙ୍କ ସହ ସର୍ବଶେଷ ଫଟୋ ସେୟାର କରିଛନ୍ତି । ସେ ପଙ୍ଖୁଡିଙ୍କୁ ଭେଟିବାକୁ ଆସିଥିଲେ । ପ୍ରଶଂସକମାନେ କ୍ରୁନାଲଙ୍କ ଇନଷ୍ଟାଗ୍ରାମ ପୋଷ୍ଟରେ ଅଭିନନ୍ଦନ ଜଣାଇଛନ୍ତି । ଲକ୍ଷ୍ନୌ ସୁପର ଜିଆଣ୍ଟ୍‌ସ ସହ ଦୀନେଶ କାର୍ତ୍ତିକ ଏବଂ ଶିଖର ଧାୱନଙ୍କ ସମେତ ଅନେକ କ୍ରିକେଟର ମଧ୍ୟ କ୍ରୁନାଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉଲ୍ଲେଖ ଥାଉ କି କ୍ରୁନାଲ ଆଇପିଏଲ ୨୦୨୪ରେ ଲକ୍ଷ୍ନୌ ପାଇଁ ଖେଳୁଛନ୍ତି । ସେ ଚଳିତ ସିଜନରେ ୮ଟି ମ୍ୟାଚ୍ ଖେଳିଛନ୍ତି ଏବଂ ଏହି ସମୟ ମଧ୍ୟରେ ୫ଟି ୱିକେଟ ନେଇଛନ୍ତି । କ୍ରୁନାଲ ୫ ଇନିଂସରେ ୫୮ ରନ ସଂଗ୍ରହ କରିଛନ୍ତି ।



# ଟି-୨୦ ବିଶ୍ୱକପ୍‌ର ବ୍ରାଣ୍ଡ ଆମ୍ବାସଡର ହେଲେ ଯୁବରାଜ ସିଂହ

**ନୂଆଦିଲ୍ଲୀ**

ଜୁନ୍ ମାସରୁ ଆରମ୍ଭ ହେଉଥିବା ଟି-୨୦ ବିଶ୍ୱକପର ବ୍ରାଣ୍ଡ ଆମ୍ବାସଡର ଭାବେ ଆଇସିସି ଟିମ୍ ଇଣ୍ଡିଆର କିମ୍ବଦନ୍ତୀ କ୍ରିକେଟର ଯୁବରାଜ ସିଂହଙ୍କୁ ନିଯୁକ୍ତ କରିଛି । ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜିତ ହେବାକୁ ଥିବା ବିଶ୍ୱକପକୁ ଆଉ ୩୬ ଦିନ ବାକି ଥିବା ବେଳେ ଆଇସିସି ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ।



୨୦୦୭ ଟି-୨୦ ବିଶ୍ୱକପର ପ୍ରଥମ ସଂସ୍କରଣ ଭାରତ ଜିତିଥିବା ବେଳେ ଯୁବରାଜ ୬ ବଲରେ ୬ ଛକା ମାରି ରେକର୍ଡ କରିଥିଲେ । ଏବେ ସେ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତି ପାଇଥିବାରୁ ଆମେରିକାରେ ହେବାକୁ ଥିବା ପ୍ରମୋସନାଲ କାର୍ଯ୍ୟକ୍ରମରେ ଭାଗ ନେବେ । ଏଥିସହ ଜୁନ ୯ରେ ବହୁ ପ୍ରତିକ୍ଷୀତ ଭାରତ-ପାକିସ୍ତାନ ମ୍ୟାଚ୍‌ର ମଧ୍ୟ ସେ ପ୍ରମୋସନ କରିବେ ।

ଏପରି ନିଯୁକ୍ତି ପରେ ଯୁବରାଜ କହିଛନ୍ତି, ଟି-୨୦ ବିଶ୍ୱକପର କିଛି ସ୍ମରଣୀୟ ମୁହୂର୍ତ୍ତ ମୋର ମନେ ପଡ଼ିଯାଉଛି । ଏହା ମଧ୍ୟରେ ଗୋଟିଏ ଓଭରରେ ୬ ଛକା ରହିଛି । ଏବେ ଏହି ସଂସ୍କରଣର ଅଂଶୀଦାର ହେବାକୁ ଉତ୍ସାହିତ । ୱେଷ୍ଟଇଣ୍ଡିଜରେ କ୍ରିକେଟ ଖେଳିବା ବେଶ୍ ଚମତ୍କାର । ବିଶ୍ୱକପ ମଧ୍ୟ ଆମେରିକାରେ ଅନୁଷ୍ଠିତ ହେବ । ଆମେରିକାରେ କ୍ରିକେଟ ପ୍ରବେଶ କରିବା ଗୋଟିଏ ଭଲ ଖବର ଟି-୨୦ ବିଶ୍ୱକପ ଦ୍ୱାରା ଏହା ଆମେରିକାରେ ଆହୁରି ଆଦୃତ ହେବ । ନ୍ୟୁୟର୍କରେ ଭାରତ-ପାକିସ୍ତାନ ମୁକାବିଲା ଚଳିତ ବର୍ଷର ସବୁଠାରୁ ବଡ଼ କ୍ରୀଡ଼ା ପ୍ରତିଯୋଗିତା ହେବାକୁ ଯାଉଛି । ଏହାର ଅଂଶୀଦାର ହେବା ସୌଭାଗ୍ୟର ବିଷୟ କାରଣ ନୂଆ ଷ୍ଟାଡିୟମରେ ଦୁଇ ଶ୍ରେଷ୍ଠ ଦଳର ଲଢ଼େଇ ଦେଖିବାର ସୌଭାଗ୍ୟ ମିଳିବ । ଏହା ପୂର୍ବରୁ ଆଇସିସି ବିଶ୍ୱର ଧ୍ରୁତତମ ଧାବକ ଉସେନ ବୋଲ୍ଟଙ୍କୁ ମଧ୍ୟ ଟି-୨୦ ବିଶ୍ୱକପର ବ୍ରାଣ୍ଡ ଆମ୍ବାସଡର କରିଥିଲା । ଆସନ୍ତା ଜୁନ ୧ରୁ ୨୯ ତାରିଖ ଯାଏ ଇଣ୍ଡିଜ ଓ ଆମେରିକାରେ ଟି-୨୦ ବିଶ୍ୱକପ ଆୟୋଜିତ ହେବ ।

# ଧୋନିଙ୍କ ନାଁ ନେଇ ଠକେଇ

**ନୂଆଦିଲ୍ଲୀ**

ଭାରତ ଓ ଚେନ୍ନାଇ ସୁପରକିଙ୍ଗ୍ସ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ଲୋକପ୍ରିୟତାର ଫାଇଦା ଉଠାଇବା ଲାଗି ସାଇବର ଠକ ନୂଆ ଯୋଜନା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଧୋନିଙ୍କୁ ନେଇ ଲେଖା ଲେଖି କରି ଚାନ୍ଦା ଆଦାୟ କରୁଛନ୍ତି । mahi77i2 ନାମକ ଆକାଉଣ୍ଟ ହ୍ୟାଣ୍ଡଲରୁ ଧୋନି ରାଞ୍ଚିରେ ଫଶି ଯାଇଛନ୍ତି, ୬୦୦ ଟଙ୍କା ପଠାନ୍ତୁ ବୋଲି ଏହି ସାଇବର ଠକମାନେ ଲେଖି ସାଧାରଣ ଜନତାକୁ ଚୂନ ଲଗାଉଛନ୍ତି । ଲୋକଙ୍କ ବିଶ୍ୱାସ ଭାଜନ ହେବା ପାଇଁ ଧୋନିଙ୍କର ଏକ ସେଲ୍‌ଫି ଓ ଚେନ୍ନାଇ ସୁପରକିଙ୍ଗ୍‌ସର ଟିମ୍ ସଂଗୀତକୁ ମଧ୍ୟ ଏହା ତଳେ ଲେଖିଛନ୍ତି । ସେଲଫି ସହ ଲେଖାଥିବା ଶୀର୍ଷକ ମାହିଙ୍କ ପ୍ରଶଂସକଙ୍କ ଧ୍ୟାନ ଆକର୍ଷଣ କରିଛି । ଏଥିରେ ଲେଖା ହୋଇଛି ହାଏ, ମୁଁ ମହେନ୍ଦ୍ର ସିଂହ ଧୋନି, ମୁଁ ଏକ ବ୍ୟକ୍ତିଗତ ଆକାଉଣ୍ଟରୁ ଏହି ବାର୍ତ୍ତା ପଠାଉଛି । ମୁଁ ରାଞ୍ଚି ବାହାରେ ଅଛି ଏବଂ ମୋ ମନି ପର୍ସ ଆଣିବାକୁ ଭୁଲିଯାଇଛି ।




ଆପଣ ମୋତେ ୬୦୦ ଟଙ୍କା ଫୋନ ପେ କରିପାରିବେ କି ? କଲେ ମୁଁ ବସ୍‌ରେ ଫେରିପାରନ୍ତି । ଘରେ ପହଞ୍ଚିବା ପରେ ଆପଣଙ୍କ ପଇସା ଫେରାଇ ଦିଅନ୍ତି । ଏହି ଲେଖା ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି ।

# ମହାପ୍ରଭୁଙ୍କ ଦର୍ଶନ କଲେ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲ



**ପୁରୀ**

ମହାପ୍ରଭୁଙ୍କ ଦର୍ଶନ କଲେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ତାରକା ସାଇନା ନେହ୍ୱାଲ । ପୁରୀ ଶ୍ରୀମନ୍ଦିରରେ ପ୍ରାୟ ଘଣ୍ଟାଏ ବିତେଇବା ସହ ମହାପ୍ରସାଦ ସେବନ କରିଛନ୍ତି । ସାଇନା କହିଛନ୍ତି, ଶ୍ରୀଜୀଉଙ୍କ ଉପରେ ସମସ୍ତଙ୍କ ଆସ୍ଥା ରହିଛି । ଆଳତି ଦର୍ଶନ କରିବାର ସୌଭାଗ୍ୟ ପାଇ ଖୁବ୍ ଖୁସି । ସାଇନାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜୀଉଙ୍କ ମୂର୍ତ୍ତି ଉପହାରରେ ଦିଆଯାଇଛି ।

# ଅଲିମ୍ପିକ୍ସ କ୍ରୀଡ଼ା ପ୍ରତି ବଢୁଛି ଆଗ୍ରହ : ନୂଆ ଫ୍ୟାନ୍ ବେସ୍ ସୃଷ୍ଟି କରୁଛନ୍ତି ହକି, ଫୁଟ୍‌ବଲ

**ଭୁବନେଶ୍ୱର**

ଦିନ ଥିଲା ଭାରତରେ ଖେଳ କହିଲେ ସମ୍ଭବତଃ କେବଳ କ୍ରିକେଟ୍‌କୁ ବୁଝାଉଥିଲା । ବହୁ ଅଣପାରମ୍ପରିକଅନ୍ତର୍ଜାତୀୟ ଖେଳର ଉପସ୍ଥିତି ସତ୍ତ୍ୱେ କ୍ରିକେଟ ଭାରତୀୟ କ୍ରୀଡ଼ା ମାନଚିତ୍ରରେ ସଂପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରୁଥିଲା । ଆଜି ବି କ୍ରିକେଟ୍‌ର ସେହି ପୁରୁଣା ଲୋକପ୍ରିୟତା ଓ ପ୍ରଶଂସକ ଭିତ୍ତି ଅକ୍ଷୁଣ୍ଣ ରହିଛି । ହେଲେ ବିଭିନ୍ନ ପାରମ୍ପରିକ ଖେଳ ମଧ୍ୟ ସମାନ୍ତରାଳ ଭାବେ ନିଜ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । କବାଡ଼ି, କୁସ୍ତି ଓ ଖୋ ଖୋ ଭଳି ଖେଳ ଏହି କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ପଥ ପ୍ରଦର୍ଶକ ପାଲଟିଛି । ଭାରତରେ ଏସବୁର ଲୋକପ୍ରିୟତା ଓ ଦର୍ଶକ ସଂଖ୍ୟା ଗତ ୫ବର୍ଷ ମଧ୍ୟରେ ୨୦ରୁ ୫୦ ପ୍ରତିଶତ ବଢ଼ିଛି । ସେହିଭଳି ହକି, ଫୁଟ୍‌ବଲ୍, ଟେନିସ୍, ବ୍ୟାଡ୍‌ମିଣ୍ଟନ ଭଳି ଖେଳର ପ୍ରଶଂସକ ସଂଖ୍ୟା ପୂର୍ବର ସବୁ ରେକର୍ଡ ଭାଙ୍ଗିଛି । ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ ଭାରତ ସହ ଓଡ଼ିଶାରେ ମଧ୍ୟ ବିଭିନ୍ନ ଅଲିମ୍ପିକ୍ସ ଖେଳ ଖେଳାଯିବାର ଧାରା ଉପରମୁହାଁ ରହିଛି । ଦେଶର କ୍ରୀଡ଼ା ଦୃଶ୍ୟପଟ୍ଟରେ ହେଉଥିବା ଏହି ବୈପ୍ଳବିକ ପରିବର୍ତ୍ତନ ପାଇଁ ଅଲିମ୍ପିକ୍ସ ଭଳି କ୍ରୀଡ଼ା ମହୋତ୍ସବରେ ଭାରତୀୟଙ୍କ ସଫଳତା ବି ବଢ଼ିବଢ଼ି ଚାଲିଛି । ଏଣୁ ଆଗାମୀ ସମୟରେ ଭାରତ ଅର୍ଥନୀତି ସହ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଏକ ମହାଶକ୍ତି ଭାବେ ଉଭା ହେବ ବୋଲି ଭାରତୀୟ ଅଲିମ୍ପିକ୍ସ ସଂଘ ଦୃଢ଼ୋକ୍ତି ପ୍ରକାଶ କରିଛି ।



ପରିସଂଖ୍ୟାନ ଅନୁସାରେ ଭାରତରେ ୧୦ଟି ସର୍ବାଧିକ ଲୋକପ୍ରିୟ ଖେଳ ମଧ୍ୟରେ କ୍ରିକେଟ ପ୍ରଥମ ସ୍ଥାନରେ ରହିଛି । ହକି, ଫୁଟ୍‌ବଲ୍, କବାଡ଼ି, ବ୍ୟାଡ୍‌ମିଣ୍ଟନ୍, ଟେନିସ୍, କୁସ୍ତି, ମୁଷ୍ଟିଯୁଦ୍ଧ, ମୋଟର ସ୍ପୋର୍ଟସ ଓ ବାସ୍କେଟବଲ ଏହି କ୍ଷେତ୍ରରେ ଦ୍ୱିତୀୟରୁ ଦଶମ ସ୍ଥାନରେ ରହିଛନ୍ତି । ଟେଲିଭିଜନ ଓ ଓଟିଟିରେ କ୍ରୀଡ଼ା ଦର୍ଶକ ସଂଖ୍ୟାରେ କିନ୍ତୁ ସାମାନ୍ୟ ଅଦଳବଦଳ ରହିଛି । ରିପୋର୍ଟ-୨୦୨୪ ଅନୁସାରେ ଭାରତରେ ସଂପ୍ରତି ୬୭୮ ନିଯୁତ ବା ୬୭.୮ କୋଟି କ୍ରୀଡ଼ା ଦର୍ଶକ (ଯେଉଁମାନେ ଗତ ଏକବର୍ଷ ମଧ୍ୟରେ ଟେଲିଭିଜନ କିମ୍ବା ଓଟିଟିରେ ଅନ୍ୟୂନ ଅଧଘଣ୍ଟା କ୍ରୀଡ଼ା କାର୍ଯ୍ୟକ୍ରମ ଦେଖିଛନ୍ତି) ଅଛନ୍ତି । ଦର୍ଶକ ଦୃଷ୍ଟିରୁ କ୍ରିକେଟ ୬୨୦, ଫୁଟ୍‌ବଲ ୩୦୫ ଓ କବାଡ଼ି ୨୮୦ ନିଯୁତ ଦର୍ଶକ ସହ ପ୍ରଥମ ୩ ସ୍ଥାନରେ ରହିଛନ୍ତି । ହକି ପଞ୍ଚମ ସ୍ଥାନରେ ରହିଛି । କବାଡ଼ି ଓ କୁସ୍ତି ଦର୍ଶକ ସଂଖ୍ୟା ପୂର୍ବରୁ ୫୦ ନିଯୁତ ତଳେ ରହୁଥିଲା ବେଳେ ଏବେ ଏହା ଯଥାକ୍ରମେ ୨୮୦ ଓ ୧୬୩ ନିଯୁତକୁ ବଢ଼ିଛି । କ୍ରୀଡ଼ା ଦର୍ଶକ ମଧ୍ୟରୁ ୯୦ ପ୍ରତିଶତ କ୍ରିକେଟ ଦେଖୁଥିଲା ବେଳେ ସେମାନଙ୍କ ଭିତରୁ ୪୫ ପ୍ରତିଶତ ଫୁଟ୍‌ବଲ୍, ୪୧ ପ୍ରତିଶତ କବାଡ଼ି, ୨୪ ପ୍ରତିଶତ କୁସ୍ତି, ୨୩ ପ୍ରତିଶତ ହକି, ୨୧ ପ୍ରତିଶତ ବ୍ୟାଡ୍‌ମିଣ୍ଟନ୍, ୧୯ ପ୍ରତିଶତ ଦୌଡ଼କୁଦ, ୧୬ ପ୍ରତିଶତ ଭଲିବଲ୍, ୧୬ ପ୍ରତିଶତ ମୁଷ୍ଟିଯୁଦ୍ଧ ଓ ୧୪ ପ୍ରତିଶତ କାର୍ ରେସିଂ ଦେଖୁଛନ୍ତି ।

ବିଭିନ୍ନ ପେସାଦାର ଲିଗ ମଧ୍ୟରୁ ଆଇପିଏଲ ଏକ ନମ୍ବର ସ୍ଥାନରେ ରହିଛି ପ୍ରୋ କବାଡ଼ି ଦ୍ୱିତୀୟରେ ରହିଥିଲା ବେଳେ ଆଇଏସ୍‌ଏଲ (ଫୁଟ୍‌ବଲ୍) ତୃତୀୟ ସ୍ଥାନ ଅଧିକାର କରିଛି । ଦେଶର ୮ଜଣ ସବୁଠାରୁ ଲୋକପ୍ରିୟ ଖେଳାଳିଙ୍କ ଭିତରେ କ୍ରିଷ୍ଟିଆନୋ ରୋନାଲ୍‌ଡୋ ଚତୁର୍ଥ ଓ ଲିଓନେଲ ମେସିଙ୍କ ରୂପରେ ଦୁଇଜଣ ବିଦେଶୀ ରହିଛନ୍ତି । ଭାରତର ସବୁଠାରୁ ଲୋକପ୍ରିୟ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ବିରାଟ କୋହଲି (୩୫%) ପ୍ରଥମ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ମହେନ୍ଦ୍ର ସିଂହ ଧୋନି (୧୯%), ରୋହିତ ଶର୍ମା (୧୨%), କ୍ରିଷ୍ଟିଆନୋ ରୋନାଲ୍‌ଡୋ (୭%), ସଚିନ ତେନ୍ଦୁଲକର (୬%), ଲିଓନେଲ ମେସି (୫%), ନୀରଜ ଚୋପ୍ରା (୨%) ଓ ସୁନୀଲ ଛେତ୍ରୀ (୨%) ପଛକୁ ପଛ ଅଛନ୍ତି । ଆଇପିଏଲ ଦଳଗୁଡ଼ିକ ମଧ୍ୟରେ ଚେନ୍ନାଇ ସୁପରକିଙ୍ଗ୍ସ (୧୮ ପ୍ରତିଶତ) ସର୍ବାଧିକ ଲୋକପ୍ରିୟ ଦଳ ହୋଇଥିଲା ବେଳେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ (୫ ପ୍ରତିଶତ)ର ଲୋକପ୍ରିୟତା ହେଉଛି ସବୁଠୁ କମ ।

# ପଣ୍ଟିଂ ବ୍ୟବହାର କରୁଥିଲେ କି ସ୍ପ୍ରିଙ୍ଗ ଲାଗିଥିବା ବ୍ୟାଟ୍ !



**ମୁମ୍ବାଇ**

ଆଇପିଏଲରେ କ୍ରୀଡ଼ା ସହିତ ଜଡ଼ିତ ଅନେକ ମଜାଦାର କାହାଣୀ ମଧ୍ୟ ଶୁଣାଯାଏ । ସୋସିଆଲ ମିଡିଆରେ ଏକ ଷ୍ଟିଙ୍ଗ ଅପରେସନର ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଦିଲ୍ଲୀ କ୍ୟାପିଟାଲର ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ଏକ ରହସ୍ୟ ପ୍ରକାଶ କରୁଥିବା ନଜର ଆସିଛନ୍ତି ।

୨୦୦୩ ମସିହାର ବିଶ୍ୱକପ ଫାଇନାଲରେ ଭାରତ ବିପକ୍ଷରେ ରିକି କୁଆଡେ ସ୍ପ୍ରିଙ୍ଗ ଲାଗିଥିବା ବ୍ୟାଟ୍ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ସେହି ଫାଇନାଲ ମ୍ୟାଚରେ ପଣ୍ଟିଂ ୧୪୦ ରନର ଅପରାଜିତ ଇନିଂସ ଖେଳିଥିଲେ, ଯେଉଁଥିରେ ୮ଟି ଛକା ମଧ୍ୟ ରହିଥିଲା । ସେହି ପ୍ରଦର୍ଶନ ଯୋଗୁଁ ଅଷ୍ଟ୍ରେଲିଆ ୩୫୯ ରନ ସଂଗ୍ରହ କରିଥିଲା । ଲୋକମାନେ ବିଶ୍ୱାସ କରୁଥିଲେ ଯେ ସ୍ପ୍ରିଙ୍ଗ ଲାଗିଥିବା ବ୍ୟାଟ ସାହାଯ୍ୟରେ ପଣ୍ଟିଂ ଏତେ ସହଜରେ ଏତେ ଲମ୍ବା ସଟ୍ ମାରିବାରେ ସକ୍ଷମ ହୋଇଥିଲେ । ଏହି ଗୁଜବ ୨୦ ବର୍ଷରୁ ଅଧିକ ସମୟ ଧରି ଚାଲିଆସୁଛି । ତେବେ ନିକଟରେ ଦିଲ୍ଲୀ କ୍ୟାପିଟାଲ ଏହାର ସୋସିଆଲ ମିଡିଆ ପୃଷ୍ଠାରେ ଷ୍ଟିଙ୍ଗ ଅପରେସନ ନାମରେ ଏକ ଭିଡିଓ ସେୟାର କରିଥିଲେ । ଏହି ଭିଡିଓରେ ସତୀଶ ରାୟ ୨୦୦୩ ମସିହାରେ ବିଶ୍ୱକପ ଫାଇନାଲରେ ବ୍ୟବହୃତ ସ୍ପ୍ରିଙ୍ଗ ବ୍ୟାଟ୍ ବିଷୟରେ ପଣ୍ଟିଂଙ୍କୁ ପଚାରିଲେ । ଦିଲ୍ଲୀ କ୍ୟାପିଟାଲର ମୁଖ୍ୟ ପ୍ରଶିକ୍ଷକ ପଣ୍ଟିଂ ମଧ୍ୟ ଥଟ୍ଟା କରି କହିଥିଲେ ଯେ ସେ ଏକ ସ୍ପ୍ରିଙ୍ଗ ବ୍ୟାଟ ବ୍ୟବହାର କରିଥିଲେ । କିନ୍ତୁ ପରେ ସେ ଏହି କଥାକୁ ଗୁଜବ ବୋଲି କହିବା ସହ କହିଛନ୍ତି ଯେ ସେ କେବେ ବି ସ୍ପ୍ରିଙ୍ଗ ବ୍ୟାଟ ବିଷୟରେ ଶୁଣି ନାହାନ୍ତି ।




ଭୁବନେଶ୍ୱର : ଓଡ଼ିଶାରେ ଚାଲିଥିବା ଏଆଇଏଫଏଫ-ଫିଫା ଏକାଡ଼େମି ମ୍ୟାଚ୍ ଅବସରରେ ଏଆଇଏଫଏଫ ପ୍ରେସିଡ଼େଣ୍ଟ କଲ୍ୟାଣ ଚୌବେ (ଫଟୋ : ସମ୍ବାଦ କଳିକା)

# ଜଙ୍ଗଲରେ ନିଆଁ ଲଗାଇ ଶିକାର କରୁଥିବା ଅଭିଯୋଗରେ ୩ ଶିକାରୀ ଗିରଫ : ବହୁ ସାମଗ୍ରୀ ଜବତ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜଙ୍ଗଲରେ ନିଆଁ ଲଗାଇ ଧ୍ୱଂସ କରିବା ଏବଂ ଗରମରେ ବନ୍ୟଜନ୍ତୁ ଆଉଟୁ ପାଉଟୁ ହୋଇ ପାଣି ପିଇବାକୁ ଆସିବା ବେଳେ ଶିକାର କରୁଥିବା ୩ଜଣ ଶିକାରୀଙ୍କୁ ବନ ବିଭାଗ ଧରିବାରେ ସଫଳ ହୋଇଛି । ଶିକାରୀଙ୍କଠାରୁ ବନକର୍ମଚାରୀ ଏକ ଗୁଳି ଭର୍ତ୍ତି ଦେଶୀ ବନ୍ଧୁକ, ୨ଟି ମୋବାଇଲ ଫୋନ, ଟର୍ଚ୍ଚ ଲାଇଟ୍, ଦିଆସିଲି ଏବଂ ବାଟଲି ଖଡ଼ା ଆଦି ଜବତ କରିଛନ୍ତି । ଶିକାରୀଙ୍କୁ ସିମନବାଡି ବନ କାର୍ଯ୍ୟାଳୟକୁ ଆଣି ପଚରାଉଚରା ପରେ ସେମାନଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ନାମରେ ବନ ବିଭାଗ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଗୁମିକିଆ ପଞ୍ଚାୟତ କୁଦୁପାଙ୍ଗା ଅଞ୍ଚଳର ମୋହିତ ପ୍ରଧାନ, ରାଜେଶ ପ୍ରଧାନ ଏବଂ ଅକ୍ଷୟ ପ୍ରଧାନ ବୋଲି ବାଲିଗୁଡ଼ା ବନ ଉପଖଣ୍ଡ ବନ୍ୟଜନ୍ତୁ ସମ୍ପଦର ଦାୟିତ୍ୱରେ ଥିବା ଏସ୍‌ସିଏଫ ପ୍ରଫୁଲ କୁମାର ମଲିକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଲୋକଙ୍କୁ ସଚେତନ କରିବା ସତ୍ତ୍ୱେ ଗିରଫ ୩ଜଣ ବନ୍ୟଜନ୍ତୁ ଶିକାର କରିବା ପାଇଁ ପ୍ରଥମେ ଜଙ୍ଗଲରେ ନିଆଁ ଲଗାଉଥିଲେ ପରେ ବନ୍ୟଜନ୍ତୁ ପ୍ରାଣ ଭୟରେ ପଦାକୁ ବାହାରିଲେ କିମ୍ବା ପାଣି ପାଇଁ ନାଳକୁ ଗଲେ ତାଙ୍କୁ ବନ୍ଧୁକରେ ଗୁଳି କରି ଶିକାର କରୁଥିଲେ । ଏହି ୩ ଅଭିଯୁକ୍ତଙ୍କ ବ୍ୟତୀତ ଆହୁରି କେତେଜଣ ଏଥିରେ ସମ୍ପୃକ୍ତି ଥାଇପାରନ୍ତି । ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ସିଏଫ ପ୍ରଫୁଲ କୁମାର ମଲିକ ଏବଂ ଦାରିଙ୍ଗବାଡି ବନାଞ୍ଚଳ ଅଧିକାରୀ ତଥା ବାଲିଗୁଡା ଏସ୍‌ସିଏଫ ସତୀଶ କୁମାର ଧାରୁଆ ପ୍ରକାଶ କରିଛନ୍ତି ।



# ଟିପିଏନଓଡ଼ିଏଲ ପକ୍ଷରୁ କେନ୍ଦୁଝରେ ଏପିଏସସିସି ଲୋକାର୍ପିତ

**ବାଲେଶ୍ୱର, ନ୍ୟୁଜ୍**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ କେନ୍ଦୁଝରରେ ଆଞ୍ଚଳିକ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି)ର ଲୋକାର୍ପଣ କରାଯାଇଛି । ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) ଦ୍ୱିଜଦାସ ବସକ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସିଇଓ ଶ୍ରୀ ବସକ କହିଥିଲେ ଯେ ଆଧୁନିକ କ୍ଷମତାସଂପନ୍ନ କଣ୍ଟ୍ରୋଲ ରୁମ୍ ଟିପିଏନଓଡ଼ିଏଲ କେନ୍ଦୁଝର ସର୍କଲ ଅଧିନସ୍ଥ ସମସ୍ତ ଗ୍ରୀଡ୍‌ଗୁଡ଼ିକ ଉପରେ ନଜର ରଖିବା ସହ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବାରେ ଅଧିକ ସକ୍ଷମ ହେବ । ନିୟନ୍ତ୍ରଣ ପ୍ରକ୍ରିୟା ମଧ୍ୟ ଆହୁରି ସହଜ ହେବ । ସେ ଆହୁରି କହିଥିଲେ ଯେ, ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନିକୀରଣ କରାଯାଉଛି । ଏହି ଏପିଏସସିସି ଦ୍ୱାରା ବୈଷୟିକ ତ୍ରୁଟି ସଜାଡ଼ିବା ପ୍ରକ୍ରିୟା ସହଜ ହେବା ସହ ସମସ୍ୟାକୁ ତ୍ୱରିତ ସମାଧାନ କରାଯାଇ ପାରିବ । ଏଥି ସହ ୧୧ କେଭିଏ ଓ ୩୩ କେଭିଏ ଗ୍ରୀଡ୍‌ରେ ଲାଗିଥିବା ଟ୍ରାନ୍ସଫର୍ମରଗୁଡ଼ିକର ବୈଷୟିକ ତ୍ରୁଟିଗୁଡିକରେ ମଧ୍ୟ ଆଗୁଆ ସୁଧାର ଅଣାଯାଇ ପାରିବ । ଯଦିଓ ସେଣ୍ଟ୍ରାଲ ପିଏସସିସି ବାଲେଶ୍ୱରରେ ରହିଛି, ତଥାପି କେନ୍ଦୁଝର ବୈଦ୍ୟୁତିକ କ୍ଷେତ୍ରର ସମସ୍ତ ଗ୍ରୀଡ୍‌ଗୁଡ଼ିକୁ ଆଞ୍ଚଳିକ ସ୍ତରରେ ଅନଲାଇନ ମାଧ୍ୟମରେ ଏଠାରୁ ନିୟନ୍ତ୍ରଣ କରାଯିବ । ଗ୍ରୀଡ୍ ସଟ୍‌ଡାଉନ ଓ ଚାର୍ଜ ପାଇଁ କର୍ମଚାରୀଙ୍କୁ ମାନୁଆଲ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ନାହିଁ ବୋଲି ସେ ଦର୍ଶାଇଥିଲେ ।




# ତିଗିରିଆ ଭିରୁଡା ଗାଁରେ ଅବକାରୀ ଚଢ଼ଉ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ତିଗିରିଆ ଥାନା ଅଞ୍ଚଳରେ ଆଠଗଡ଼ ଓ କଟକ ଅବକାରୀ ବିଭାଗର ମିଳିତ ଚଢ଼ଉ । ଭିରୁଡ଼ା ଓ ପଣସପାଟଣା ଗାଁରେ ଚଢ଼ଉ କରି ୪୨୦୦ ଲିଟର ଦେଶୀ ମଦ ଜବତ କରିବା ସହ ୬୪୪୦ ଲିଟର ପୋଚ ନଷ୍ଟ କରିଛି ଅବକାରୀ ବିଭାଗ । ଏଠାରେ ଦେଶୀ ମଦ ପ୍ରସ୍ତୁତ କରାଯାଇ ଜିଲ୍ଲା ବାହାରକୁ ଚାଲଣ କରାଯାଉଥିବା ନେଇ ଗାଁଲୋକ ଅଭିଯୋଗ କରିଆସୁଥିଲେ । ପୂର୍ବରୁ ଅନେକ ଥର ଅବକାରୀ ବିଭାଗ ଚଢ଼ଉ କରୁଥିଲେ ମଧ୍ୟ ମଦ ମାଫିଆଙ୍କ ଉପରେ କୌଣସି ପ୍ରଭାବ ପଡୁନଥିଲା । ଆଗୁଆ ରେଡ୍ ହେବାର ଖବର ପାଇ ଖସିଯାଉଥିଲେ ମାଫିଆ । ଶୁକ୍ରବାରର ଚଢ଼ଉରେ କୌଣସି ମଦ ମାଫିଆଙ୍କୁ ଧରିବାରେ ସଫଳ ହୋଇନି ଅବକାରୀ ବିଭାଗ ।

# ଏସ୍‌ସିବିରେ ଯକ୍ଷ୍ମା ଔଷଧ ଅଭାବ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଟ୍ୟୁବରକ୍ୟୁଲୋସିସ୍ ଟିବି ବା ଯକ୍ଷ୍ମା ଏକ ସଂକ୍ରାମକ ବ୍ୟାକ୍ଟେରିଆ ଜନିତ ରୋଗ । ଏହା ସାଧାରଣତଃ ଫୁସ୍‌ଫୁସ୍‌କୁ ଆକ୍ରାନ୍ତ କରିଥାଏ । କିନ୍ତୁ କେତେକ କ୍ଷେତ୍ରରେ ଯକ୍ଷ୍ମା ଶରୀରର ଅନ୍ୟ ଅଂଶ ଯଥା ମସ୍ତିଷ୍କ ଏବଂ ମେରୁଦଣ୍ଡ ଉପରେ ପ୍ରଭାବ ପକାଇପାରେ । ବେଳେବେଳେ ଏହା ମହିଳାମାନଙ୍କ ପ୍ରଜନନ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିପାରେ । ଏପରି ପରିସ୍ଥିତିରେ ବର୍ତ୍ତମାନ ଯକ୍ଷ୍ମା ନିରାକରଣ ପାଇଁ ଉପଲବ୍ଧ ନାହିଁ ଯକ୍ଷ୍ମା ଔଷଧ । କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ଅଧୀନରୁ ଔଷଧ ଯୋଗାଣ ବନ୍ଦ ହେବାରୁ ବର୍ତ୍ତମାନ ସଙ୍କଟରେ ଯକ୍ଷ୍ମା ପୀଡ଼ିତ । ସରକାରୀ ଓ ବେସରକାରୀ ସ୍ତରରେ ଯକ୍ଷ୍ମା ଔଷଧ ନମିଳିବା ହେତୁ ବିଗିଡିବାରେ ଲାଗିଛି ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା । ବିଶ୍ୱରେ ଯକ୍ଷ୍ମା ରୋଗ ନିରାକରଣ ପାଇଁ ଯକ୍ଷ୍ମା ଔଷଧ ପ୍ରସ୍ତୁତ କରିବାରେ ଭାରତ ଏକ ନମ୍ବର ଦେଶ ଅଟେ । ହେଲେ ବର୍ତ୍ତମାନ ସ୍ଥିତି ଏଭଳି ହେଲାଣି ଯେ ରୋଗୀଙ୍କୁ ଔଷଧ ଯୋଗାଣ ରେ ଅସମର୍ଥ ସରକାର । ରାଜ୍ୟର ବୃହତ ସ୍ୱାସ୍ଥ୍ୟ ସେବା ଦିଗରେ ଅଗ୍ରଣୀ ଲାଭ କରିଥିବା ଏସସିବି ମେଡ଼ିକାଲରେ ମଧ୍ୟ ନାହିଁ ଯକ୍ଷ୍ମା ଔଷଧ । ଏନେଇ ପ୍ରତିକ୍ରିୟା ଦେଇଛନ୍ତି ବରିଷ୍ଠ ଭେଷଜ ଚିକିତ୍ସକ ଡ଼ା. ଜୟନ୍ତ ପଣ୍ଡା । ସେ କହିଛନ୍ତି, ‘‘ଗତ ୧୫ଦିନ ମଧ୍ୟରେ ଏସସିବି ମେଡିକାଲ ସମେତ ବିଭିନ୍ନ ଜିଲ୍ଲାର ସଦର ମହକୁମା ଡାକ୍ତରଖାନାରେ ଯକ୍ଷ୍ମା ଔଷଧ ମହଜୁତ ନାହିଁ । ଯଦି କଟକ ଜିଲ୍ଲା କଥା ଦେଖିବା ତେବେ ୭୦ରୁ ୮୦ ହଜାର ଯକ୍ଷ୍ମା ରୋଗୀ ଏବେ ରହିଛନ୍ତି । ସେହିପରି ଏସସିବି ମେଡିକାଲରେ ହଜାର ସଂଖ୍ୟକ ରୋଗୀ ଚିକିତ୍ସିତ ହେଉଛନ୍ତି । ହେଲେ ବର୍ତ୍ତମାନ ରୋଗୀଙ୍କ ଠାରୁ ଟିବି ଚିହ୍ନଟ ହେବାପରେ ଚିକିତ୍ସା ପାଇଁ ମେଡିକାଲ୍ ପରିସରରେ ଔଷଧ ଅଭାବ ପରିଲକ୍ଷିତ ହୋଇଛି । ତେବେ କେବଳ କଟକ ନୁହଁ କେଉଁଝର, କୋରାପୁଟ, କଳାହାଣ୍ଡି ଭଳି ଜିଲ୍ଲାରେ ମଧ୍ୟ ଯକ୍ଷ୍ମା ଔଷଧର ଅଭାବ ରହିଛି । ତେବେ ଏପରି ହେଲେ ଆଗାମୀ ଦିନରେ ଚିକିତ୍ସା ଅଭାବରୁ ରୋଗୀ ଗୁରୁତର ହେବା ନେଇ ଆଶଙ୍କା କରାଯାଉଛି ।’’ ସେ ଆହୁରି କହିଛନ୍ତି, ‘ଏହା ବ୍ୟତୀତ ଯେଉଁ ରୋଗୀମାନେ ଯକ୍ଷ୍ମା ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀମାନେ ଠିକ୍ ସମୟରେ ଯକ୍ଷ୍ମା ଔଷଧ ନ ଖାଇବେ ତେବେ ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପର୍ଣ୍ଣ ହେବାର ସମ୍ଭାବନା ରହିଛି । ରୋଗୀ ଧାର୍ଯ୍ୟ କୋର୍ସ ପୂରଣ ନକରନ୍ତି ତେବେ ରେଜିଷ୍ଟାନସ ଟିବିର ଭୟ ରହିଛି । ଏହାସହ ଯକ୍ଷ୍ମା ରୋଗ ଶରୀରରେ ସଂକ୍ରମଣ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଆକଳନ କରିଛନ୍ତି ଚିକିତ୍ସା ବିଶେଷଜ୍ଞ । ଯଦି ସମୟ ଥାଉ ଥାଉ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମା ଔଷଧ ଯୋଗାଣ ଉପରେ ଧ୍ୟାନ ନ ଦିଅନ୍ତି ତେବେ ଆଗାମୀ ଦିନରେ ଏହି ଦୂରାରୋଗ ଆହୁରି କାୟା ବିସ୍ତାର କରିବ ବୋଲି କହିଛନ୍ତି ବରିଷ୍ଠ ଭେଷଜ ଚିକିତ୍ସକ । ସେପଟେ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ଆଣ୍ଟି ଟିବି ଔଷଧ ଯୋଗାଇ ଦେବାକୁ କେନ୍ଦ୍ରକୁ ଅନୁରୋଧ କରିଛନ୍ତି ରାଜ୍ୟ ସରକାର ।’



30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୭ ଅପ୍ରେଲ୨୦୨୪ ଶନିବାର





# ବସ୍ତା ନିର୍ବାଚନ ମଣ୍ଡଳୀରେ ଶ୍ରୀକାନ୍ତ ଜେନା ଓ ବିଜନ ନାୟକଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ

**ବାଲେଶ୍ୱର, ନ୍ୟୁଜ୍**

ବସ୍ତା ଗାନ୍ଧୀ ଛକ ଠାରେ ଜାତୀୟ କଂଗ୍ରେସର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନା ବସ୍ତା ବିଧାୟକ ପ୍ରାର୍ଥୀ ବିଜନ ନାୟକ, ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ପିସିସି ମୁଖପାତ୍ର ସୁଦର୍ଶନ ଦାସ, ଜଳେଶ୍ୱରର ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚନ୍ଦ, ବସ୍ତା ବ୍ଲକ୍ ସଭାପତି ସତ୍ୟନାରାୟଣ ଗୁପ୍ତା, ବାଲିଆପାଳ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସେନାପତି, ଜିଲ୍ଲା ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିକାଶ କୁମାର ଦାସ ଓ ବସ୍ତା ବାଲିଆପାଳର ଶତାଧିକ କର୍ମୀଙ୍କ ଉପସ୍ଥିତିରେ ଜାତିର ପିତା ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ବସ୍ତା ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଥିଲେ। ଏହି ଦୁଇ ପ୍ରାର୍ଥୀ ଗାନ୍ଧିଛକ ଠାରୁ ଏହି ଶତାଧିକ କର୍ମୀଙ୍କ ଗହଣରେ ଯାଇ ବାଲିଆପାଳ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଏକ ସାଧାରଣ ସଭାରେ ଭାଗ ନେଇଥିଲେ। ଗାନ୍ଧୀ ଛକରୁ ବାଲିଆପାଳ ଯିବା ରାସ୍ତାରେ ଦରଡ଼ା, ମୁକୁଲୁଷି, ଜାମୁଶୁଳି, ନାବରା ଛକରେ ବହୁସଂଖ୍ୟକ କଂଗ୍ରେସ କର୍ମୀ ତଥା ଜନସାଧାରଣ ମାନେ ଶ୍ରୀ ଜେନା ଓ ଶ୍ରୀ ନାୟକଙ୍କୁ ସ୍ୱାଗତ କରିଥିଲେ। ଶେଷରେ ରେମୁ ଛକରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ବାଲିଆପାଳ ବସ୍‌ଷ୍ଟାଣ୍ଡରେ ଆୟୋଜିତ ସଭାସ୍ଥଳରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ଜେନାଙ୍କ ପ୍ରତିନିଧି ଅକ୍ଷୟ ମଲ୍ଲିକ, ଜିଲ୍ଲା ମୁଖପାତ୍ର ସୁଧାଂଶୁ ଜେନା, କିଷାନ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଅରୁଣ ଜେନା, ଜିଲ୍ଲା କିଷାନ କଂଗ୍ରେସ ସଭାପତି ଜୟନ୍ତ ମହାପାତ୍ର, ଜଳେଶ୍ୱର ବ୍ଲକ୍ ସଭାପତି ରାଜୀବ ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟ ବାବାଜୀ ଦେଉରୀ, ଶ୍ରମିକ ନେତା ରବୀନ୍ଦ୍ର କୁମାର ଦାସ, ଅରୁଣ ମଣ୍ଡଳ, ଜିଲ୍ଲା ସାଧାରଣ ସମ୍ପାଦକ ନିଶିତ ବାରିକ, କିଶୋର ପାଳ, ଅନୀଲ ମହାପାତ୍ର, ସରପଞ୍ଚ ଅମିତ ବିଶ୍ୱାଳ, ସୁଦର୍ଶନ ଜେନା, ସଞ୍ଜୀବ ମୋହାନ୍ତି, ନଗେନ୍ଦ୍ର ସିଂ, ସୁମନ୍ତ ରାଉତ, ସୁକାନ୍ତି ଭକ୍ତା, ରଞ୍ଜିତା ପରିଡ଼ା, ପ୍ରଶାନ୍ତ ରାଉତ, ବିଜୟ କର, ବିକର୍ତ୍ତନ ଜେନା, ଉମାକାନ୍ତ ମୋହାନ୍ତି, ବସ୍ତା ଛାତ୍ର କଂଗ୍ରେସ ସଭାପତି ଅଭିନାଶ ନାୟକ, ଜଗଦୀଶ ସାହୁ, ମଦନ ଭକ୍ତା, ମଦନ ଜେନା, ଜଗନ୍ନାଥ ବିଶ୍ୱାଳ, ସରପଞ୍ଚ ବେଣୁଧର ରଞ୍ଜିତ ପ୍ରମୁଖ ଏଥିରେ ସାମିଲ ଥିଲେ।

# ଭୁବନେଶ୍ୱର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ୧୯ତମ ଷାଣ୍ମାସିକ ବୈଠକ

**ଭୁବନେଶ୍ୱର, ୨୬।୪:ନ୍ୟୁଜ୍‌ବ୍ୟୁରୋ**



ନାଲ୍‌କୋ ଅଧ୍ୟକ୍ଷତାରେ ଶୁକ୍ରବାର ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟ ଠାରେ ଭୁବର୍ଶ୍ୱରନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ଉପକ୍ରମ)ର ୧୯ତମ ଷାଣ୍ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧିନସ୍ଥ ରାଜଭାଷା ବିଭାଗର ପୂର୍ବାଞ୍ଚଳ କ୍ଷେତ୍ରୀୟ ମୁଖ୍ୟ ନିର୍ମଳ କୁମାର ଦୁବେଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଭାଷା ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା, ହିନ୍ଦୀ କର୍ମଶାଳା, ହିନ୍ଦୀ ପ୍ରତିଯୋଗିତା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ, ଉପ-କମିଟି ଗଠନ, ସମିତି ପକ୍ଷରୁ ପତ୍ରିକା ଏବଂ କାର୍ଯ୍ୟାଳୟରେ ହିନ୍ଦୀରେ କାର୍ଯ୍ୟ ବୃଦ୍ଧିପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ, ଗତ ତ୍ରୈମାସରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ବୈଠକରେ ପୁରସ୍କୃତ କରାଯାଇଥିଲା।

ସଦସ୍ୟ କାର୍ଯ୍ୟାଳୟମାନଙ୍କ ଅଗ୍ରଗତିରେ ଖୁସି ବ୍ୟକ୍ତ କରିବା ଅବସରରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ ଏବଂ ମିଳିତ ପ୍ରୟାସ ମାଧ୍ୟମରେ ନିଜ କାର୍ଯ୍ୟାଳୟରେ ହିନ୍ଦୀର ବ୍ୟବହାର ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପାୱାର ଗ୍ରୀଡ୍ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ, ସେଲ, ଏମସିଏଲ, ବିଏଚଇଏଲ, ଏଫସିଆଇ, ହୁଡ୍‌କୋ, ବିଇଏମଏଲ, ଆରସିଏଫଏଲ, ଗେଲ, ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ, ଆରଆଇଏନଏଲ, ଏନଟିପିସି, ରାଇଟସ, ଆରଇସି, କଳିଙ୍ଗ ଅଶୋକ ହୋଟେଲ, ୱାପକସ୍, ସିଏମପିଡିଆଇ ଏବଂ ଅନ୍ୟ ସରକାରୀ ଉପକ୍ରମ ଓ ଉଦ୍ୟୋଗମାନଙ୍କର ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ନାଲ୍‌କୋର ସମୂହ ମହାପ୍ରବନ୍ଧକ (ପ୍ରଶାସନ ଓ କର୍ପୋରେଟ ଯୋଗାଯୋଗ) ଆଶୁତୋଷ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଚାଳକ (ରାଜଭାଷା) ହିମାଂଶୁ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶରେ ହଟିଲା ନଦୀଘାଟ ରାସ୍ତା ଅବରୋଧ

**କଟକ, ନ୍ୟୁଜ୍‌ବ୍ୟୁରୋ**



ଗୋବିନ୍ଦପୁର ଥାନା ଅନ୍ତର୍ଗତ ସାଇଲୋ ବଡ଼ବିଲ ଗ୍ରାମର ବହୁ ପୁରାତନ ନଦୀ ଘାଟ ରାସ୍ତାରେ ହୋଇଥିବା ଅବରୋଧକୁ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ ହଟାଇ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, କନ୍ଦଳ ନଦୀ ଘାଟକୁ ନଦୀବନ୍ଧରୁ ଏକ ରାସ୍ତା ବହୁ ବର୍ଷ ହେଲା ସଂଯୋଗ କରୁଅଛି । ରାସ୍ତାଟିକୁ ସ୍ଥାନୀୟ ଅଞ୍ଚଳର ଲୋକେ ଘାଟ ପାରି ହେବାରେ ବ୍ୟବହାର କରି ଆସୁଛନ୍ତି, ପୁନଶ୍ଚ ବଡବିଲ ଗ୍ରାମର ଲୋକେ ନଦୀକୁ ଶୌଚ ହେବାକୁ ଓ ଗ୍ରାମ୍ୟ ଶ୍ମଶାନରେ ଦାହ ସଂସ୍କାର ନିମିତ୍ତ ରାସ୍ତାର ବ୍ୟବହାର କରିଆନ୍ତି। ନିତ୍ୟ ବ୍ୟବହାର ହେଉଥିବାରୁ ସ୍ଥାନୀୟ ବ୍ଲକ ପ୍ରଶାସନ ନିକଟରେ ଉକ୍ତ ରାସ୍ତାକୁ କଂକ୍ରିଟ ସିମେଣ୍ଟ ଢଳେଇ କରି ଲୋକଙ୍କ ଯାତାୟାତକୁ ସୁଗମ କରିଥିଲେ। ମାତ୍ର ଗ୍ରାମର କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଉକ୍ତ ରାସ୍ତାଟିକୁ ବାଉଁଶ ବାନ୍ଧି ଅବରୋଧ କରିଥିଲେ। ଏଥିଯୋଗୁଁ ସବର୍ଣ୍ଣ ଓ ଦଳିତ ଲୋକମାନେ ରାସ୍ତା ବ୍ୟବହାରରୁ ବଞ୍ଚିତ ହେବାରୁ କଟକ ସବ୍ ଡିଭିଜନାଲ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଏହାକୁ ହଟାଇ ଦେବା ପାଇଁ ଅପିଲ କରିଥିଲେ। ମାଜିଷ୍ଟ୍ରେଟ ଗୋବିନ୍ଦପୁର ଥାନା ଓ କଣ୍ଟାପଡ଼ା ତହସିଲଦାରଙ୍କ ଠାରୁ ରିପୋର୍ଟ ମାଗିଥିଲେ। ଗୁରୁବାର ତହସିଲଦାର ସର୍ଜମିନ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିବା ସହିତ ଉପସ୍ଥିତ ଗ୍ରାମ୍ୟ ଲୋକଙ୍କ ମତାମତ ନେଇ ଏହା ବେଆଇନ ଅବରୋଧ ହୋଇଥିବାର ଅନୁଭବ କରି ସଙ୍ଗେ ସଙ୍ଗେ ଅବରୋଧକୁ ହଟାଇ ଦେଇଛନ୍ତି ଏବଂ ପୁନଶ୍ଚ ଏଭଳି ନକରିବାକୁ ଉକ୍ତ ବ୍ୟକ୍ତିମାନଙ୍କୁ ଚେତାଇ ଦେଇଛନ୍ତି। ଏଥିନିମନ୍ତେ ଉକ୍ତ ଗ୍ରାମର ଲୋକେ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ଦେବଗଡ଼ରେ ରାବଣ ବଧ ସହ ଉଦ୍‌ଯାପିତ ହେଲା ରାମଲୀଳା ଯାତ୍ରା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଦେବଗଡ ଗ୍ରାମର ରଘୁନାଥ ମନ୍ଦିର ପଡିଆ ଠାରେ ରାବଣ ପୋଡି ସହ ଶ୍ରୀ ରାମଲୀଳାର ରାବଣ ବଧ ଅନୁଷ୍ଠିତ ହୋଇ ୭ ଦିନିଆ ଯାତ୍ରା ଉଦ୍‌ଯାପିତ ହୋଇ ଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ରାମ ଓ ରାବଣଙ୍କ ଆକର୍ଷଣୀୟ ସମର ଶୋଭାଯାତ୍ରା ଓ ଆତସବାଜି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ରାବଣ ବଧ ଓ ରାବଣ ପୋଡି ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ହଜାର ହଜାର ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା । ଶ୍ରୀରାମ ଲୀଳା ନାଟ୍ୟ ସଂସଦ ପକ୍ଷରୁ ଦର୍ଶକଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ପକ୍ଷରୁ ଲୋକଙ୍କୁ ପାନୀୟ ଜଳ ଓ ପଣା ସେବନର ବ୍ୟବସ୍ଥା କରା ଯାଇଥିଲା ।

# ଜୟଦେବ ଫାର୍ମାସୀ ମହାବିଦ୍ୟାଳୟରେ ବସନ୍ତ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ବଦଳି ଯାଉଛି ମଣିଷର ଜୀବନ ଶୈଳୀ। ଭୟଙ୍କର ସଙ୍କଟର ସାମ୍ନା କରୁଛି ମଣିଷ। ଏଥିରୁ ମୁକ୍ତି ପାଇଁ ଜୀବନଶୈଳୀରେ ପରିବର୍ତ୍ତନ ଜରୁରୀ ବୋଲି ଅତିଥିମାନେ ମତ ପୋଷଣ କରିଛନ୍ତି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍‌ର ୪୮ତମ ବସନ୍ତ ଉତ୍ସବ ଗତ ବୁଧବାର ତା. ୨୪.୦୪.୨୦୨୪ ମଧ୍ୟାହ୍ନରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଯୁଗ୍ମ ଡିଏମ୍‌ଇଟି ଡ. ରାଜେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜଣେ ଫାର୍ମାସିଷ୍ଟର ବ୍ୟବହାର ଓ ମନୋବୃତ୍ତି କିପରି ହେବାର ଆବଶ୍ୟକତା ଅଛି ସେ ସଂକ୍ରାନ୍ତରେ କହିଥିଲେ। ମୁଖ୍ୟବକ୍ତା ଖ୍ୟାତନାମା ବିଶିଷ୍ଟ ଚିକିତ୍ସକ ଡ. ଅଶୋକ କୁମାର ମହାପାତ୍ର କହିଥିଲେ ଯେ ଜଣେ ଉତ୍ତମ ଛାତ୍ର ତା'ର ଜୀବନଶୈଳୀରେ ବି ପରିବର୍ତ୍ତନ ଆଣିବା ଦରକାର। ସମ୍ମାନୀତ ଅତିଥି ଭାରତ ସରକାରଙ୍କ ପରିଚାଳିତ ଉଜ୍ଜୟିନୀ ବେଦ ପ୍ରତିଷ୍ଠାନର ଉପାଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ମିଶ୍ର କଠିନ ପରିଶ୍ରମ ହିଁ ସଫଳତାର ମାପକାଠି ବୋଲି ମତ ଦେଇଥିଲେ। ଦୈନିକ ସମାଜର ଭୁବନେଶ୍ୱର ସଂସ୍କରଣର ପ୍ରକାଶକ ତଥା ସାମ୍ବାଦିକ ଗୋପୀନାଥ ବାରିକ, ମାର୍କଫେଡ ଅଧ୍ୟକ୍ଷା ସୁଶ୍ରୀ କବିତା ମଞ୍ଜରୀ ପରିଡ଼ା ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ପରିଚାଳନା ପରିଷଦର ସଭାପତି ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ବସନ୍ତ ଉତ୍ସବର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ସାମ୍ବାଦିକ ଏସ୍.ଏ. କଲିମ୍ ଯୋଗଦେଇଥିବା ବେଳେ କଲେଜର ଅଧ୍ୟକ୍ଷା ଡ. ନୀଳିମା ଶୁକ୍ଳା ବିବରଣୀ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ବିଶାଖା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟରାମ ତ୍ରିପାଠୀ ଏବଂ ତାଙ୍କ ଦଳ ଶ୍ରୀଗୀତଗୋବିନ୍ଦ ଗାନ କରିଥିବା ବେଳେ ବାର୍ଷିକ ମୁଖପତ୍ର 'ଫାର୍ମା ବ୍ଲିଜ୍' ଉନ୍ମୋଚିତ ହୋଇଥିଲା। ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ଶୁଭମ୍ କୁମାର ଓଝା ଶ୍ରୀଗୀତଗୋବିନ୍ଦରେ ନୃତ୍ୟ ପରିବେଷଣ କରିଥିବାବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜନଜାତି ଭାଇ...

ହେବ। ତେଣୁ ଜନଜାତି ଭାଷା ସଂସ୍କୃତି ଓ ପୂଜାସ୍ଥଳୀର ଉନ୍ନତି ପାଇଁ ସେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ଆପଣଙ୍କ ଭାଷା, ସଂସ୍କୃତି ଓ ପୂଜାସ୍ଥଳୀର ବିକାଶ କରାଯାଉଛି। ଏ କଥା କେଉଁ ରାଜ୍ୟ ବି ଚିନ୍ତା କରିନାହିଁ।

ମୁଖ୍ୟମନ୍ତ୍ରୀ ଜାଣନ୍ତି ଯେ ପରିବାରର ଉନ୍ନତି ହେଲେ ଦେଶର ଉନ୍ନତି ହେବ। ଆପଣଙ୍କ ପିଲା ଡାକ୍ତର, ଇଞ୍ଜିନିୟର, ଅଫିସର ହେଲେ ଆପଣଙ୍କର ଉନ୍ନତି ହେବ, ଆପଣଙ୍କ ପରିବାରର ଉନ୍ନତି ହେବ, ଓଡିଶା ତଥା ଦେଶର ଉନ୍ନତି ହେବ। ତେଣୁ ସେ ସ୍କୁଲ କଲେଜ ହଷ୍ଟେଲ କରି ଶିକ୍ଷାର ବିକାଶ କରୁଛନ୍ତି । ଓଡିଶାରେ ଦେଶର ସବୁଠାରୁ ଅଧିକ ହଷ୍ଟେଲ ନିର୍ମାଣ କରାଯାଇଛି। ୫-ଟି ଜରିଆରେ ସ୍କୁଲ କଲେଜର ରୂପାନ୍ତରଣ ହୋଇଛି । ଜନଜାତି ପିଲାଙ୍କୁ ଡବଲ ସ୍କଲାରସିପ୍ ମିଳୁଛି। ପୋଷ୍ଟ ମାଟ୍ରିକ ଏବଂ ନୂଆ-ଓ ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ଦୁଇଟି ଡିଗ୍ରୀ କଲେଜ ମଞ୍ଜୁର କରିଛନ୍ତି । ଅନ୍ୱେଷା ହଷ୍ଟେଲରେ ଜନଜାତି ପିଲାମାନେ ଇଂରାଜୀରେ କଥା ହେଉଛନ୍ତି ।

ବହୁତ ଛୋଟ ଛୋଟ କେସ୍‌ରେ ଆପଣମାନେ କୋର୍ଟ କଚେରୀ ଦୌଡି ଦୌଡି ବହୁତ ହଇରାଣ ହୁଅନ୍ତି । ତେଣୁ ଜନଜାତି ଭାଇଙ୍କ ସୁବିଧା ପାଇଁ ୫୦ ହଜାର ଛୋଟ ଛୋଟ କେସ୍ ରଦ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେ କହିଥିଲେ ଯେ ସବୁ ଧର୍ମର ବିଶ୍ୱାସକୁ ମୁଖ୍ୟମନ୍ତ୍ରୀ ସମ୍ମାନ ଦିଅନ୍ତି । ସମସ୍ତଙ୍କ ବିକାଶ ଚାହାନ୍ତି, ସେଥିପାଇଁ ମନ୍ଦିର ମସଜିଦ ଚର୍ଚ୍ଚ, ଅଲେଖ ମହିମା ପୀଠ, ଗୁରୁଦ୍ୱାର ଆଦି ସବୁ ଧର୍ମପୀଠର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ସବୁ ସମାଜର ଭଲ ହେଉ, ଏହା ତାଙ୍କର ଉଦ୍ଦେଶ୍ୟ।

ବିରୋଧୀ ଦଳକୁ ଟାର୍ଗେଟ କରି ସେ ପୁଣି କହିଲେ ଯେ ଭୋଟ ପରେ ବିରୋଧୀଙ୍କ ଦେଖା ମିଳିବ ନାହିଁ । ବଡ ବଡ କଥା କହି ପଳେଇବେ। କିନ୍ତୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ପୂରଣ କରୁଛନ୍ତି । କାମର ଗୋଟି ଗୋଟି ହିସାବ ଦେଉଛନ୍ତି । ଆମେ ସମସ୍ତେ ହିସାବ ଦେଉଛୁ।

ନବରଙ୍ଗପୁରର ବିକାଶ ପାଇଁ ୧୯୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ସେ କହିଥିଲେ। ଡାବୁଗାଁ ରେ ୭୦ କୋଟି ଟଙ୍କାର କାମ ଚାଲିଛି। ଡାବୁଗାଁ ନିର୍ବାଚନମଣ୍ଡଳୀରେ ଚାଲୁଥିବା ବିକାଶ କାମର ହିସାବ ଦେଇ ସେ କହିଲେ ଯେ କୋଷାଗୁମୁଡା ଭାୟା ମୋଟିଗାଁ ଓ କୋଟାଗାଁ ଦେଇ ମଧ୍ୟପ୍ରଦେଶ ସୀମା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତିକରଣ ପାଇଁ ୭୦ କୋଟି ଟଙ୍କା ମଞ୍ଜୁର ହୋଇଛି । ପାପଡାହାଣ୍ଡି- କୁଡିଗାଁ-କୋଷାଗୁମୁଡା ରାସ୍ତା ପାଇଁ ୪୫ କୋଟି ଟଙ୍କା, ଡାବୁଗାଁ-ଉମରହାଣ୍ଡି ରାସ୍ତାରେ ଅଙ୍ଗୀ ନଦୀ ଉପରେ ସେତୁ ପାଇଁ ୯.୬୦ କୋଟି ଟଙ୍କା, ପିଡବ୍ଲୁଡି ରୋଡ-ଏକୋରୀ ରାସ୍ତାର ସ୍ଥାନୀୟ ନାଳ ଉପରେ ସେତୁ ପାଇଁ ୮.୬୦ କୋଟି ଟଙ୍କା, ବିଭିନ୍ନ ମଠ ମନ୍ଦିର, ପୂଜାସ୍ଥଳୀ ଓ ଧାର୍ମୀକ ଅନୁଷ୍ଠାନର ସଂରକ୍ଷଣ ଓ ସୁରକ୍ଷା ପାଇଁ ୩.୭୦ କୋଟି ଟଙ୍କା, ଡାବୁଗାଁର ୮୦ ହଜାର ହିତାଧିକାରୀ ବିଏସ୍‌କେୱାଇରେ ସାମିଲ ହୋଇଛନ୍ତି । ମେଡେନାର ରାଜୁ ଖାଁ ୫ ଲକ୍ଷ ଓ ଖୁଟୁବାଇର ବିମଳା ମେହେଟା ୫ ଲକ୍ଷ ଟଙ୍କା ବିଏସ୍‌କେୱାଇ ଜରିଆରେ ଉପକୃତ ହୋଇଛନ୍ତି।

ସେହିପରି ନବରଙ୍ଗପୁରରେ କାମର ହିସାବ ଦେଇ ସେ କହିଲେ ଯେ ତେନ୍ତୁଳିଖୁଣ୍ଟି ଓ କୋଷାଗୁମୁଡାରେ ଦୁଇଟି ସରକାରୀ କଲେଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି । ନନ୍ଦାହାଣ୍ଡିରେ ମେଗାଲିଫ୍ଟ ଜରିଆରେ ଜଳସେଚନ ସୁବିଧାର ବିକାଶ କାମ ଚାଲିଛି । କୋଡିଙ୍ଗା-ଚନ୍ଦାହାଣ୍ଡି ରାସ୍ତା ପାଇଁ ୪୪ କୋଟି, ପୋଦଲଗୁଡା-ଦୁଲୁଘାଟି ରାସ୍ତା ପାଇଁ ୪୫ କୋଟି , ମଙ୍ଗଳଦୋରା ଜଳପ୍ରପାତର ବିକାଶ ପାଇଁ ୩.୨୦ କୋଟି, ମଣ୍ଡାଡୁଙ୍ଗୁରୀ ଶିବ ମନ୍ଦିର ପାଇଁ ୨.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ୨୦୨୫-୨୬ରୁ ବର୍ଷକୁ ...

ପରୀକ୍ଷା ଆୟୋଜନର ମଧ୍ୟ ବ୍ୟବସ୍ଥା ରହିଛି।

୨୦୨୪ ଫେବୃଆରୀ ୨୪ରେ ମଧ୍ୟ ଶ୍ରୀ ପ୍ରଧାନ ବର୍ଷକୁ ଦୁଇ ଥର ବୋର୍ଡ ପରୀକ୍ଷା ହେବ ବୋଲି କହିଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରୁ ଏହା ଲାଗୁ ହୋଇପାରେ ବୋଲି ସେ ସୂଚନା ଦେଇଥିଲେ।

## ୪୦ ଡିଗ୍ରୀ ଉପରେ...

ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଥିବାରୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ସୋମବାର ଓ ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ନୂଆପଡ଼ା ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ରହିଛି । ସେଥିପାଇଁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆଗାମୀ ୫ ଦିନ ଯାଏଁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଗ୍ରୀଷ୍ମ ପ୍ରବାହ ପାଇଁ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ଉତ୍ତର ଆଭ୍ୟନ୍ତରୀଣ, ଉପକୂଳ, ଓଡ଼ିଶା ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆଭ୍ୟନ୍ତରୀଣ ଓଡିଶାରେ ୪୫ ଡିଗ୍ରୀ କିମ୍ବା ତାଠୁ ଅଧିକ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି । ଦିନ ୧୧ ରୁ ୩ ଟା ଭିତରେ ବାହାରକୁ ବାହାରିଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ଆଗାମୀ ୨ ଦିନ ପାଇଁ ଦକ୍ଷିଣ ଓଡ଼ିଶା ସମେତ ଆଖପାଖ ଅଞ୍ଚଳରେ ବର୍ଷାର ସମ୍ଭାବନା ରହିଛି। କୋରାପୁଟ , ମାଲକାନଗିରି, ଗଞ୍ଜାମ , ଗଜପତି, ଖୋର୍ଦ୍ଧାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ। ପଶ୍ଚିମ ଦିଗରୁ ଶୁଷ୍କ ପବନ ପ୍ରବାହିତ ହେଉଛି, ଯାହା ଫଳରେ ଗରମ ବଢୁଥିବା ନେଇ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

## ସୁପ୍ରିମ୍‌କୋର୍ଟ ବିରୋଧୀଙ୍କୁ...

ନେଇ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ରାୟ ଶୁଣାଇଛନ୍ତି।

ଅନେକ ଦିନ ଧରି ଭିଭିପିଏଟି ମାମଲାର ଶୁଣାଣି କରିବା ପରେ ନିର୍ବାଚନ ଆୟୋଗଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି । ଭିଭିପିଏଟି ସ୍ଲିପ ସହ ଇଭିଏମ ଜରିଆରେ ଦିଆଯାଇଥିବା ଭୋଟକୁ ଶତପ୍ରତିଶତ ଟାଲି କରିବା ପାଇଁ ହୋଇଥିବା ସମସ୍ତ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

## ଭିଭିପାଟ ଯାଞ୍ଚକୁ ...

ବୋଲି କହିଛନ୍ତି କୋର୍ଟ। ଯଦି କୌଣସି ପ୍ରାର୍ଥୀ ଭିଭିପାଟ କ୍ରସ-ଭେରିଫିକେସନ ଲାଗି ଆବେଦନ କରନ୍ତି ତେବେ ତାଙ୍କୁ ଅର୍ଥ ଜମାଦେବାକୁ ପଡିବ। ଯଦି ଏଥିରେ କିଛି ତ୍ରୁଟି ଥାଏ ତେବେ ତାଙ୍କୁ ତାଙ୍କ ଅର୍ଥ ଫେରସ୍ତ କରାଯିବ। ବର୍ତ୍ତମାନ ଥିବା ବ୍ୟବସ୍ଥା ଅନୁସାରେ ପ୍ରତି ବିଧାନସଭା ମଣ୍ଡଳୀରେ କୌଣସି ୫ ଟି ଇଭିଏମକୁ କ୍ରସ ଭେରିଫିକେସନ କରିବାର ବ୍ୟବସ୍ଥା ରହିଛି।

## ନୋଟାକୁ ସର୍ବାଧିକ ...

ମଧ୍ୟରେ ସର୍ବାଧିକ ଭୋଟ ପାଇଥିବା ବ୍ୟକ୍ତି ବିଜେତା ଭାବରେ ବିବେଚନା କରାଯାଏ। ଆବେଦନକାରୀଙ୍କ ଓକିଲ କହିଛନ୍ତି ଯେ ଏହି ବ୍ୟବସ୍ଥା ଯୋଗୁଁ ସୁରଟରୁ ଜଣେ ପ୍ରାର୍ଥୀ ବିନା ନିର୍ବାଚନରେ ନିର୍ବାଚିତ ହୋଇଛନ୍ତି। ତଥାପି, ଏହା ବୁଝିବା ଜରୁରୀ ଯେ ବିସ୍ତୃତ ଶୁଣାଣି ପାଇଁ ଏହା ଏକ ବିଷୟ। ଏହି ଆବେଦନ ସୁରଟ ଆସନର ଫଳାଫଳ କିମ୍ବା ବର୍ତ୍ତମାନର ଲୋକସଭା ନିର୍ବାଚନର କୌଣସି ଦିଗ ଉପରେ ପ୍ରଭାବ ପକାଇବ ନାହିଁ।

## ୨୮ରେ ରାହୁଲ ...

ଦଳୀୟ ବୈଠକରେ ଯୋଗଦେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସେହିପରି କେନ୍ଦ୍ରୀୟ ନେତା ତଥା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଓଡ଼ିଶା ଗସ୍ତ ଆସନ୍ତା ୨୮ ତାରିଖରେ ହେବାର ରହିଛି। ଶ୍ରୀ ନଡ୍ଡା ବ୍ରହ୍ମପୁରରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରିବେ । ଏହା ପରେ ନବରଙ୍ଗପୁର ଯାଇ, ସେଠାରେ ଦଳୀୟ କର୍ମୀଙ୍କ ସହିତ ନିର୍ବାଚନ ରଣନୀତି ସଂପର୍କରେ ବୈଠକ କରିବେ।

ବିଜେଡି ମଧ୍ୟ ନିର୍ବାଚନ ପ୍ରଚାରରେ ପଛରେ ପଡ଼ି ନାହିଁ । ଗତ ୨୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାର ହିଞ୍ଜିଳି ଓ ଶେରଗଡ଼ରେ ନିର୍ବାଚନ ପ୍ରଚାର କରିଥିଲେ। ଶ୍ରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡିର ବରିଷ୍ଠ ନେତା ଭି.କେ ପାଣ୍ଡିଆନ ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଉମରକୋଟ ଓ ଝରିଗାଁରେ ନିର୍ବାଚନ ପ୍ରଚାର କରିଥିଲେ।

## ସ୍ତ୍ରୀଧନ ଉପରେ ...

ବିକ୍ରୟ କରିପାରିବେ। ସ୍ୱାମୀ କେବଳ ଆବଶ୍ୟକ ସମୟରେ ଏହାକୁ ବ୍ୟବହାର କରିପାରିବ । କିନ୍ତୁ ତାହାକୁ ପୁଣି ସ୍ତ୍ରୀଙ୍କୁ ଫେରାଇବା ସ୍ୱାମୀଙ୍କର ଦାୟିତ୍ୱ। ତେଣୁ ସ୍ତ୍ରୀଧନ କେବେ ସ୍ୱାମୀ ସ୍ତ୍ରୀଙ୍କ ଯୁଗ୍ମ ସମ୍ପତ୍ତି ହୋଇପାରିବ ନାହିଁ । ସ୍ୱାମୀ ଏହା ଉପରେ ନିଜର କୌଣସି ସ୍ୱତନ୍ତ୍ର ଅଧିକାର କିମ୍ବା ଦାବି ସାବ୍ୟସ୍ତ କରି ପାରିବେ ନାହିଁ । ସୁପ୍ରିମକୋର୍ଟ ଆଉ ମଧ୍ୟ କହିଛନ୍ତି ଯେ, ଯଦି ସ୍ତ୍ରୀଧନକୁ ବେଆଇନ ଭାବେ ଦୁରୁପଯୋଗ କରାଯାଏ ତେବେ ତାଙ୍କ ସ୍ୱାମୀ କିମ୍ବା ତାଙ୍କ ପରିବାର ସଦସ୍ୟଙ୍କ ଉପରେ ଆଇପିସି ଧାରା ୪୦୬ ବଳରେ ମାମଲା ରୁଜୁ ହୋଇପାରିବ । ତେବେ ଏପରି ମାମଲାରେ ନିଷ୍ପତ୍ତି ଅପରାଧିକ ମାମଲା ଭଳି ଠୋସ ପ୍ରମାଣ ଆଧାରରେ ନିଆଯାଇପାରିବ ନାହିଁ । ଏଥିରେ ସ୍ତ୍ରୀଙ୍କ ଅଭିଯୋଗ ଅଧିକ ମଜଭୁତ ହେବା ଆବଶ୍ୟକ।

# ପାଟଣାଗଡ଼ ବିଜେଡିରେ ଯୋଗଦେଲେ ଏକାଧିକ ବିଜେପି ଓ କଂଗ୍ରେସ କର୍ମୀ

**ପାଟଣାଗଡ଼ ,ନ୍ୟୁଜ୍‌ବ୍ୟୁରୋ**



ପାଟଣାଗଡ଼ ବଢୁଛି ବିଜେଡି ବଳ। ବିଜେଡିରେ ଯୋଗଦେଲେ ୩୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ। ପାଟଣାଗଡ଼ ବିଜେଡି କାର୍ଯ୍ୟାଳୟ ଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେରଙ୍କ ଉପସ୍ଥିତିରେ ବେଲପଡ଼ା ବ୍ଲକ୍ ସୁଲେକେଲା ଓ ବଙ୍ଗୋମୁଣ୍ଡାବାହାଲ ଗାଁର ୩୦ରୁ ଊର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ମିଶିଛନ୍ତି। କାର୍ଯ୍ୟକ୍ରମରେ ଏନ୍‌ଏସି ଉପନଗରପାଳ ପ୍ରଫୁଲ୍ଲ କୁମାର ମେହେର, ପ୍ରଦୀପ ପୁରୋହିତ, ଗୁପ ମେହେରଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# କାଙ୍କେରରେ ନିର୍ବାଚନ ବର୍ଜନ ନେଇ ମାଓ ବ୍ୟାନର

**ମାଲକାନଗିରି ,ନ୍ୟୁଜ୍‌ବ୍ୟୁରୋ**

ସୀମାନ୍ତ ଛତିଶଗଡ଼ରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ। କାଙ୍କେର ନିର୍ବାଚନ ମଣ୍ଡଳୀରେ ଶୁକ୍ରବାର ଲୋକସଭା ନିର୍ବାଚନ ଥିବାରୁ ଏହା ପୂର୍ବରୁ କାଙ୍କେର ଜିଲ୍ଲା ସମେତ ପୁଞ୍ଝାକୁର ଜିଲ୍ଲାରେ ନିର୍ବାଚନ ବର୍ଜନ ନେଇ ମାଓବାଦୀ ବିଭିନ୍ନ ସ୍ଥାନରେ ବ୍ୟାନର ଉଡାଇଥିଲେ। ଲୋକଙ୍କୁ ଭୟଭୀତ କରାଇବା ପାଇଁ ଭୋଟ ବର୍ଜନ ନକଲେ ଦଣ୍ଡନେଇ ମଧ୍ୟ ଚେତାବନୀ ଦେଇଥିଲେ। ଦୁର୍ଗମ ଗ୍ରାମଗୁଡିକରେ ଲୋକେ ଆତଙ୍କିତ ରହିଥିଲେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଲୋକେ ନିଜ ଅଞ୍ଚଳରେ ବୁଥ୍ ହୋଇଥିବାରୁ ଭରପୁର ଭୋଟ ଦେଇଛନ୍ତି। କଡ଼ା ସୁରକ୍ଷାରେ ଭୋଟ ଗ୍ରହଣ କରାଯାଇଥିବା ଜଣାପଡିଛି। ସେହିପରି ଦୁର୍ଗମ ଅଞ୍ଚଳକୁ ହେଲିକେପ୍ଟର ବ୍ୟବହାର କରାଯାଇଛି। ପୁଲିଂ ଅଧିକାରୀମାନେ ସୁରକ୍ଷିତ ଭାବେ ଯେପରି ଭୋଟ ଗ୍ରହଣ କରିବା ପରେ ଇଭିଏମକୁ ଜିଲ୍ଲା ସଦର ମହକୁମାରେ ପହଞ୍ଚାଇବେ ସେନେଇ ସମସ୍ତ ସୁବିଧା କରାଯାଇଥିଲା। ମାଓବାଦୀ ଗତ ୧୬ରେ କାଙ୍କେର ଜିଲ୍ଲାରେ ଘଟିଥିବା ବଡ଼ଧରଣର ସୁରକ୍ଷାକର୍ମୀଙ୍କ ଆକ୍ରମଣରେ ଏକ ପ୍ରକାର ଦୁର୍ବଳ ଏବଂ ଘାଇଲା ବାଘ ଭଳି ରହିଛନ୍ତି। ତେଣୁ ଲୋକଙ୍କୁ ସେମାନଙ୍କ ଆଡକୁ ପୁଣି ମୁହାଇଁବାକୁ ଚେଷ୍ଟା କରୁଥିବା ପୁଲିସ କହିଛି। ଗତ ଦୁଇ ଦିନ ତଳେ ଏହି ଅଞ୍ଚଳରେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରି ଆତଙ୍କିତ ପରିବେଶ ସୃଷ୍ଟି କରିଥିଲେ। ବ୍ୟାନର ଟାଙ୍ଗି ନକ୍ସଲ ନିଜର ଉପସ୍ଥିତି ଜାହିର କରିଥିଲେ।

# ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାଶ : ୬ ଗିରଫ




**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ଅଧିନରେ ଥିବା ସାରଙ୍ଗଗଡ଼ ଥାନା ପୋଲିସକୁ ମିଳିଛି। ଏକ ବଡ଼ ସଫଳତା ଚଳିତ ମାସ ୨୧ ତାରିଖ ଦିନ ଗୁଞ୍ଜିବାଡ଼ିଠାରେ ହୋଇଥିବା ଏକ ମଟର ସାଇକେଲ ଚୋରି ଘଟଣାର ଅନୁସନ୍ଧାନ କରିବା ପରେ ଏକ ରାକେଟ ଠାବ ହୋଇଛି। ପୋଲିସ ତଦନ୍ତ ବେଳେ ଗୁଞ୍ଜିବାଡ଼ିର କରମେନ୍ଦ୍ର ଦିଗାଲର ପୁଅ ମୁକେଶ ଦିଗାଲକୁ (୨୦) ଗିରଫ କରି ପଚରା ଉଚୁରା ପରେ ସିମନ ବାଡ଼ିର ପେରିତ ଦିଗାଲର ପୁଅ ଚିକୁନା ଦିଗାଲ ଓରଫ ଆବ୍ରାହ୍ମ (୧୯), ବିଶ୍ୱାମିତ୍ର ପ୍ରଧାନର ପୁଅ ଅଲେଖ ପ୍ରଧାନ ଓରଫ ଆଲେଶ (୧୯), ଓଡ଼ଗାଁ ଥାନାର ପାଣ୍ଡବ ବେହେରାର ପୁଅ ସୁରେନ୍ଦ୍ର ବେହେରା (୩୦), ବାଲିଗୁଡା ଥାନା ତଗାକିଆ ଉଦେଶନା ଗୌଡର ପୁଅ ଗୌର ଗୌଡ(୨୦) ଓ ନୂଆସାହିର ଦେବରାଜ ବାଗର ପୁଅ ସୁଧାଂଶୁ ବାଗ (୨୪) ଏହି ଛଅ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ଠାରୁ ଓଡି ୧୮ବି ୬୯୧୧, ଓଡି ୩୩ଜି ୯୦୯୧, ଓଡି ୩୨ବି ୪୦୩୪,ଓଡି ୧୨ଡି ୨୮୬, ଓଡି ୦୫ ବିଏ ୦୯୭୪ ଓ ଓଡି ୧୨ଏ ୨୧୭୬ ହିରୋହୁଣ୍ଡା ସ୍ପେଣ୍ଡର, ହୁଣ୍ଡା, ଡିଲକ୍ସ ଓ ଆପାଚି ଭଳି ୬ଟି ମଟର ସାଇକେଲ ଜବତ କରିଛି। ଏନେଇ ସାରଙ୍ଗଗଡ଼ ଥାନାରେ ଜି.ଉଦୟଗିରି ଏସଡିପିଓ ବିଜୟ କୁମାର ବିଶି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଏହି ରାକେଟ ଠାବ ହୋଇ ଥିବାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସାରଙ୍ଗଗଡ଼ ଥାନା ଅଧିକାରୀ ବଧୁଲିକା ବିଶ୍ୱାଳ ଥାନା କେସ ନଂ ୪୪/୨୪ ଧାରା ୩୭୯, ୩୪ ରେ ଏକ ମାମଲା ରୁଜୁ କରି ଏସଆଇ କୃଷ୍ଣ ଚନ୍ଦ୍ର ବେହେରା ଅଧିକ ତଦନ୍ତ କରୁଥିବା ବିଷୟ ପ୍ରକାଶ କରିଛନ୍ତି।

D-81

**ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର**

**ସଂଖ୍ୟା : ୬୯୬୧ ତାରିଖ : ୨୬.୦୪.୨୦୨୪**

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ୍ (FS), ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (SST)ତଥା ପୁଲିସ ଭଳି ବିଭିନ୍ନ ସଂସ୍ଥା ଯାନବାହାନ ଓ ବ୍ୟକ୍ତି ବିଶେଷଙ୍କ ଯାଞ୍ଚ କରି ସନ୍ଦେହଜନକ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥାନ୍ତି। ତେବେ ସାଧାରଣ ଲୋକମାନଙ୍କ ଅସୁବିଧାକୁ ଏଡ଼େଇବା ନିମନ୍ତେ ପ୍ରତି ଜିଲ୍ଲାରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ / ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅଧ୍ୟକ୍ଷତାରେ **'ଜିଲ୍ଲା ଅଭିଯୋଗ କମିଟି'** ଗଠନ କରାଯାଇଛି। ଉକ୍ତ କମିଟି ଜବତ ସାମଗ୍ରୀର ଖଲାସ ନିମନ୍ତେ ନିଜ ଆଡୁ ବୈଠକ କିରି ବିଚାର କରିଥାନ୍ତି। ଜବତ ବିରୁଦ୍ଧରେ କୌଣସି ଏଫଆଇଆର / ଅଭିଯୋଗ ଦାଖଲ କରାଯାଇ ନଥିଲେ କିମ୍ବା ଜବତ / ସାମଗ୍ରୀ କୌଣସି ପ୍ରାର୍ଥୀ କିମ୍ବା ରାଜନୈତିକ ଦଳ ବା ନିର୍ବାଚନ ପ୍ରଚାର ସହିତ ଜଡ଼ିତ ନୁହେଁ ବୋଲି ପ୍ରମାଣିତ ହେଲେ, ଷ୍ଟାଣ୍ଡାର୍ଡ଼ ଅପରେଟିଂ ପ୍ରଣାଳୀ ଅନୁଯାୟୀ ସେହିଭଳି ନଗଦ ଅର୍ଥ / ସାମଗ୍ରୀ ଇତ୍ୟାଦି ତୁରନ୍ତ ମୁକ୍ତ କରିବାକୁ ବାଚନିକ ଆଦେଶନାମା ଦେବା ସହିତ ଜବତ ଅର୍ଥ / ସାମ୍ରଗୀ ଉପଯୁକ୍ତ ବ୍ୟକ୍ତିଙ୍କୁ (ଯେଉଁ ବ୍ୟକ୍ତିଙ୍କ ଠାରୁ ଜବତ ହୋଇଥିଲା) ଫେରସ୍ତ କରିବା ପାଇଁ ପଦକ୍ଷେପ ନେଇଥାନ୍ତି। ଉକ୍ତ କମିଟି ଜବତ ସମ୍ବନ୍ଧୀୟ ସମସ୍ତ ମାମଲାର ଅନୁଧ୍ୟାନ କରିବା ସହିତ ଜବତ ନଗଦ ଅର୍ଥ / ସାମଗ୍ରୀ ଉପରେ ନିଷ୍ପତ୍ତି ନେବ।

ସ୍ୱା/- ଉପ ମୁଖ୍ୟ ନିର୍ବାଚନ ଅଧିକାରୀ
OIPR-12159/11/0001/2425

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-BBS-GII-Linen-07-24

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର ଟ୍ରେନ୍ ନଂ. 12845/46, 22882/81, 12281/82, 12880/79, 02832/31, 22879/80, 22871/72, 22805/06, 22811/12, 22823/24, 20817/18 ଏବଂ 02809/10 ଗୁଡ଼ିକର ବେଡ୍ ରୋଲ୍‌ର ଯାନ୍ତ୍ରୀକୃତ ସଫେଇ (Mechanized Washing) (ଗ୍ରୁପ୍-II)।

**ବିଜ୍ଞାପିତ ମୂଲ୍ୟ :** ₹11,23,63,219.26, EMD : ₹7,11,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800/-, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.29.04.2024ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.05.2024ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ କୋଚିଙ୍ଗ ଡିପୋ ଅଧିକାରୀ / ଭୁବନେଶ୍ୱର
PR-58/P/24-25

ଭୁବନେଶ୍ୱର
୨୭ ଅପ୍ରେଲ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଓଡ଼ିଶା ଉପରେ କେନ୍ଦ୍ରୀୟ ନେତାଙ୍କ ନଜର : ୨୮ରେ ବ୍ରହ୍ମପୁରରେ ନଡ୍ଡା, ସାଲେପୁରରେ ରାହୁଲଙ୍କ ଜନସଭା

**ଭୁବନେଶ୍ୱର, ୨୬।୪ :ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ନିର୍ବାଚନ-୨୦୨୪ ପାଇଁ କେନ୍ଦ୍ରୀୟ ନେତାଙ୍କ ଓଡ଼ିଶା ଉପରେ ନଜର ରହିଛି। ରାଜ୍ୟରେ ୨୧ଟି ଲୋକସଭା ଓ ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟିଂ ହେଉଥିବାରୁ କେନ୍ଦ୍ରୀୟ ନେତାଙ୍କର ନଜର ରହିବା ମଧ୍ୟ ସ୍ୱାଭାବିକ। ଗୁରୁବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋନପୁରରେ ପ୍ରଚାର ପରେ ଭୁବନେଶ୍ୱରରେ ଦଳୀୟ କର୍ମୀଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ବୈଠକ କରି ଫେରି ଯାଇଥିବା ବେଳେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଓଡ଼ିଶା ଗସ୍ତ ନିର୍ଦ୍ଧାରିତ ହୋଇସାରିଛି। ଅନ୍ୟପଟରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଧ୍ୟ ଓଡ଼ିଶାରେ ନିର୍ବାଚନ ପ୍ରଚାର କରିବା ପାଇଁ ସଜବାଜ ହୋଇସାରିଛନ୍ତି।



ରାଜ୍ୟର ପ୍ରଥମ ପର୍ଯ୍ୟାୟରେ ହେବାକୁଥିବା ୪ ଲୋକସଭା ଆସନ ମଧ୍ୟରୁ ବ୍ରହ୍ମପୁର ଏବଂ ନବରଙ୍ଗପୁର ପାଇଁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜେ.ପି. ନଡ୍ଡା ପ୍ରଚାର କରିବେ। ବ୍ରହ୍ମପୁରରେ ଜନସଭାକୁ ସମ୍ବୋଧନ କରିବା ପରେ ଶ୍ରୀ ନଡ୍ଡା ନବରଙ୍ଗପୁରରେ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ। ବ୍ରହ୍ମପୁର ଏବଂ ନବରଙ୍ଗପୁର ଲୋକସଭା ଆସନ ଏମିତି ୨ଟି ଆସନ, ଯେଉଁଥିରେ ରାଜନୈତିକ ଗୋଲକଧନ୍ଦା ଭିତରେ ପ୍ରାର୍ଥୀ ଦେଇଛନ୍ତି ବିଜେଡି ଓ ବିଜେପି। ଏକଦା ବିଜେପିର ରାଜ୍ୟ ଉପସଭାପତି ଥିବା ଭୃଗୁ ବକ୍ସିପାତ୍ର ବିଜେଡି ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ବିଧାୟକ ଥିବା ପ୍ରଦୀପ ପାଣିଗ୍ରାହୀ ବିଜେପିର ଲୋକସଭା ପ୍ରାର୍ଥୀ ହୋଇଛନ୍ତି। ସେହିପରି ନବରଙ୍ଗପୁରରୁ ବିଜେଡିର ପ୍ରାର୍ଥୀ ହୋଇଥିବା ପ୍ରଦୀପ ମାଝୀ କଂଗ୍ରେସରୁ ଆସିଥିବା ବେଳେ ବିଜେପିରୁ ପ୍ରାର୍ଥୀ ହୋଇଥିବା ବଳଭଦ୍ର ମାଝୀ, ୨୦୧୪ରେ ବିଜେଡି ଟିକେଟରୁ ସାଂସଦ ନିର୍ବାଚିତ ହୋଇଥିଲେ।

ରାହୁଲ ଗାନ୍ଧୀ ଆସନ୍ତା ୨୮ ତାରିଖରେ ସାଲେପୁରରେ ନିର୍ବାଚନୀ ସଭା କରିବା ସହ ରାଲି କରିବେ। ରାହୁଲଙ୍କ ସଭାରେ ଉପକୂଳ ଜିଲ୍ଲା ୪ଟି ଲୋକସଭା ଯଥା କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର ଏବଂ ୨୮ ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳରୁ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଯୋଗଦେବେ। ଉପକୂଳବର୍ତ୍ତୀ ଅଞ୍ଚଳର ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେବେ। ଏହି ଅବସରରେ ସେ କଟକ ଜିଲ୍ଲା ସତ୍ୟଭାମାପୁର, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର କାର୍ଯ୍ୟକ୍ରମ ରହିଛି।



ଭୁବନେଶ୍ୱର : ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୨ତମ ଜୟନ୍ତୀ ଅବସରରେ ବିଧାନସଭା ପରିସରରେ ବିଧାନସଭା ସଚିବ ଦାଶରଥି ଶତପଥି ଓ ଅନ୍ୟମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।(ଫଟୋ : ସମ୍ବାଦକଳିକା)




ଭୁବନେଶ୍ୱର: ଯାଜପୁରରେ ବିଜେପି ମଦ ଓ ଟଙ୍କା ବାଣ୍ଟିବା ଅଭିଯୋଗରେ ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି। (ଫଟୋ : ସମ୍ବାଦ କଳିକା)

## ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ସୁନ୍ଦରଗଡ଼, ୨୬।୪ :ନ୍ୟୁଜ୍‌ବ୍ୟୁରୋ**

ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ଦର୍ଲିପାଲି ଏନଟିପିସି ପାୱାର ପ୍ଲାଣ୍ଟ କଲୋନୀ ନିକଟରେ ଗୁରୁବାର ରାତିରେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ରାତିରେ ଅଜଣା ଟ୍ରକ୍ ତିନି ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ମୃତକ ହେଲେ ସ୍ଥାନୀୟ ଯୁବକ ରଞ୍ଜନ ପ୍ରଧାନ, ଆଶିଷ ଭୋଇ ଏବଂ ରୂପକ ଧୃଆ। ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିବା ବେଳେ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା।

## କିମ୍ସରେ ନୂତନ ପଦ୍ଧତିରେ ଅସ୍ତ୍ରୋପଚାର

# ଛାତିରୁ ବାହାରିଲା ୨କେଜି ଓଜନର ଟ୍ୟୁମର

**ଭୁବନେଶ୍ୱର, ୨୬।୪ :ନ୍ୟୁଜ୍‌ବ୍ୟୁରୋ**

କିମ୍ସ କ୍ୟାନ୍ସର ସେଣ୍ଟରରେ ଏକ ନୂତନ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇ ମଧ୍ୟଚ୍ଛଦା (ଡାୟାଫ୍ରାମ୍)ରୁ ଟ୍ୟୁମର ବାହାର କରିବାରେ ଡାକ୍ତରମାନେ ସଫଳ ହୋଇଛନ୍ତି। ସର୍ଜିକାଲ ଅନ୍‌କୋଲୋଜି କ୍ଷେତ୍ରରେ ଏହି ପଦ୍ଧତି ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି। ଜନୈକ ରୋଗୀଙ୍କ ବାମ ପାର୍ଶ୍ୱ ଛାତି ଭିତରେ ଅସାମାନ୍ୟ ଭାବେ ବୃଦ୍ଧି ଘଟିଥିବା ପ୍ରାୟ ୨କେଜି ଓଜନର ଏକ ଟ୍ୟୁମରକୁ କିମ୍ସର ବରିଷ୍ଠ ସର୍ଜିକାଲ ଅନ୍‌କୋଲୋଜିଷ୍ଟ ଡା. ସବ୍ୟସାଚୀ ପରିଡ଼ାଙ୍କ ନେତୃତ୍ୱରେ ଡାକ୍ତରୀଦଳ ବାହାର କରିବାରେ ସଫଳ ହୋଇଛନ୍ତି। ଏହି ଟ୍ୟୁମର ବୃଦ୍ଧି ପାଇବା ଯୋଗୁଁ ରୋଗୀ ଖାଦ୍ୟ ଗ୍ରହଣ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ହେଉଥିଲା।



ପୂର୍ବରୁ ଏଭଳି ଟ୍ୟୁମରକୁ ତୁରନ୍ତ ବାହାର କରିବା ପାଇଁ ଉଭୟ ତଳିପେଟ ଓ ଛାତିରେ ଅସ୍ତ୍ରୋପଚାର କରିବାକୁ ପଡୁଥିଲା। ଏହା ରୋଗୀକୁ ଯନ୍ତ୍ରଣା ସହ ବହୁ ଅସୁବିଧାରେ ପକାଉଥିଲା। ତେବେ ଡା. ପରିଡ଼ାଙ୍କ ଏହି ନୂଆ କୌଶଳ ରୋଗୀଙ୍କ ଯନ୍ତ୍ରଣା କମ କରିବା ସହ ଶୀଘ୍ର ଉପଶମ ମିଳିବା ସମ୍ଭାବନା ଦେଖାଦେଇଛି।

କିମ୍ସ କ୍ୟାନ୍ସର ସେଣ୍ଟରରେ ଡାକ୍ତରୀ ଦଳରେ ଡା. ମୋନିକା ଦାବଗୋତ୍ର, ନିଶ୍ଚେତକ ବିଶେଷଜ୍ଞ ଡା. ବିଭାସ ପ୍ରସାଦ ବାରିକ, ଟେକ୍ନିସିଆନ୍ କଳ୍ପନା ଓଝା, ବରିଷ୍ଠ ସେବିକା ମିକିନା ପ୍ରଧାନ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ଦୀର୍ଘ ୬ଘଣ୍ଟା ଅକ୍ଲାନ୍ତ ପରିଶ୍ରମ ପରେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି।

ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଉପଲବ୍ଧ ହେଉଥିବାରୁ ଏଭଳି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଲା ବୋଲି ଡା. ପରିଡ଼ା ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନ୍ତଃ-ଅପରେଟିଭ ଜଟିଳତା ବା ରକ୍ତଦାନ ବିନା ଏହି ଅସ୍ତ୍ରୋପଚାର ସଫଳ ହୋଇପାରିଛି। ଅସ୍ତ୍ରୋପଚାର ପରେ ରୋଗୀ ଅସ୍ତ୍ରୋପଚାର ଟେବଲରୁ ସ୍ୱତଃ ଉଠିବାରେ ସକ୍ଷମ ହୋଇଥିଲେ ଓ ଉପଶମ ପାଇଁ ତାଙ୍କୁ ଆଇସିୟୁର ଆବଶ୍ୟକତା ପଡ଼ିନଥିଲା।

ଏଭଳି ନୂତନ ପ୍ରକ୍ରିୟାରେ ସଫଳ ଅସ୍ତ୍ରୋପଚାର କରିଥିବା ଡା. ପରିଡ଼ା ଓ ଡାକ୍ତରୀ ଦଳକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଧନ୍ୟବାଦ ଜଣାଇଥିବା ବେଳେ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।


ବର୍ଷ-୧୫ ସଂଖ୍ୟା-୧୩ RNI Regd.No:ODIODI/2010/34704 ମୂଲ୍ୟ ଟ୧.୫୦ ପୃଷ୍ଠା ସଂଖ୍ୟା-୮ ଭୁବନେଶ୍ୱର ୨୧ ଅପ୍ରେଲରୁ ୨୭ ଅପ୍ରେଲ ୨୦୨୪
With Sambad Kalika ₹.4.00
ରବିବାସରୀୟ କଳିକା
ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ନୀଳ ପୋଖରୀ
ସ୍ନାନ କଲେ ଭଲ ହୁଏ ଅସାଧ୍ୟ ଜ୍ୱର

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଆଜିଠୁ ଦିଲ୍ଲୀରେ ନିର୍ବାଚନ ପ୍ରଚାର କରିବ ଆପ୍, ମଙ୍ଗ ଧରିବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ସୁନୀତା କେଜ୍ରିୱାଲ

**ନୂଆଦିଲ୍ଲୀ, ୨୬।୪**



ମେ' ୨୫ ତାରିଖ ଦିନ ଦିଲ୍ଲୀରେ ଷଷ୍ଠ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ। ଏହି ଦିନ ରାଜଧାନୀର ସମସ୍ତ ୭ଟି ଆସନରେ ମତଦାନ ଅନୁଷ୍ଠିତ ହେବ। ତିହାର ଜେଲ୍‌ରେ ରହୁଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ଏପ୍ରିଲ ଶନିବାର ଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରିବେ। ଅରବିନ୍ଦ କେଜ୍ରିୱାଲ ବର୍ତ୍ତମାନ ମଦ ଦୁର୍ନୀତି ମାମଲାରେ ଜେଲରେ ଅଛନ୍ତି। ସୁନୀତା କେଜ୍ରିୱାଲ ଶନିବାର ଦିନ ପୂର୍ବ ଦିଲ୍ଲୀ ଲୋକସଭା ନିର୍ବାଚନମଣ୍ଡଳୀରେ ଏକ ରୋଡ୍ ସୋ ସହିତ ନିଜର ଅଭିଯାନ ଆରମ୍ଭ କରିବେ। ଏପ୍ରିଲ ୨୮ ରବିବାର ଦିନ ସୁନୀତା କେଜ୍ରିୱାଲ ପଶ୍ଚିମ ଦିଲ୍ଲୀରେ ଏକ ରୋଡ୍ ସୋ କରିବେ। ଦିଲ୍ଲୀ ବ୍ୟତୀତ ସୁନୀତା ପଞ୍ଜାବ, ହରିୟାଣା ଏବଂ ଗୁଜୁରାଟରେ ମଧ୍ୟ ପ୍ରଚାର କରିବେ। ସୁନୀତା କେଜ୍ରିୱାଲଙ୍କ ନିର୍ବାଚନ ପ୍ରଚାର ସମ୍ପର୍କରେ ଆମ ଆଦ୍‌ମୀ ପାର୍ଟିର ନେତା ତଥା ଦିଲ୍ଲୀ ଶିକ୍ଷା ମନ୍ତ୍ରୀ ଆତିଶୀ ସୂଚନା ଦେଇଛନ୍ତି।

# ଖରା ଛୁଟିରେ +୨ ପିଲାଙ୍କୁ ଦିଆଯିବ ନିଟ୍ ଓ ଜେଇଇ କୋଚିଂ

**ଭୁବନେଶ୍ୱର, ୨୬।୪ :ନ୍ୟୁଜ୍‌ବ୍ୟୁରୋ**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ଖରାଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହି କ୍ରମରେ ରାଜ୍ୟର ସମସ୍ତ +୨ ମହାବିଦ୍ୟାଳୟରେ ମଧ୍ୟ ଶିକ୍ଷାଦାନ ବନ୍ଦ ରହିଛି। ଏହି ସମୟରେ ନିଟ୍ ଓ ଜେଇଇ ଆଶାୟୀଙ୍କ ପାଇଁ ନିୟମିତ ଭାବେ ରବିବାର ଓ ସରକାରୀ ଛୁଟି ଦିବସ ବ୍ୟତୀତ ସକାଳ ୧୦ଟାରେ ଅନଲାଇନ କୋଚିଂ ବା ଶିକ୍ଷାଦାନ କରାଯିବ। ଛୁଟି ସମୟକୁ ସଦୁପଯୋଗ କରିବା ସହ ଶୈକ୍ଷିକ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।



ଛୁଟି ସମୟରେ ଛାତ୍ରଛାତ୍ରୀମାନେ ଶିକ୍ଷା ସହ ଜଡ଼ିତ ହୋଇ ରହିବା ପାଇଁ ସେମାନଙ୍କୁ ହୋମ୍‌ୱାର୍କ ପ୍ରଦାନ କରିବେ ଶ୍ରେଣୀ ଶିକ୍ଷକ। କୌଣସି ବିଷୟରେ ଦ୍ୱନ୍ଦ୍ୱ ଥିଲେ, ସେମାନେ ସେହି ବିଷୟର ଶିକ୍ଷକ ବା ଶ୍ରେଣୀ ଶିକ୍ଷକଙ୍କୁ ଫୋନରେ ଯୋଗାଯୋଗ କରି ସନ୍ଦେହ ଦୂର କରିପାରିବେ। ଆବଶ୍ୟକସ୍ଥଳେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଶ୍ରେଣୀ ଶିକ୍ଷକ ଆଲୋଚନା କରିବେ। ସମଗ୍ର ଖରା ଛୁଟିରେ ଶିକ୍ଷକ ଓ କର୍ମଚାରୀମାନେ ରୋଷ୍ଟର ଡ୍ୟୁଟି କରିବେ। ଏଥିପାଇଁ ସ୍ୱତନ୍ତ୍ର ରେଜିଷ୍ଟରରେ ସମସ୍ତ ତଥ୍ୟ ଉଲ୍ଲେଖ କରାଯିବ। ନାମଲେଖାକୁ ଦୃଷ୍ଟିରେ ରଖି ସକାଳ ସାଢ଼େ ୬ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଅଫିସ ଖୋଲା ରହିବ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ କର୍ମଚାରୀଙ୍କୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ନ ଛାଡ଼ିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ପିକ୍‌ଅପ୍ ଭ୍ୟାନରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

**ନୂଆପଡ଼ା, ୨୬।୪ :ନ୍ୟୁଜ୍‌ବ୍ୟୁରୋ**

ପିକ୍‌ଅପ୍ ଭ୍ୟାନ୍‌ରୁ ୩ ଲକ୍ଷରୁ ଅଧିକ ଟଙ୍କା ଜବତ କରିଛି ପୋଲିସ। ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍‌ରୁ ଛତିଶଗଡ଼ ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୩ ଲକ୍ଷ ୬୯ହଜାର ଟଙ୍କା ଜବତ କରିଛି ପୋଲିସ। ସୀମାନ୍ତରେ ଥିବା ଚେକ୍‌ପୋଷ୍ଟରେ ଯାଞ୍ଚରୁ ଏହି ଟଙ୍କା ଜବତ ହୋଇଛି। ପିକ୍‌ଅପ୍ ଭ୍ୟାନ୍‌ର ମାଲିକ ମହମ୍ମଦ ଅକବର ବୋଲି ଜଣାପଡ଼ିଛି। ମହମ୍ମଦ ଅକବରଙ୍କ ଗାଡ଼ିରୁ ଏହି ଟଙ୍କା ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ଗୁରୁବାର ରାତିରେ ଗାଡ଼ିରୁ ପୋଲିସ ଏତେଗୁଡ଼ିଏ ଟଙ୍କା ଉଦ୍ଧାର କରିଛି। ଗାଡିର ମାଲିକ ମହମ୍ମଦ ଅକବର ଟଙ୍କା ବିଷୟରେ କୌଣସି ଉତ୍ତର ଦେଇ ନ ପାରିବାରୁ ଏହି ଟଙ୍କାକୁ ପୋଲିସ ଜବତ କରିଛି। ଟଙ୍କା କେଉଁଠିକୁ ଯାଉଥିଲା ତାହାର ଛାନବିନ କରୁଛି ପୋଲିସ।




ଭୁବନେଶ୍ୱର: ପ୍ରବଳ ଖରା ପାଇଁ ପରୀକ୍ଷା ଘୁଞ୍ଚାଇବା ଦାବିରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନଙ୍କ ପକ୍ଷରୁ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ। (ଫଟୋ : ସମ୍ବାଦ କଳିକା)

## ବିଜେପି ଛାଡି ବିଜେଡିରେ ସାମିଲ ହେଲେ ଶତାଧିକ କର୍ମୀ



**ଯାଜପୁର, ୨୬।୪ :ନ୍ୟୁଜ୍‌ବ୍ୟୁରୋ**

ବିଜେଡିର ମିଶ୍ରଣ ପର୍ବ। ଯାଜପୁରରେ ବିରୋଧୀ ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି ଶତାଧିକ କର୍ମୀ। କାଳୀମେଘା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନେତା ଓ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସୁଶୀଲ ମହାନ୍ତିଙ୍କ ନେତୃତ୍ୱରେ ଜାହାନପୁର ପଞ୍ଚାୟତର ଶତାଧିକ ବିଜେପି କର୍ମୀ ଓ ଯାଜପୁର ଟାଉନ ପୌରାଞ୍ଚଳର ଅନେକ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶଙ୍କ ପ୍ରତିନିଧି ଭବ ପ୍ରସାଦ ଦାଶ ଦଳୀୟ ଉତ୍ତରୀୟ ଦେଇ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିରେ ସାମିଲ ହୋଇଥିବା କର୍ମୀଙ୍କ ମଧ୍ୟରେ ଯୁବ କର୍ମୀ ଅଭିଷେକ ରାଉତ ଅଛନ୍ତି। ଯାଜପୁରରେ ନିର୍ବାଚନକୁ ନେଇ ରାଜନୀତି ଉଷ୍ମତା ଦେଖିବାକୁ ମିଳିଥିବାବେଳେ ଅନେକ ବିରୋଧୀ ନେତା ଓ କର୍ମୀ ଅସନ୍ତୁଷ୍ଟ ହୋଇ ବିଜେଡିରେ ଯୋଗ ଦେଇଛନ୍ତି।


ସମ୍ପାଦକୀୟ
ପୃଷ୍ଠା-୪
କୃଷି ଅଭିବୃଦ୍ଧି ୧.୨%କୁ ଖସିଲା
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-52 • 24th-30th April 2024 • Bhubaneswar
ଭୁବନେଶ୍ୱରର ୩ ନିର୍ବାଚନମଣ୍ଡଳୀ ମହିଳା ପ୍ରତିନିଧିଶୂନ୍ୟ
ବଢୁଛି ତାତି : ଦେହରୁ କମୁଛି ସୋଡିୟମ୍, ପ୍ରଭାବିତ ହେଉଛି ପିଲାଙ୍କ ଆଖି

## ପୋଲିଙ୍ଗ ବୁଥ୍‌ରୁ ଧରା ହେଲେ ୫୩ ନକଲି ଭୋଟର

**ଉତ୍ତରପ୍ରଦେଶ, ୨୬।୪**

ଦେଶରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ସାମ୍ନାକୁ ଆସିଛି ଏକ ବଡ଼ ଘଟଣା। ପୋଲିଙ୍ଗ ବୁଥ୍‌ରୁ ଧରା ହେଲେ ୫୩ ନକଲି ଭୋଟର। ୟୁପିର ବୁଲନ୍ଦଶହରର ପୋଲିଙ୍ଗ ବୁଥ୍‌ରେ ମତଦାନ କରିବାକୁ ଆସିଥିବା ଏହି ନକଲି ଭୋଟରଙ୍କୁ ଗିରଫ କରି ପଚରାଉଚରା କରୁଛି ପୋଲିସ। ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ସୂଚନା ଅନୁସାରେ, ଏହି ଅଭିଯୁକ୍ତ ଭୋଟରମାନେ ନକଲି ଆଧାର କାର୍ଡ ଏବଂ ନକଲି ଭୋଟର ଆଇଡି କାର୍ଡ ନେଇ ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ। ଯାହା ତଥ୍ୟ ଯାଞ୍ଚ ସମୟରେ ଏସବୁ ନକଲି ବୋଲି ଜଣା ପଡିଥିଲା। ଏହା ପରେ ପୋଲିସ ସମସ୍ତ ନକଲି ଭୋଟରଙ୍କୁ ଗିରଫ କରି ନେଇଛି ଓ ଏହା ପଛର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି।

# ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ, ୨ କିମି ଖଟିଆରେ ବୁହାହେଲେ ଗର୍ଭବତୀ ମହିଳା

**ସୋର, ୨୬।୪ :ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୩୬ ମସିହାରେ ଓଡ଼ିଶାକୁ ଦେଶର ୧ ନମ୍ବର ବିକଶିତ ରାଜ୍ୟ ଭାବେ ଗଢ଼ିବାକୁ ସ୍ୱପ୍ନ ଦେଖୁଥିବା ବେଳେ ବାଲେଶ୍ୱର ଜିଲ୍ଲା ସୋରରୁ ଆସିଛି ଜନନୀ ଯନ୍ତ୍ରଣାର ଚିତ୍ର। ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସିପାରି ନାହିଁ। ଫଳରେ ଜଣେ ଗର୍ଭବତୀ ମହିଳାଙ୍କୁ ୨ କିଲୋମିଟର ପର୍ଯ୍ୟନ୍ତ ଖଟିଆରେ ବୋହି କି ନେବାକୁ ପଡ଼ିଛି।

ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ଗାଁକୁ ରାସ୍ତା ନଥିବାରୁ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ଦୁଇକିମି ବୁହାଯାଇଛି। ସୋର ବ୍ଲକ ଅଧ୍ୟକ୍ଷା ଅନୁସୟା ମଲିକଙ୍କ ପଞ୍ଚାୟତ ତଥା ସୋର ବ୍ଲକ ଅନନ୍ତପୁର ପଞ୍ଚାୟତ ନାଥସାହିରେ ଗତ କିଛିଦିନ ତଳେ ଗାଁର ରାସ୍ତା ସମସ୍ୟାକୁ ନେଇ ଗାଁ ଲୋକେ ଜିଲ୍ଲାପାଳଙ୍କ ଠାରେ ଦ୍ୱାରସ୍ଥ ହୋଇଥିଲେ ଏବଂ ରାସ୍ତା ନିର୍ମାଣ ଓ ସମସ୍ୟାର ସମାଧାନ ନହେଲେ ଭୋଟ ବର୍ଜନର ଚେତାବନୀ ଦେଇଥିଲେ। ଶୁକ୍ରବାର ସକାଳେ ଗ୍ରାମର କେଶବ ନାଥଙ୍କ ସ୍ତ୍ରୀ ସୁରଭି ନାଥଙ୍କ ପ୍ରସବ ଜନିତ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ। ଫଳରେ ପରିବାର ଲୋକେ ସୁରଭିଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୨ ଆମ୍ବୁଲାନ୍ସକୁ ଜଣାଇଥିଲେ। ଆମ୍ବୁଲାନ୍ସ ଆସିଥିଲା ସତ କିନ୍ତୁ ଗାଁକୁ ରାସ୍ତା ନଥିବା କାରଣରୁ ଆଗକୁ ଯାଇପାରି ନଥିଲା। ଗାଁରେ



ପହଞ୍ଚିବାର ୨ କିଲୋମିଟର ଦୂରରେ ଅଟକି ଯାଇଥିଲା। ପରେ ଗ୍ରାମବାସୀଙ୍କ ସହଯୋଗରେ ପରିବାର ଲୋକେ ସୁରଭିଙ୍କୁ ଏକ ଖଟିଆ ଦ୍ୱାରା ଘରଠାରୁ ବୋହିନେଇ ଆମ୍ବୁଲାନ୍ସ ଯୋଗେ ଅନନ୍ତପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଏବେ ସୁରଭି ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡିଛି।

ନାଥସାହିରେ ପାଖାପାଖି ୧୫୦ ପରିବାର ବସବାସ କରୁଛନ୍ତି। ଭୋଟର ସଂଖ୍ୟା ୪୦୦ ପାଖାପାଖି ଅଛନ୍ତି। ତେବେ ଦେଶ ସ୍ୱାଧୀନତାର ୭୬ ବର୍ଷ ପରେବି ଏହି ଗ୍ରାମର ଲୋକେ ମୌଳିକ ଅଧିକାରରୁ ବଞ୍ଚିତ ରହିବା ପରିତାପର ବିଷୟ ଅଟେ। ଏପରିସ୍ଥିତିରେ ପ୍ରଶାସନ ସବୁଜାଣି ନିରବଦ୍ରଷ୍ଟା ସାଜିଥିବା ବେଳେ ମୌଳିକ ସୁବିଧାରୁ ବଞ୍ଚିତ ଥିବା ଗ୍ରାମବାସୀମାନେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନର ଚେତାବନୀ ଦେଇଛନ୍ତି।

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com